ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ମେ ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, May 20/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 174 | ମୂଲ୍ୟ ₹୭/-

GROWTH DEEPLY ROOTED | FALCON AGRIFRIZ FOODS

# A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

## Rooted in Gujarat, Ready for the World.
















FALCON AGRIFRIZ FOODS
(A PART OF FALCON GROUP)

**FALCON AGRIFRIZ FOODS PVT. LTD.**
Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India
Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India
Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India
E-mail: info@falconagrifriz.com | Website: www.just-crave.com

# ବ୍ଲାକ୍‌ଆଉଟ୍ ବେଳେ ପାକିସ୍ତାନ ସହ ସମ୍ପର୍କରେ ଥିଲେ ଜ୍ୟୋତି

**ଚଣ୍ଡିଗଡ଼, ୧୯।୫**

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରିବା ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଓ ଅନ୍ୟ ୩ ଜଣ ସେମାନଙ୍କ ପାକ୍ ପରିଚାଳକମାନଙ୍କ ସହ ନିୟମିତ ଯୋଗସୂତ୍ରରେ ଥିଲେ। ଏପରିକି ନିକଟରେ ଭାରତ, ପାକିସ୍ତାନ ଲଢ଼େଇ ଉତ୍ତର ଭାରତରେ ବ୍ଲାକ୍‌ଆଉଟ୍ କରାଯିବା ସମୟରେ ମଧ୍ୟ ସେମାନେ ପାକିସ୍ତାନର ଗୋଇନ୍ଦା ଅଧିକାରୀଙ୍କ ସହ ସମ୍ପର୍କରେ ରହିଥିଲେ ବୋଲି ସୁରକ୍ଷା ସଂସ୍ଥା ଦାବି କରିଛି।

ଅପରେଶନ ସିନ୍ଦୂରର ଦିନକ ପୂର୍ବରୁ ମେ' ୬ରେ ଜ୍ୟୋତି ନୂଆଦିଲ୍ଲୀ ଯାଇ ପାକ୍ ଦୂତାବାସ ଅଧିକାରୀ ଡାନିସ୍ ଓ ଅନ୍ୟମାନଙ୍କୁ ଭେଟିଥିଲେ। ଅନ୍ୟମାନେ ମଧ୍ୟ ଅନୁରୂପ ଭାବେ ଯୋଗାଯୋଗରେ ଥିଲେ। ଗୁପ୍ତଚର ବୃତ୍ତି ଅଭିଯୋଗରେ ଗତ ୧୩ ତାରିଖରୁ ବର୍ତ୍ତମାନ ସୁଦ୍ଧା ହରିୟାଣା ପୋଲିସ ଉତ୍ତରପ୍ରଦେଶର ପାନିପତ୍‌ରୁ ନୌମାନ ଇଲାହି ନାମକ ଜଣେ ଗାର୍ଡ, କୈଥାଲର ଦେବେନ୍ଦର ସିଂ ଧିଲୋଁ ଏବଂ ନୁହର ଅର୍ମାନଙ୍କ ସମେତ ହିସାରରୁ ଜ୍ୟୋତିଙ୍କୁ ଗିରଫ କରିଛି। ବିଭିନ୍ନ ସୁରକ୍ଷା ସଂସ୍ଥା ସେମାନଙ୍କୁ ଜେରା କରୁଛି। ଏମାନେ ସମସ୍ତେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ପାଇଁ ଗୁପ୍ତଚରଗିରି କରୁଥିଲେ ଏବଂ ଭାରତର ଗୁରୁତ୍ୱପୂର୍ଣ୍ଣ ସାମରିକ ସ୍ଥଳର ସମ୍ବେଦନଶୀଳ ତଥ୍ୟ ପାକିସ୍ତାନ ପଠାଇଥିଲେ।

ଜ୍ୟୋତିଙ୍କ ବିରୋଧରେ ତଦନ୍ତ ଜାରି ରହିଥିବାବେଳେ ତାଙ୍କର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ବ୍ଲକ୍ କରାଯାଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଜ୍ୟୋତି ଅନେକ ଥର ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନକୁ ଯାଇଥିଲେ। ଆତଙ୍କବାଦ ଲିଙ୍କ୍‌କୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତାଙ୍କୁ ଖୁବ୍‌ଶୀଘ୍ର ଜେରା କରିବ ବୋଲି ଆଶା କରାଯାଉଛି।

### ୟୁଟ୍ୟୁବରଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ବ୍ଲକ୍ ହେଲା



ଜ୍ୟୋତି ମାଲହୋତ୍ରା

## ଗୁପ୍ତଚର ବୃତ୍ତି: ୩ ସପ୍ତାହରେ ୧୨ ଗିରଫ

**ନୂଆଦିଲ୍ଲୀ, ୧୯।୫**

ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଇଣ୍ଟରସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗ ଉପରେ ତଦନ୍ତକୁ ବ୍ୟାପକ କରାଯାଇଥିବାବେଳେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ୩ ସପ୍ତାହ ମଧ୍ୟରେ ୧୨ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ବ୍ଲଗର, ବ୍ୟବସାୟୀ, ଗାର୍ଡ ଆଦି ରହିଛନ୍ତି। ହରିୟାଣାରୁ ଅନ୍ୟୂନ ୪ ଜଣ ଗିରଫ ହୋଇଥିବାବେଳେ ପଞ୍ଜାବରୁ ୩ ଓ ଉତ୍ତରପ୍ରଦେଶରୁ ଜଣେ ଗିରଫ ହୋଇଛନ୍ତି। ସୋମବାର ପଞ୍ଜାବ ପୋଲିସ ଗୁର୍‌ଦାସପୁରରୁ ୨ ଜଣଙ୍କୁ ଗିରଫ କରିଛି। ସହଜରେ ଟଙ୍କା ରୋଜଗାର ପାଇଁ ବ୍ଲଗରମାନେ ଭୁଲ୍ ମାର୍ଗ ବାଛୁଥିବା ହିସାର ଏସ୍‌ପି ଶଶାଙ୍କ କୁମାର ସାୱନ କହିଛନ୍ତି। ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ଭାରତୀୟଙ୍କ ମଧ୍ୟରେ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା, ପଟିଆଲା ଖାଲ୍‌ସା କଲେଜର ରାଜନୀତି ବିଜ୍ଞାନ ଛାତ୍ର ଦେବେନ୍ଦର ସିଂ ଧିଲୋଁ, ପାନିପତ୍‌ର ସୁରକ୍ଷା ଗାର୍ଡ ନୌମାନ ଇଲାହି, ହରିୟାଣାର ନୁହରୁ ଗିରଫ ଅର୍ମାନ, ଉତ୍ତରପ୍ରଦେଶ ରାମପୁରର ବ୍ୟବସାୟୀ ଶାହଜାଦ, ଜଲନ୍ଧରରୁ ଗୁଜରାଟ ପୋଲିସ ଦ୍ୱାରା ଗିରଫ ମହମ୍ମଦ ମୁର୍ତ୍ତାଜା ଅଲି, ପଞ୍ଜାବରୁ ଗିରଫ ଗଜଲ ଏବଂ ୟାମିନ୍ ମହମ୍ମଦ ପ୍ରମୁଖ ରହିଛନ୍ତି।

## ନିକୁସୋର୍ ଡାନ୍ ରୋମାନିଆ ରାଷ୍ଟ୍ରପତି ନିର୍ବାଚିତ

**ବୁଚାରେଷ୍ଟ, ୧୯।୫**


ରୋମାନିଆ ରାଷ୍ଟ୍ରପତି ନିର୍ବାଚନରେ ୟୁରୋପୀୟ ସଂଘ ସପକ୍ଷବାଦୀ ବୁଚାରେଷ୍ଟ ମେୟର ନିକୁସୋର ଡାନ୍ ବିଜୟୀ ହୋଇଛନ୍ତି। ରୋମାନିଆର ଦକ୍ଷିଣପନ୍ଥୀ ଜାତୀୟତାବାଦୀ ମାନଙ୍କୁ ପରାସ୍ତ କରିବାରେ ଡାନ୍ ସଫଳ ହୋଇଛନ୍ତି। ଡାନ୍‌ଙ୍କୁ ୫୩.୪ ପ୍ରତିଶତ ଭୋଟ ମିଳିଥିବାବେଳେ ଦକ୍ଷିଣପନ୍ଥୀ ପ୍ରାର୍ଥୀ ଜର୍ଜ ସିମିଅନ୍‌ଙ୍କଠାରୁ ସେ ଆଗରେ ଅଛନ୍ତି। ଉତ୍ତେଜନାପୂର୍ଣ୍ଣ ନିର୍ବାଚନ ମଧ୍ୟରେ ଇୟୁ ସପକ୍ଷବାଦୀ ପ୍ରାର୍ଥୀଙ୍କ ବିଜୟକୁ ଅନେକ ଭୂରାଜନୈତିକ ପସନ୍ଦ ଭାବେ ଦେଖୁଛନ୍ତି। ୫୫ ବର୍ଷୀୟ ଡାନ୍ ଜଣେ ଗଣିତଜ୍ଞ ଏବଂ ପାଶ୍ଚାତ୍ୟ ସପକ୍ଷବାଦୀ ସଂସ୍କାରକ।



ନିକୁସୋର ଡାନ୍

## ସଂକ୍ଷେପରେ

### ବାଇଡେନ୍‌ଙ୍କୁ କ୍ୟାନ୍‌ସର



**ୱାଶିଂଟନ, ୧୯।୫**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍(୮୨) ପ୍ରୋଷ୍ଟେଟ୍ କ୍ୟାନ୍‌ସରରେ ପୀଡ଼ିତ। ଏନେଇ ରବିବାର ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ସପ୍ତାହରେ ସେ ନିଜ ପରିସ୍ରା ସମ୍ବନ୍ଧିତ ଲକ୍ଷଣ ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ରିପୋର୍ଟରେ ସେ କ୍ୟାନ୍‌ସରରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ବାଇଡେନଙ୍କ ପ୍ରୋଷ୍ଟେଟ୍ କ୍ୟାନ୍‌ସର ଗମ୍ଭୀର ସ୍ଥିତିରେ ଥିବା ବେଳେ ଏହା ତାଙ୍କ ହାଡ଼ ପର୍ଯ୍ୟନ୍ତ ବ୍ୟାପିଯାଇଥିବା ଡାକ୍ତର କହିଛନ୍ତି। ତାଙ୍କ ଗ୍ଲିସନ ସ୍କୋର ୯ (ଗ୍ରେଡ୍ ଗ୍ରୁପ୍ ୫ ) ରହିଛି। ପ୍ରକାଶ ଯେ, ୨୦୧୫ରେ କ୍ୟାନ୍‌ସରରେ ପୀଡ଼ିତ ହୋଇ ବାଇଡେନ୍‌ଙ୍କ ପୁଅ ବ୍ୟୁ ବାଇଡେନ୍‌ଙ୍କର ମୃତ୍ୟୁ ହୋଇଯାଇଥିଲା।

### କାର୍‌ରେ ଶ୍ୱାସରୁଦ୍ଧ ହୋଇ ୪ ଶିଶୁ ମୃତ

**ବିଜୟନଗରମ, ୧୯।୫**

ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଦ୍ୱାରାପୁଡ଼ି ଗ୍ରାମରେ ଏକ କାର୍ ମଧ୍ୟରେ ୪ ଶିଶୁ ଖେଳୁଥିବା ସମୟରେ ଏହାକୁ ଲକ୍ କରିଦିଆଯିବାରୁ ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ମୃତ୍ୟୁ ଘଟିଛି। ସମସ୍ତ ମୃତକଙ୍କ ବୟସ ୬ରୁ ୮ ବର୍ଷ ହୋଇଥିବା ଜଣାପଡ଼ିଛି। ସେମାନେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଦ୍ୱାରାପୁଡ଼ି ଆସିଥିଲେ। ପିଲାମାନେ ଖେଳୁ ଖେଳୁ ରାସ୍ତା କଡ଼ରେ ଛିଡ଼ା ହୋଇଥିବା କାର୍‌ରେ ପଶିଯାଇଥିଲେ। ଭିତରେ କେହି ନ ଥିବା ଭାବି ମାଲିକ କାର୍‌କୁ ଲକ୍ କରିଦେଇଥିଲେ।

### 'ସବୁ ହାଇକୋର୍ଟ ବିଚାରପତି ପୂର୍ଣ୍ଣ ପେନ୍‌ସନ ପାଇବାକୁ ହକ୍‌ଦାର'

**ନୂଆଦିଲ୍ଲୀ, ୧୯।୫(ପି.ଟି.)**

ସମସ୍ତ ହାଇକୋର୍ଟ ବିଚାରପତି ଏବଂ ଅତିରିକ୍ତ ବିଚାରପତି ପୂର୍ଣ୍ଣ ପେନ୍‌ସନ ଏବଂ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ବୋଲି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତିମାନେ ପେନ୍‌ସନ ବାବଦରେ ମାସକୁ ୧୫ ଲକ୍ଷ ଟଙ୍କା ପାଇବେ। ପୂର୍ଣ୍ଣ ପେନ୍‌ସନ ପ୍ରଦାନ କରା ନ ଯିବା ସମ୍ବିଧାନର ଅନୁଚ୍ଛେଦ ୧୪ ଅନୁଯାୟୀ ସମାନତା ଅଧିକାରର ଉଲ୍ଲଂଘନ ବିବେଚନା କରାଯିବ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟର ଦିବଂଗତ ଅତିରିକ୍ତ ବିଚାରପତିଙ୍କ ପରିବାର ମଧ୍ୟ ସମାନ ପେନ୍‌ସନ ଓ ସ୍ଥାୟୀ ବିଚାରପତିଙ୍କ ପରିବାର ଭଳି ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ବୋଲି ସିଜେଆଇ କହିଛନ୍ତି।

### ବ୍ରେକ୍ସିଟ୍‌ର ୫ ବର୍ଷ ପରେ ବ୍ରିଟେନ୍, ଇୟୁ ମଧ୍ୟରେ ନୂଆ ଚୁକ୍ତି

**ଲଣ୍ଡନ, ୧୯।୫**

ପ୍ରତିରକ୍ଷା ସହଯୋଗ ବଢ଼ାଇବା, ଖାଦ୍ୟପଦାର୍ଥ ବାଣିଜ୍ୟକୁ ସହଜ ଏବଂ ସୀମାରେ ଯାଞ୍ଚକୁ କୋହଳ କରିବା ପାଇଁ ବ୍ରିଟେନ୍ ସରକାର ୟୁରୋପୀୟ ସଂଘ (ଇୟୁ) ସହ କେତେକ ନୂଆ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ୟୁରୋପୀୟ ୟୁନିୟନ (ବ୍ରେକ୍ସିଟ୍)ରୁ ବ୍ରିଟେନ୍ ଓହରିଯିବାର ୫ ବର୍ଷ ପରେ ଏଭଳି ଚୁକ୍ତିନାମା ହୋଇଛି। ଏହା ବଳରେ ୨୭ ରାଷ୍ଟ୍ରବିଶିଷ୍ଟ ବାଣିଜ୍ୟ ବ୍ଲକ୍ ସହ ବ୍ରିଟେନ୍‌ର ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କ ବଢ଼ିବା ସହ ନାଲିଫିତା ପ୍ରତିବନ୍ଧକ କୋହଳ ହେବ ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର କହିଛନ୍ତି। ନୂଆ ଡିଲ୍ ଯୋଗୁ ବ୍ରିଟେନ୍-ଇୟୁ ପ୍ରତିରକ୍ଷା ଓ ସୁରକ୍ଷା ସହଭାଗିତା ବ୍ରିଟେନ୍‌କୁ ୟୁରୋପୀୟ ସଂଘର ୧୫୦ ବିଲିୟନ ୟୁରୋ ପ୍ରତିରକ୍ଷା ଋଣ ପ୍ରୋଗ୍ରାମରେ ବ୍ରିଟେନ୍ ସାମିଲ ହୋଇପାରିବ। ସୀମା ଦେଇ ଜୈବିକ ଉତ୍ପାଦ ଠାରୁ ଆରମ୍ଭ କରି ଖାଦ୍ୟସାମଗ୍ରୀ ବାଣିଜ୍ୟ ସହଜ କରିବା ପାଇଁ ଯାଞ୍ଚ୍ ବ୍ୟବସ୍ଥା ହଟାଇ ଦିଆଯିବ।



ହିମାଳୟର କାଞ୍ଚନଜଙ୍ଘା ଶୃଙ୍ଗ ଆରୋହଣ କରିଥିବା ଭାରତୀୟ ଓ ନେପାଳୀ ସେନା ଯବାନଙ୍କ ମିଳିତ ଟିମ୍ ଫଟୋ ପୋଜ୍ ଦେଉଛନ୍ତି। ବିଶ୍ୱର ଏହି ତୃତୀୟ ଉଚ୍ଚତମ ଶୃଙ୍ଗ ଆରୋହଣ ପାଇଁ ୨ ଦେଶ ସେନାର ମିଳିତ ଅଭିଯାତ୍ରୀ ଦଳଙ୍କ ଯାତ୍ରାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗତ ମାସ ୩ରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।


## ମଧ୍ୟପ୍ରଦେଶ ମନ୍ତ୍ରୀଙ୍କ ବିରୋଧରେ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୯।୫ (ପି.ଟି.)**

ମହିଳା ସେନା ଅଧିକାରୀ କଲୋନେଲ୍ ସୋଫିୟା କ୍ୟୁରେସୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପାଇଁ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ତାଙ୍କ ବିରୋଧରେ ଦାଏର ମାମଲାର ତଦନ୍ତ ପାଇଁ ୩ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟକୁ ଆମେ ଭିଡିଓରେ ଦେଖିଛୁ। ଏବେ ମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଏକ କୁମ୍ଭୀରକାନ୍ଦଣା ବା ଆଇନର କାଠଗଡ଼ାରୁ ଖସିଯିବା ପାଇଁ ଉଦ୍ୟମ ଭଳି ଲାଗୁଥିବା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି।

ମନ୍ତ୍ରୀ ଶାହଙ୍କ ମନ୍ତବ୍ୟ ସାରା ଦେଶକୁ ଲଜ୍ଜିତ କରିଛି। ଏଥିରେ ଅତ୍ୟନ୍ତ ଖରାପ ଭାଷା ବ୍ୟବହାର କରିଥିବା ଭିଡିଓରୁ ଦେଖିବାକୁ ପାଇଛୁ। ଏଥିପାଇଁ ଆପଣ ଲଜ୍ଜିତ ହେବା ଉଚିତ। ସେନାକୁ ନେଇ ସାରା ଦେଶ ଗର୍ବ ଅନୁଭବ କରୁଥିବାବେଳେ ଆପଣ ଏଭଳି ମନ୍ତବ୍ୟ ଦେଇଛନ୍ତି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଭୁଲ୍‌କୁ ଆପଣ ମାନିଯିବା ଆବଶ୍ୟକ ଥିବାବେଳେ, ଯଦି ମୁଁ ଏଭଳି କହିଥାଏ ତେବେ କ୍ଷମା ମାଗୁଛି ବୋଲି କହିବା କି ପ୍ରକାର କ୍ଷମା ପ୍ରାର୍ଥନା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଜଣେ ଆଇଜି ପାହ୍ୟାର ଅଫିସରଙ୍କ ନେତୃତ୍ୱରେ ୩ ଜଣିଆ ଏସ୍‌ଆଇଟି ଗଠନ କରି ଏତଲାର ତଦନ୍ତ କରାଇବାକୁ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ତଦନ୍ତକାରୀ ଟିମ୍‌ରେ ଜଣେ ମହିଳା ଅଫିସର ରଖିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ସୂଚନାଯୋଗ୍ୟ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗତ ୭ ତାରିଖରେ ଭାରତୀୟ ସେନାର ଅପରେଶନ ସିନ୍ଦୂରର ନେତୃତ୍ୱ ନେଇଥିବା ୨ ମହିଳା ସେନା ଅଧିକାରୀଙ୍କ ମଧ୍ୟରେ କଲୋନେଲ କ୍ୟୁରେସୀ ଅନ୍ୟତମ। ଆତଙ୍କବାଦୀମାନଙ୍କୁ ମାରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଭଉଣୀଙ୍କୁ ପାକିସ୍ତାନ ପଠାଇଥିଲେ ବୋଲି କ୍ୟୁରେସୀଙ୍କୁ ଆକ୍ଷେପ କରି ମନ୍ତ୍ରୀ ଶାହ କହିଥିଲେ।

### କଲୋନେଲ କ୍ୟୁରେସୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ



ବିଜୟ ଶାହ

## ବହୁଦଳୀୟ ପ୍ରତିନିଧି ମଣ୍ଡଳୀରୁ ୟୁସୁଫ୍ ପଠାନ ଓହରିଲେ

**କୋଲକାତା, ୧୯।୫**

ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ ଅପରେଶନ ସିନ୍ଦୂର ସମ୍ପର୍କରେ ବିଭିନ୍ନ ଦେଶକୁ ଅବଗତ କରାଇବା ପାଇଁ କେନ୍ଦ୍ର ସରକାର ଗଠନ କରିଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀରୁ ସୋମବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ୟୁସୁଫ୍ ପଠାନ ଓହରି ଯାଇଛନ୍ତି। ଜେଡିୟୁ ଏମ୍‌ପି ସଞ୍ଜୟ ଝାଙ୍କ ନେତୃତ୍ୱରେ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ ଏବଂ ସିଙ୍ଗାପୁର ଗସ୍ତ କରିବାକୁ ଥିବା ପ୍ରତିନିଧି ଦଳରେ ୟୁସୁଫ୍‌ଙ୍କୁ କେନ୍ଦ୍ର ସରକାର ସାମିଲ କରିଥିଲେ। ତାଙ୍କୁ ସାମିଲ କରିବା ପାଇଁ ଯଦି କେନ୍ଦ୍ରରୁ ଅନୁରୋଧ ଆସେ ତେବେ ବିଚାର କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଆତଙ୍କବାଦ ବିରୋଧରେ କେନ୍ଦ୍ରର ବହିର୍ବ୍ୟାପାର ନୀତିକୁ ଟିଏମ୍‌ସି ସମର୍ଥନ କରୁଛି, କିନ୍ତୁ କେଉଁ ଏମ୍‌ପି ବହୁଦଳୀୟ ପ୍ରତିନିଧି ମଣ୍ଡଳୀରେ ରହିବେ, ସେନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇପାରିବେ ନାହିଁ। ଯେଉଁ ପ୍ରଧାନମନ୍ତ୍ରୀ ଦିନେ ବିଦେଶକୁ ଯାଇ କଂଗ୍ରେସ ଦଳକୁ ଗାଳି ଦେଉଥିଲେ ଏବେ ସେ ନିଜ କୂଟନୈତିକ ମିଶନ ପାଇଁ ବିରୋଧୀ ଦଳଗୁଡ଼ିକର ସାହାଯ୍ୟ ଲୋଡୁଥିବା କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।



## ବିଦେଶୀଙ୍କ ପାଇଁ ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯।୫**

ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ୭ ବର୍ଷ ଜେଲଦଣ୍ଡ ଭୋଗିବା ପରେ ଭାରତରେ ରହିବାକୁ ଚାହୁଁଥିବା ଜଣେ ଶ୍ରୀଲଙ୍କା ନାଗରିକଙ୍କ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ୧୪୦ କୋଟି ଲୋକସଂଖ୍ୟାକୁ ନେଇ ଯୁଝୁଥିବା ଦେଶ ବିଦେଶୀ ନାଗରିକଙ୍କ ପାଇଁ 'ଧର୍ମଶାଳା' ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଶ୍ରୀଲଙ୍କାର ବିଚ୍ଛିନ୍ନତାବାଦୀ ସଂଗଠନ ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ସହ ସମ୍ପୃକ୍ତ ଥିବା ସେଠାରେ ଜଣେ ତାମିଲଙ୍କୁ ୨୦୧୫ରେ ଗିରଫ କରାଯାଇଥିଲା। ୨୦୧୮ରେ ତାମିଲନାଡୁ ଅଦାଲତ ତାଙ୍କୁ ୟୁଏପିଏ ଆଇନରେ ଦୋଷୀସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ୨୦୨୨ରେ ମାଡ୍ରାସ ହାଇକୋର୍ଟ ଦଣ୍ଡାଦେଶକୁ ୭ ବର୍ଷକୁ ହ୍ରାସ କରିବା ସହ ଦଣ୍ଡ ଶେଷ ହେବା ପରେ ତାଙ୍କୁ ତାମିଲ ଶରଣାର୍ଥୀ ଶିବିରରେ ରଖାଯିବ ଏବଂ ଯଥାଶୀଘ୍ର ସମ୍ଭବ ଦେଶରୁ ବିଦା କରିବାକୁ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଓ ପିଲା ଭାରତରେ ରହିଥିବାରୁ ଜେଲଦଣ୍ଡ ଅବଧି ଶେଷ ହେବା ପରେ ସେ ଏଠାରେ ରହିବାକୁ ଚାହୁଁଥିବା ତାଙ୍କ ଓକିଲ ଅଦାଲତଙ୍କୁ ଜଣାଇଥିଲେ। ତେବେ ଭାରତରେ ରହିବାର ତାଙ୍କର ଅଧିକାର ନାହିଁ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିବା ସହ ସାରା ବିଶ୍ୱର ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବା ପାଇଁ ଭାରତ ଏକ ଧର୍ମଶାଳା କି ବୋଲି ପ୍ରଶ୍ନ କରିଥିଲେ। ତେବେ ଏଲ୍‌ଟିଟିଇ ସହ ସମ୍ପୃକ୍ତି ଯୋଗୁ ଶ୍ରୀଲଙ୍କା ଫେରିବା ତାଙ୍କ ପାଇଁ ବିପଜ୍ଜନକ ବୋଲି ଓକିଲ କହିବାରୁ ଅନ୍ୟ କୌଣସି ଦେଶକୁ ଯାଇପାର ବୋଲି ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ମ୍ୟାନ୍‌ମାରକୁ ବିଦାଦେବାକୁ ଥିବା ରୋହିଙ୍ଗ୍ୟା ମୁସଲମାନମାନଙ୍କୁ ଭାରତରେ ରହିବା ପାଇଁ ହୋଇଥିବା ଆବେଦନକୁ ଗତ ୮ ତାରିଖରେ ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଦତ୍ତା ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଖାରଜ କରିଦେବା ସହ ଅନୁରୂପ ପ୍ରଶ୍ନ କରିଥିଲେ। ଭାରତରେ ବସବାସ କରିବା ଅଧିକାର କେବଳ ଭାରତୀୟ ନାଗରିକଙ୍କର। ଏହା ବିଦେଶୀଙ୍କ ପାଇଁ ଉପଲବ୍ଧ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଥିଲେ।

### ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ



## ଫୁରସତ୍


## ଟ୍ୟୁଶନ ଫିଂ' ଫେରସ୍ତ ମାଗିଲେ ଛାତ୍ରୀ

### 'ଚାଟ୍ ଜିପିଟି'ରୁ ନୋଟ୍ସ ଦେଉଥିଲେ ପ୍ରଫେସର




**ୱାଶିଂଟନ**

ଆମେରିକାର ବୋଷ୍ଟନ ସହରରେ ଥିବା ନର୍ଥ ଇଷ୍ଟର୍ନ ୟୁନିଭର୍ସିଟିର ଜଣେ ଛାତ୍ରୀ ତାଙ୍କ ପ୍ରଫେସରଙ୍କ ଉପରେ ଚାଟ୍ ଜିପିଟିର ବ୍ୟବହାର କରି ନୋଟ୍ସ ଦେଉଥିବାର ଅଭିଯୋଗ ଆଣିଛନ୍ତି। ଏଲା ଷ୍ଟାପ୍‌ଲଟନ୍ ନାମ୍ନୀ ଏହି ଛାତ୍ରୀ କହିଛନ୍ତି, ସେ ଜଣେ ବିଜ୍‌ନେସ୍ ଷ୍ଟୁଡେଣ୍ଟ ଭାବେ ନର୍ଥ ଇଷ୍ଟର୍ନ ୟୁନିଭର୍ସିଟିରେ ନାମ ଲେଖାଇଥିଲେ। ଅର୍ଗାନାଇଜେଶ୍‌ନାଲ ବିହେବିୟର୍ ବିଷୟରେ ତାଙ୍କ ପ୍ରଫେସର୍ ଦେଇଥିବା ନୋଟ୍ସ ତାଙ୍କୁ ପ୍ରଥମେ ଅଜବ ଲାଗିଥିଲା। ଉକ୍ତ ନୋଟ୍ସରେ ସେ ଚାଟ୍ ଜିପିଟିର ପ୍ରମ୍ପ୍ଟ 'ଏକ୍ସପାଣ୍ଡ ଇନ୍ ଅଲ୍ ଏରିଆଜ୍, ବି ମୋର ଡିଟେଲ୍ଡ ଆଣ୍ଡ ସ୍ପେସିଫିକ୍'କୁ ଦେଖିବାକୁ ପାଇଥିଲେ। ଚାଟ୍ ଜିପିଟିର ବ୍ୟବହାରରେ ଉକ୍ତ ନୋଟ୍ସ ପ୍ରସ୍ତୁତ ହୋଇଥିବା ନେଇ ତାଙ୍କ ସନ୍ଦେହ ବଢ଼ିଥିଲା। ଫଳରେ ସେ ତାଙ୍କ ପ୍ରଫେସର୍ ଦେଇଥିବା ନୋଟ୍ସକୁ ଗଭୀର ଭାବେ ଅନୁସନ୍ଧାନ କରିଥିଲେ। ଉକ୍ତ ନୋଟ୍ସରେ ଏଆଇ ଜେନେରେଟେଡ୍ ଇମେଜ୍, ବିକୃତ ଫଣ୍ଟ ଏବଂ ଅନେକ ବନାନ ତ୍ରୁଟି ରହିଥିବାରୁ ତାଙ୍କ ପ୍ରଫେସର୍ ଚାଟ୍ ଜିପିଟିରୁ କପିକରି ନୋଟ୍ସ ଦେଉଥିଲେ ବୋଲି ଏଲା କହିଛନ୍ତି। ସେ ନର୍ଥ ଇଷ୍ଟର୍ନ ୟୁନିଭର୍ସିଟିର ବିଜ୍‌ନେସ୍ ସ୍କୁଲରେ ଏନେଇ ଏକ ଅଭିଯୋଗ ଦାଖଲ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ସେ ଦାଖଲ କରିଥିବା ୮ ହଜାର ଡଲାର (ପ୍ରାୟ ୬.୫ ଲକ୍ଷ ଟଙ୍କା) ଟ୍ୟୁଶନ ଫିଂକୁ ତାଙ୍କୁ ଫେରସ୍ତ କରାଯାଉ ବୋଲି ଏଲା ନିଜ ଅଭିଯୋଗରେ ଦାବି କରିଛନ୍ତି।




## ଖୁବ୍‌ଶୀଘ୍ର 'ଦି ଗର୍ଲଫ୍ରେଣ୍ଡ' : ରଶ୍ମିକା

**ହାଇଦ୍ରାବାଦ**

ଅଭିନେତ୍ରୀ ରଶ୍ମିକା ମନ୍ଦାନା ସମ୍ପ୍ରତି ନିଜର ଆଗାମୀ ରୋମାଣ୍ଟିକ ଡ୍ରାମା ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମକୁ ନେଇ ରଶ୍ମିକାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଫିଲ୍ମକୁ ଯଥାଶୀଘ୍ର ରିଲିଜ୍ କରିବା ପାଇଁ ସେମାନେ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ୍ ଆରମ୍ଭ କରିଛନ୍ତି। ଏନେଇ ରଶ୍ମିକା ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ କହିଛନ୍ତି, ପ୍ରିୟ ପ୍ରଶଂସକମାନେ, 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମ ଯଥାଶୀଘ୍ର ରିଲିଜ୍ ହେଉ ବୋଲି ଆପଣମାନେ ଚାହୁଁଛନ୍ତି। ଏଥିପାଇଁ ଆପଣମାନେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ମଧ୍ୟ ଆରମ୍ଭ କରିଛନ୍ତି। 'ଦି ଗର୍ଲଫ୍ରେଣ୍ଡ'ର ପୂରା ଟିମ୍ ପ୍ରତି ଏହା ଆପଣଙ୍କ ଭଲ ପାଇବାକୁ ଦର୍ଶାଉଛି। ସମ୍ପ୍ରତି ନିର୍ଦ୍ଦେଶକ ରାହୁଲ ରବୀନ୍ଦ୍ରନ୍ 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମକୁ ଉତ୍କୃଷ୍ଟ କରିବା ପାଇଁ କଠିନ ପ୍ରୟାସ କରୁଛନ୍ତି। 'ଦି ଗର୍ଲଫ୍ରେଣ୍ଡ' ସମ୍ପୂର୍ଣ୍ଣ ଭାବରେ ଏକ ଚରିତ୍ର ଆଧାରିତ ଫିଲ୍ମ, ଯାହା ଏହାକୁ ଅନ୍ୟ ଫିଲ୍ମଗୁଡ଼ିକଠାରୁ ଅଲଗା କରୁଛି। ଫିଲ୍ମକୁ ଶୀଘ୍ର ରିଲିଜ୍ ନେଇ ପ୍ରଶଂସକଙ୍କ ଟ୍ରେଣ୍ଡ୍ ପରେ ଏହାର ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଯଥାଶୀଘ୍ର 'ଦି ଗର୍ଲଫ୍ରେଣ୍ଡ'କୁ ରିଲିଜ୍ କରାଯିବ ବୋଲି ରଶ୍ମିକା ନିଜ ପ୍ରଶଂସକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। 'ଦି ଗର୍ଲଫ୍ରେଣ୍ଡ' ଏକ ତେଲୁଗୁ ଫିଲ୍ମ ହୋଇଥିବାବେଳେ ଏହାକୁ ହିନ୍ଦୀ, ତାମିଲ, ମାଲୟାଲମ ଏବଂ କନ୍ନଡ଼ ଭାଷାରେ ମଧ୍ୟ ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।



ଧରିତ୍ରୀ
DHARITRI
51 Years





ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଚକଦେରା ନୀତି: ସୋମବାର ଭଉଁରି ଅବସରରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହେବା ପରେ ଭୋଇ ସେବକମାନେ ରଥର ପ୍ରଥମ ଯୋଡ଼ା ଚକକୁ ଅଖ ସହିତ ସଂଯୋଗ କରୁଛନ୍ତି। **(ଫଟୋ- ଯଜ୍ଞେଶ୍ୱର ମହାନ୍ତି)**

# ସାଇବର ଅପରାଧ ରୋକିବ ଇ-ଜିରୋ ଏଫ୍ଆଇଆର୍

**ସାଇବର ଅପରାଧ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ଅପରାଧୀମାନେ ନୂଆ ନୂଆ ଉପାୟରେ ସବୁ ବର୍ଗର ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଅପରାଧ ଘଟାଇ ଖସିଯାଉଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନୂଆ ଇ-ଜିରୋ ଏଫ୍ଆଇଆର୍ ବ୍ୟବସ୍ଥା ଆଣିଛନ୍ତି। ମନ୍ତ୍ରଣାଳୟ ଅଧୀନରେ ଥିବା ଆଇ୪ସି ଏଭଳି ନୂତନ ପଦକ୍ଷେପ ଆଣିଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି।**

ନୂଆଦିଲ୍ଲୀ,୧୯।୫(ପି.ଟି.)

ଦେଶରେ ସାଇବର ଅପରାଧ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଥିବାବେଳେ ଅପରାଧୀଙ୍କୁ ତୁରନ୍ତ ଧରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନୂଆ ଇ-ଜିରୋ ଏଫ୍ଆଇଆର୍ ବ୍ୟବସ୍ଥା ଆଣିଛନ୍ତି। ମନ୍ତ୍ରଣାଳୟ ଅଧୀନରେ ଥିବା

## ଆରମ୍ଭ ହେଲା ନୂଆ ବ୍ୟବସ୍ଥା

ଭାରତୀୟ ସାଇବର ସମନ୍ୱୟ କେନ୍ଦ୍ର (ଆଇସିସିସିସି ବା ଆଇ୪ସି) ଏହି ନୂଆ ଇନିସିଏଟିଭ୍ ଆଣିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର କହିଛନ୍ତି। ଏକ ପାଇଲଟ୍ ପ୍ରକଳ୍ପ ଭାବେ ପ୍ରଥମେ ଦିଲ୍ଲୀରେ ଏହା ଆରମ୍ଭ ହୋଇଛି। ଏହି ନୂଆ ବ୍ୟବସ୍ଥା ନ୍ୟାଶନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ଏବଂ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଦାଏର ସାଇବର ଆର୍ଥିକ ଅପରାଧଗୁଡ଼ିକୁ ସ୍ୱତଃ ଏତଲାରେ ପରିଣତ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅପରାଧ ମାମଲାରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ବ୍ୟବସ୍ଥା ଖୁବ୍‌ଶୀଘ୍ର ସାରା ଦେଶକୁ ସମ୍ପ୍ରସାରିତ ହେବ ବୋଲି ଶାହା କହିଛନ୍ତି। ଅଭୂତପୂର୍ବ ଦ୍ରୁତ ବେଗରେ ଅପରାଧୀଙ୍କୁ ଧରିବା ଏହି ଇ-ଜିରୋ ଏତଲାର ଲକ୍ଷ୍ୟ। ଏହାଦ୍ୱାରା ସାଇବର ଅପରାଧର ମୂଳକୁ ଖୋଜି ବାହାର କରିବା ପାଇଁ ତଦନ୍ତକୁ ଦ୍ରୁତତର କରାଯିବ। ଭାରତକୁ ସାଇବର ସୁରକ୍ଷିତ କରିବା ପାଇଁ କେନ୍ଦ୍ର ସରକାର ସାଇବର ସିକ୍ୟୁରିଟି ଗ୍ରୀଡ୍‌କୁ ମଜଭୁତ କରୁଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ସାଇବର ଅପରାଧ ରୋକିବା ଦିଗରେ ସମନ୍ୱୟ ବଢ଼ାଇବା ପାଇଁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ଆବଶ୍ୟକ ଢାଞ୍ଚା ଓ ବ୍ୟବସ୍ଥା ଯୋଗାଇଦେବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଇ୪ସି ଗଠନ କରିଥିଲା। ସାଇବର ଅପରାଧ ରୋକିବା ଦିଗରେ ଏହା ଏକ ନୋଡାଲ ପଏଣ୍ଟ ଭାବେ କାର୍ଯ୍ୟ କରୁଛି।

# ବାଂଲାଦେଶୀଙ୍କୁ ହଟାଇବା ପ୍ରକ୍ରିୟା ଆରମ୍ଭ : ପୃଥ୍ୱୀରାଜ

ଭୁବନେଶ୍ୱର, ୧୯।୫
(ସୁନିତ୍ ମିଶ୍ର/ସତ୍ୟଜିତ୍ ରାଉତ)

ଓଡ଼ିଶାରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ ହଟେଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ବିଭିନ୍ନ ଏଜେନ୍ସିରେ କାର୍ଯ୍ୟ କରୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯିବ। କୌଣସି ଅଣନାଗରିକ ଏହି ରାଜ୍ୟରେ ରହିପାରିବେ ନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ବାଂଲାଦେଶୀଙ୍କ ହଟ୍‌ସ୍ପଟ୍ ପାଲଟିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ରାଜ୍ୟରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଖୁବ୍‌ଶୀଘ୍ର ବିଦା କରାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ନୋଡାଲ ଏଜେନ୍ସି ଭାବେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ(ଏସ୍‌ଟିଏଫ୍) ଏହାର ଦାୟିତ୍ୱ ନେଇଛି। ସେମାନଙ୍କୁ ଚିହ୍ନଟ ପାଇଁ ସବୁ ଜିଲା ଅଧିକାରୀ, ତଟସୁରକ୍ଷା ବାହିନୀ ସହ ସମସ୍ତ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବାଂଲାଦେଶୀ ଚିହ୍ନଟ ପାଇଁ ଜୋର୍‌ଦାର ଧରପଗଡ଼ କରାଯାଉଛି।

ଏ ନେଇ ଏସ୍‌ଟିଏଫ୍ ଡିଆଇଜି ପିନାକ୍ ମିଶ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରିବା ସକାଶେ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଜିଲା ପୋଲିସ, ଗୋଇନ୍ଦା ଏଜେନ୍ସି ଆଦି ସମସ୍ତଙ୍କ ସହ ନିୟମିତ ସମନ୍ୱୟ ରକ୍ଷା କରି ଏ ଦିଗରେ କାର୍ଯ୍ୟ କରାଯାଉଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ଏସ୍‌ଟିଏଫ୍ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ପ୍ରମାଣ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆଇଜି କହିଛନ୍ତି।

ସୂଚନାଯୋଗ୍ୟ, ପହଲଗାମ୍‌ରେ ୨୬ ଭାରତୀୟ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବେଆଇନ ଭାବେ ଦେଶରେ ରହି ଆସିଥିବା ଅଣଭାରତୀୟଙ୍କୁ ବିଦା କରିବାକୁ ଯୋଜନା ଆରମ୍ଭ ହୋଇଥିଲା। ଏହାପରଠାରୁ ଭାରତର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀ ଦୀର୍ଘବର୍ଷ ଧରି ରହିଆସିଥିବା ପାକିସ୍ତାନୀ ଓ ବାଂଲାଦେଶୀ ନାଗରିକଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସେହିକ୍ରମରେ ଓଡ଼ିଶାରେ ସେମାନଙ୍କୁ ଚିହ୍ନଟ କରି ବିଦା କରିବାକୁ ରାଜ୍ୟ ସରକାର ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ସେମାନଙ୍କ ରାଶନ କାର୍ଡ କାଟିବା ଲାଗି ମଧ୍ୟ କିଛିଦିନ ତଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯାଇଛି।

**ଆଜିର ସମ୍ପାଦକୀୟ**

**ଯୌଥ ପରିବାର କାଳ**

**ଆଜିର ମନ୍ତବ୍ୟ**

"ମୋଦି ଦିନେ ବିଦେଶକୁ ଯାଇ କଂଗ୍ରେସକୁ ଗାଳି କରୁଥିଲେ। ଏବେ ବିଦେଶରେ କୂଟନୈତିକ ମିଶନ ପାଇଁ ସେ କଂଗ୍ରେସର ସାହାଯ୍ୟ ଲୋଡ଼ୁଛନ୍ତି।"
- **ଜୟରାମ ରମେଶ, କଂଗ୍ରେସ ନେତା**

# ୨୮ରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)

**ପୋଲାଭରମ ପ୍ରକଳ୍ପ ବିବାଦ**

**ଯୋଗଦେବେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ର, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ**

ପୋଲାଭରମ ପ୍ରକଳ୍ପ ବିବାଦ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ଏହି ବୈଠକ ବସିବ। ଏହି ବୈଠକରେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ରାଜ୍ୟର ମୁଖ୍ୟମନ୍ତ୍ରୀ ସାମିଲହେବେ ବୋଲି ଜଣାପଡ଼ିଛି। ଜଳସେଚନ ଓ ଜଳ ନିୟନ୍ତ୍ରଣ ଉପରେ ଏହି ଅବସରରେ ଆଲୋଚନା ହେବ। ଏହାସହ ଏହି ପ୍ରକଳ୍ପ କାରଣରୁ ଜଳମଗ୍ନ ☞ପୃଷ୍ଠା-୨

# ଭୁବନେଶ୍ୱରରେ ଯୁବତୀଙ୍କୁ ଏସିଡ୍ ମାଡ଼ ଧମକ

ଭୁବନେଶ୍ୱର,୧୯।୫(ସତ୍ୟଜିତ ରାଉତ)

**ଏକତରଫା ପ୍ରେମ**

ଏକତରଫା ପ୍ରେମରୁ ଯୁବକଙ୍କ ଉନ୍ମତ୍ତ କାଣ୍ଡ। ଯୁବତୀଙ୍କ ଫଟୋ ଭାଇରାଲ୍ କରିବା ସହ ବ୍ଲାକମେଲ୍ କଲେ। ବିବାହ କରିବାକୁ ଯୁବତୀ ରାଜି ନ ହେବାରୁ ପ୍ରତିଶୋଧ ପରାୟଣ ହୋଇ ଏସିଡ୍ ଆଟାକ୍ କରିବାକୁ ଧମକ ଦେଇ ଉଠାଇ ନେବାକୁ ଜଣେ ଯୁବକ ଉଦ୍ୟମ କରିଛନ୍ତି। ଭୁବନେଶ୍ୱର ଶହୀଦନଗର ସାଇମନ୍ଦିର ସାମ୍ନାରେ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଶହୀଦନଗର ପୋଲିସ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ଅଭିଯୁକ୍ତ ହେଲେ କଣ୍ଟାବାଡ଼ ଅଞ୍ଚଳର ସୁନୀଲ କୁମାର ସେଠୀ। ଭିଏସ୍‌ଏସ୍ ନଗର ପଥରବନ୍ଧ ବସ୍ତିର ପୀଡ଼ିତା ଯୁବତୀଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୪୦/୨୦୨୫) ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁନୀଲଙ୍କ ଜଣେ ସମ୍ପର୍କୀୟ ଭଉଣୀ ଶହୀଦନଗରରେ ଟେଲରିଂ ଶିଖୁଥିଲେ। ସେଠାରେ ପୀଡ଼ିତା ମଧ୍ୟ ଟେଲରିଂ ଶିଖୁଥିଲେ। ପରେ ପୀଡ଼ିତା ଓ ସୁନୀଲଙ୍କ ମଧ୍ୟରେ ଇନ୍‌ଷ୍ଟାଗ୍ରାମରେ ସମ୍ପର୍କ ହୋଇଥିଲା। ସମୟକ୍ରମେ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା। ସୁନୀଲ ବିବାହିତ ହୋଇଥିବାବେଳେ ତାଙ୍କର ଦାମ୍ପତ୍ୟ ଜୀବନରେ ମତାନ୍ତର ହୋଇଥିଲା। ସୁନୀଲଙ୍କ ସ୍ତ୍ରୀ ୩ ମାସ ହେବ ବାପଘରକୁ ମଧ୍ୟ ଚାଲିଯାଇଛନ୍ତି। ଏପଟେ ସୁନୀଲ ପୀଡ଼ିତାଙ୍କୁ ବିବାହ କରିବାକୁ ଚାପ ପକାଉଥିଲେ। ଉଭୟଙ୍କ ଫଟୋକୁ ଏଡିଟ୍ କରି ସୋସିଆଲ ମିଡିଆରେ ଭାଇରାଲ କରି ବ୍ଲାକମେଲ୍ କରୁଥିଲେ। ବ୍ଲାକ୍‌ମେଲ୍ ନ କରିବାପାଇଁ ପୀଡ଼ିତା ୫୦ହଜାର ଟଙ୍କା ମଧ୍ୟ ସୁନୀଲଙ୍କୁ ଦେଇଥିଲେ। ବର୍ଷେ ହେବ ପୀଡ଼ିତାଙ୍କୁ ସୁନୀଲ ଏଭଳି ବ୍ଲାକମେଲ୍ କରି ଆସୁଥିଲେ। ୪ରୁ ୫ ଦିନ ତଳେ ସୁନୀଲ ଭେଟିବା ସହ ଏସିଡ୍ ଆଟାକ୍ କରିବାକୁ ପୀଡ଼ିତା ଯୁବତୀଙ୍କୁ ଧମକ ଦେଇଥିଲେ। ମୋର ନୁହେଁ ତ ଆଉ କାହାର ନୁହେଁ ବୋଲି କହିଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ପୀଡ଼ିତା ଘରୁ ଶହୀଦନଗର ଯିବା ବାଟରେ ସୁନୀଲ ତାଙ୍କୁ ଅଟକାଇଥିଲେ। ସାଇ ମନ୍ଦିର ସାମ୍ନାରେ ସୁନୀଲ ତାଙ୍କୁ ଏସିଡ୍ ପକାଇବାକୁ ଧମକ ଦେଇଥିଲେ। ଏପରି କି ସୁନୀଲଙ୍କ ଜଣେ ସାଙ୍ଗ ହାତରେ ରଡ୍ ଓ ଅନ୍ୟଜଣେ ସାଙ୍ଗଙ୍କ ହାତରେ ଏକ ଛୋଟ ବୋତଲରେ ଏସିଡ୍ ଥିଲା ବୋଲି ଯୁବତୀ କହିଛନ୍ତି। ତେବେ ସେହି ସମୟରେ ପୀଡ଼ିତା ଜୀବନ ବଞ୍ଚାଇ ଦୌଡ଼ିବା ସହ ସ୍ଥାନୀୟ ଲୋକଙ୍କ ସହାୟତା ନେଇଥିଲେ। ପୋଲିସ ଟିମ୍ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ଅପରପକ୍ଷରେ ପୀଡ଼ିତାଙ୍କ ଭାଇ ଓ ଅନ୍ୟମାନେ ସୁନୀଲଙ୍କୁ ମାରପିଟ୍ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଘଟଣାର ବିଭିନ୍ନ ଦିଗ ପ୍ରତି ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁଚିତ୍ର ଦାସ କହିଛନ୍ତି।

# ପାକିସ୍ତାନ ଟାର୍ଗେଟରେ ଥିଲା ସ୍ୱର୍ଣ୍ଣ ମନ୍ଦିର

**ସବୁ ଡ୍ରୋନ୍, ମିଶାଇଲ୍‌କୁ ଖସାଇଥିଲା ଭାରତ ଏୟାର ଡିଫେନ୍ସ**



ଅମୃତସର,୧୯।୫

ଜମ୍ମୁ-କଶ୍ମୀରର ପହଲଗାମ୍‌ର ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଗତ ୭ ତାରିଖରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା। ଏହା ପରଦିନ ପାକିସ୍ତାନୀ ସେନା ପଞ୍ଜାବ ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିରକୁ ଡ୍ରୋନ୍ ଓ ମିଶାଇଲ୍‌ରେ ଟାର୍ଗେଟ କରିଥିଲା ବୋଲି ସୋମବାର ୧୫ତମ ଇନ୍‌ଫାଣ୍ଟ୍ରି ଡିଭିଜନ୍‌ର ଜେନେରାଲ ଅଫିସର କମାଣ୍ଡିଂ ମେଜର ଜେନେରାଲ କାର୍ତ୍ତିକ ସି. ଶେଷାଦ୍ରୀ କହିଛନ୍ତି। ତେବେ ପାକିସ୍ତାନର ସମସ୍ତ ମିଶାଇଲ୍ ଓ ଡ୍ରୋନ୍‌କୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇ ଦେଇଥିଲା। ଅମୃତସରରେ ଗଣମାଧ୍ୟମକୁ ସୂଚନା ଦେଇ ଶେଷାଦ୍ରୀ କହିଛନ୍ତି, ଅପରେଶନ ସିନ୍ଦୂର ପରେ ପାକିସ୍ତାନୀ ସେନା ଭାରତର ସାମରିକ ସ୍ଥଳ ସହ ଜନବସତି ଅଞ୍ଚଳ ଏବଂ ସ୍ୱର୍ଣ୍ଣ ମନ୍ଦିର ଭଳି ଧର୍ମୀୟ ସ୍ଥଳକୁ ଟାର୍ଗେଟ କରି ଆକ୍ରମଣ କରିବା ନେଇ ଭାରତୀୟ ସେନା ଆଶଙ୍କା କରିଥିଲା। ସେଥିରୁ ସ୍ୱର୍ଣ୍ଣ ମନ୍ଦିର ପ୍ରମୁଖ ସ୍ଥଳ ଥିବାରୁ ତାହାକୁ ସୁରକ୍ଷା ଦେବା ପାଇଁ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ୍ ପଠାଯାଇଥିଲା। ଭାରତ ଖସାଇଥିବା ପାକିସ୍ତାନୀ ଡ୍ରୋନ୍ ଏବଂ ମିଶାଇଲ୍‌ର ଭଗ୍ନାବଶେଷକୁ ଜେନେରାଲ ଶେଷାଦ୍ରୀ ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରିଛନ୍ତି। ସ୍ୱର୍ଣ୍ଣ ମନ୍ଦିର ସମେତ ପଞ୍ଜାବର ଗୁରୁତ୍ୱପୂର୍ଣ୍ଣ ସ୍ଥଳକୁ ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତୀୟ ସେନା ଅତ୍ୟାଧୁନିକ ଏଲ୍-୭୦ ଏୟାର ଡିଫେନ୍ସ ଗନ୍ ଏବଂ ଆକାଶ ମିଶାଇଲ୍ ସିଷ୍ଟମ୍ ମୁତୟନ କରିଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ୪ ଶ୍ରମ କୋଡ୍ ବାତିଲ ଦାବିରେ ଏଆଇଟିୟୁସି ପକ୍ଷରୁ ଶୋଭାଯାତ୍ରା ଏବଂ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ: ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଏମ୍‌ସି ମୁଖ୍ୟଦପ୍ତର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସମନ୍ୱୟ ଓଡ଼ିଶା ପୂର୍ବପ୍ରାନ୍ତ ଦ୍ୱାରା ଶୌର୍ଯ୍ୟଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ମାସିକ ସାହିତ୍ୟ ଆଲୋଚନା, ସ୍ଥାନ: ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ପ୍ରଫେସର ରାଧାକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ସୁନୟନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପଦ୍ମାବତୀ ଉତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଗଣ ବିକ୍ଷୋଭ, ସ୍ଥାନ: କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ତିରଙ୍ଗା ପଦଯାତ୍ରା, ସ୍ଥାନ: ଚୌଦ୍ୱାର ତଳବଜାର, ସମୟ: ଅପରାହ୍ନ ୪ଟା।
- ଶ୍ରୀ ଶ୍ରୀ ରାଧାକାନ୍ତଜୀଉ, ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଓ ଚାପ ଖେଳ, ସ୍ଥାନ: ଚୌଦ୍ୱାର ଚଷାପଡା, ସମୟ: ସନ୍ଧ୍ୟା ୬ଟା।
- କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଖୋର୍ଦ୍ଧା ଟାଇକୋଣ୍ଡୋ ଆସୋସିଏଶନ ପକ୍ଷରୁ ୬ଷ୍ଠ ଖୋର୍ଦ୍ଧା ଜିଲା ଟାଇକୋଣ୍ଡୋ ଚାମ୍ପିୟନଶିପ୍ ଏବଂ ଏକାଦଶ କଲର ବେଲ୍ଟ ଟେଷ୍ଟ-୨୦୨୫, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ସକାଳ ୬ଟା।
- ଦଶମହାବିଦ୍ୟା ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ମା'ଦୁର୍ଗା ମନ୍ଦିର, ଦୁର୍ଗା ମାର୍କେଟ, ରାଜବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ବାମପନ୍ଥୀ ସଙ୍ଗଠନ ପକ୍ଷରୁ ସାଧାରଣ ସଭା, ସ୍ଥାନ: କଚେରି ବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ସହ ପ୍ରଭାରୀ ଶାହାନୱାଜ ଚୌଧୁରୀଙ୍କ ଜିଲା କଂଗ୍ରେସକୁ ସମ୍ବୋଧନ, ସ୍ଥାନ: କେନ୍ଦୁଝର ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ଷ୍ଟାଡିୟମ ବାରିପଦା, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ମୟୂର ସେବା ମୋବାଇଲ ଆପ୍‌ର ଶୁଭ ଉଦଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ଢେଙ୍କାନାଳ

- ଅପରେଶନ ସିନ୍ଦୂର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ-ଢେଙ୍କାନା ଜିଲା ଯୋରନ୍ଦାସ୍ଥିତ ମହିମାଗାଦି, ସମୟ-ଅପରାହ୍ନ ୪ଟା।
- ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଭିନ୍ନ ଦାବିରେ ସିଟୁ ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

## ନୟାଗଡ଼

- ଚନ୍ଦନଯାତ୍ରାର ଅନ୍ତିମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଲଡ୍ଡୁବାବାଙ୍କ ଚନ୍ଦନଯାତ୍ରା ଅନ୍ତିମ ଦିବସ, ସ୍ଥାନ: ଶରଣକୁଳ ଲଡ୍ଡୁବାବାଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅନ୍ତିମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଅନ୍ତିମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ରବି ଧାନ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ଆରଏମ୍‌ସି ୟାର୍ଡ଼ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ରବି ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର ଆର୍‌ଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ବୈଠକ, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ମାଁ ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା, ସ୍ଥାନ: ସରଗୁଡ଼ା ଗ୍ରାମ ଠାକୁରାଣୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ଗଣେଷ ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚିଙ୍ଗୁଡ଼ିବୁଆ, ନନ୍ଦପୁର, ସମୟ: ସକାଳ ୭ଟା।
- ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: ସୀମାଦ୍ରି ମଣ୍ଡପ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ମାଲକାନଗିରି ଜିଲା କୋର୍ଟ ପରିସରରେ ଲିଗାଲ ସେମିନାର, ସ୍ଥାନ: ଜିଲା କୋର୍ଟ ପରିସର, ସମୟ: ଅପରାହ୍ନ ୪ ଟା ।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷ୍ମୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା ।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ମ୍ୟୁନିସିପାଲିଟି ଅଫିସ ପରିସର, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଜିଲା ଓକିଲ ସଂଘ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ଓକିଲ ସଂଘ ପରିସରସ୍ଥ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ : ସକାଳ ୮ଟା ।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା ।
- ପ୍ରାକ୍ତନ ନିତି ଆୟୋଗ ସିଇଓ ଅମିତାଭ କାନ୍ତଙ୍କ ସମଲେଇ ମନ୍ଦିର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୯ଟା ।
- ଜାତୀୟସ୍ତରୀୟ ବକ୍ତୃତାମାଳା, ସ୍ଥାନ: ଆଇଆଇଏମ ସମ୍ବଲପୁରସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ପ୍ରାକ୍ତନ ନୀତି ଆୟୋଗ ସିଇଓ ଅମିତାଭ କାନ୍ତଙ୍କ ବାଖ୍ୟାନମାଳା କାର୍ଯ୍ୟକ୍ରମ, ସ୍ଥାନ : ବୁର୍ଲା ଭିସୁଟ ସ୍ଥିତ ବିଜୁ ପଟ୍ଟନାୟକ ଇ-ଲର୍ନିଙ୍ଗ ସେଣ୍ଟର, ସମୟ : ମଧ୍ୟାହ୍ନ ୧୨ଟା ।
- କୁଲଥକାନୀ ନାଗରିକ କମିଟି ଆୟୋଜନରେ ସ୍ୱାଧିନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ଜୟନ୍ତି, ସ୍ଥାନ : କୁଲୁଥକାନୀ କମ୍ୟୁନିଟି ସେଣ୍ଟର, ସମୟ : ସନ୍ଧ୍ୟା ୬ଟା ।
- ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ୧୫୩ତମ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।

## ରାଉରକେଲା

- ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଶ୍ରା ଛକ, ରାଉରକେଲା, ସମୟ: ସକାଳ ୮ଟା।
- ଶୀତଳପଡା ବସ୍ତିବାସୀଙ୍କ ୱାଟ୍‌କୋ ଅଫିସ ଘେରାଉ, ସ୍ଥାନ: ୱାଟକୋ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୃହସ୍ଥୀ ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧୪, ନନ୍ଦଗାଁ, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ:ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## କଳାହାଣ୍ଡି

- ଭାଜପା କୃଷକ ମୋର୍ଚ୍ଚାର ଧନ୍ୟବାଦ କାର୍ଯ୍ୟକ୍ରମ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା
- ଦର୍ପଣ ସାଗରରେ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଦର୍ପଣ ସାଗର ପଡା, ସମୟ: ସକାଳ ୮ଟା।
- ୧୧ତମ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ପରିସର, ସମୟ: ସକାଳ ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହିର ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମାରୱାଡ଼ି ଯୁବା ମଞ୍ଚ ଦେବଗଡ ପକ୍ଷରୁ ନିଶୁଳ୍କ ଦିବ୍ୟାଙ୍ଗ ଶିବିର, ସ୍ଥାନ: ମାରୱାଡ଼ି ଧର୍ମଶାଳା, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ: ପ୍ରାତଃ ୪ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଡେଡେଙ୍ଗା ଗାଁ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ପାରିବାରିକ ଅଶାନ୍ତି ସାଙ୍ଗକୁ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିହେବ। ବ୍ୟବସାୟ, ରାଜନୀତି, ସଭାସମିତି, ଜମିଜମା କାରବାର ପାଇଁ ଅସୁବିଧା ହେବନାହିଁ। ସନ୍ତାନଙ୍କ ଅଶାନ୍ତ ମନ ଦେଖି ଚିନ୍ତିତ ହେବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଜରିଆରେ ଶୁଭଖବର ପାଇ ଖୁସି ହୋଇପାରନ୍ତି।

**ବୃଷ** ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ଅକୁଣ୍ଠ ସମର୍ଥନ କର୍ମପ୍ରବାହକୁ ଗତିଶୀଳ କରାଇବ। ଅର୍ଥନୈତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ଆମଦାନୀ, କଳା କାରିଗରି କ୍ଷେତ୍ରରେ ସଫଳତା ପାଇବେ। ବିବାଦୀୟ ପରିସ୍ଥିତି, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ନିଶ୍ଚିତ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ଆଶା କରାଯାଇପାରେ।

**ମିଥୁନ** ମନ ଭିତରର ରାଗ ଓ ଜିଦ୍ ମାତ୍ର ଟିକିଏ ଗେହ୍ଲା କଥାରେ ପାଣିଫୋଟକା ପରି ମିଳାଇଯିବ। ବିଭିନ୍ନ ଦିଗରୁ ସାହାଯ୍ୟ ଓ ସମର୍ଥନ ପାଇଲେ ମଧ୍ୟ ଆଜିର କାମ ସମ୍ପନ୍ନ ନ ହୋଇପାରେ। ଇଚ୍ଛା ନ ଥିଲେ ମଧ୍ୟ ଅର୍ଥବ୍ୟୟର ସମ୍ଭାବନା ରହିଛି। ମୃଗଶିରା ନକ୍ଷତ୍ରର ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବା ଆଶା ରହିଛି।

**କର୍କଟ** ଆଜି ବନ୍ଧୁଙ୍କ ସହୃଦୟତା ଏବଂ ପାରିବାରିକ ସଦ୍‌ଭାବ କୌଣସିଥିରେ ଅଭାବ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ରର କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ସୂଚନା ରହିଛି। ସନ୍ତାନହେତୁକ ଗୌରବରୁ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ର, ଲୋକ ସମ୍ପର୍କ, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟିହେବ।

**ସିଂହ** ନିଜଲୋକଙ୍କୁ ମନାଇ ଅଭିଳଷିତ କାମ ଆଗକୁ ବଢ଼ାଇବାରେ କୌଶଳ କାମକୁ ଆସିବ। ବିଶିଷ୍ଟ ବ୍ୟକ୍ତଙ୍କ ସାନ୍ନିଧ୍ୟ, ଉଚ୍ଚ ପଦପଦବୀ ଓ ବୈଷୟିକ ସୁଖ, ସମୃଦ୍ଧି ଯୋଗୁ ମନ ଖୁସି ରହିବ। ଅଦାଲତ, ଧାର୍ମିକ କାର୍ଯ୍ୟ ଓ ସତ୍‌ସଙ୍ଗ କ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ଉତ୍ତରାଫାଲ୍‌ଗୁନୀ ସାହିତ୍ୟ, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଧୈର୍ଯ୍ୟ ଓ ସାହସ କାମ ହାସଲ ପାଇଁ ପ୍ରେରଣା ଯୋଗାଇବ। ବ୍ୟବସାୟ, ଯାତ୍ରା, ସରକାରୀ ଓ ରାଜନୈତିକ କ୍ଷେତ୍ରରେ ଆପଣଙ୍କ ପତିଆରା ବୃଦ୍ଧି ପାଇବ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି ମାମଲା କ୍ଷେତ୍ରରେ ସଙ୍କଟ ଉପୁଜିପାରେ। ବନ୍ଧୁଙ୍କ ମଧ୍ୟରେ ମତଭେଦ ଯୋଗୁ କୌଣସି କଥାର ମୀମାଂସା ହୋଇ ନ ପାରେ।

**ତୁଳା** ଗ୍ରହ ସ୍ଥିତିର ବିଷମତାଜନିତ ବୃଥା ଆଶା ଓ ଅଭିଳାଷ ଅଶାନ୍ତିର କାରଣ ହେବ। ଏଣେ ସମ୍ପର୍କୀୟ ପୁରୁଣା କଥାକୁ କେନ୍ଦ୍ରକରି ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ସନ୍ତୁଷ୍ଟ ରହିବେ। ସ୍ୱାତୀ ନକ୍ଷତ୍ର ସଙ୍ଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା** ପାଇଥିବା ଜିନିଷ ହରାଇ ମନସ୍ତାପ କରିପାରନ୍ତି। କିନ୍ତୁ ଅନୁରାଧା ନକ୍ଷତ୍ର ବୈଷୟିକ ସୁଖ, ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧିରୁ ଖୁସି ରହିବେ। ମାଲିମକଦ୍ଦମା, ଜମିଜମା କାରବାର, ନିର୍ମାଣକାର୍ଯ୍ୟ ଧିମେଇଯିବା ସୂଚନା ରହିଛି। ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି, ମୂଲ୍ୟବାନ୍ ଜିନିଷର କିଣାବିକା କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ଧନୁ** ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ଆତ୍ମୀୟସ୍ୱଜନଙ୍କ ନିକଟରୁ ସହାନୁଭୂତି ମଧ୍ୟ ହରାଇବେ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଅବଶ୍ୟ ପୂର୍ବାଷାଢ଼ା ନକ୍ଷତ୍ରକୁ ଅର୍ଥ ଓ ସମ୍ମାନ ମିଳିବ ଏବଂ ବ୍ୟବସାୟିକ ଉନ୍ନତି ମଧ୍ୟ କରିବେ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟଭାଷଣରୁ ନିବୃତ୍ତ ରହିବା ଭଲ ହେବ।

**ମକର** ପିଲାଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପ ସୁସମ୍ପର୍କରେ ବାଧା ସୃଷ୍ଟି କରିପାରେ। ଅର୍ଥ ସଙ୍କଟ ଦୂରହେବା ସାଙ୍ଗକୁ ଟେକ୍‌ନିକାଲ କାମରେ ବିଶେଷ ସୁବିଧା ପାଇପାରିବେ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ପରିବାର କିମ୍ବା କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସୁସମ୍ପର୍କ ରହି ନ ପାରେ।

**କୁମ୍ଭ** ବହୁ ଦିନରୁ ଗଡ଼ି ଗଡ଼ି ଆସୁଥିବା ଋଣ, ପୁରୁଣା ରୋଗର ପୀଡ଼ା ଏବଂ ପିଛା ଛାଡୁ ନ ଥିବା ଶତ୍ରୁତା ଯୋଗୁ ଚିନ୍ତିତ ରହିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁଫଳ ପାଇବେ। କୌଶଳ ଅବଲମ୍ବନକରି ସ୍ଥଗିତ କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ। ଧନିଷ୍ଠା ପରିବାରରେ ଛୋଟ କଥାକୁ ଧରିଲେ ସମସ୍ୟା ନିମନ୍ତ୍ରଣ କରିବେ।

**ମୀନ** ଆଜି ଠିକ୍ ବିଚାରଧାରା ଅଭାବରୁ ଭୁଲ୍ କରି ଅନୁତାପ କରିପାରନ୍ତି। ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇବାରେ ବିଳମ୍ବ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତହେବ। ରେବତୀ ନକ୍ଷତ୍ର କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

ଆଜି ମେ ୨୦ ତାରିଖ, ଶ୍ରୀକ୍ଷେତ୍ରେ ହଳଦୀପାଣି, ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ମଙ୍ଗଳବାର। ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୩ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୮ ଗତେ, ଘ.୦୪।୩୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାୟା ଚଢ଼େଇର କି ଯାଏ,**
**ବା' କଲେ ବସା ଦୋହଲୁଥାଏ ।**

ବାୟା ଚଢ଼େଇ ସାଧାରଣତଃ ବଡ ଓ ଦମ୍ଭିଲା ଗଛ ଦେଖି ବସା ବାନ୍ଧି ରହିଥାଏ। ଯେତେ ଜୋରରେ ଝଡ ବର୍ଷା ହେଲେ ମଧ୍ୟ ପବନରେ ବସା କେବଳ ଦୋହଲିବା ଛଡ଼ା ଆଉ କିଛି କ୍ଷତି ଘଟି ନ ଥାଏ। ପରୋକ୍ଷରେ ସଂସାରର ସୁଖ-ଦୁଃଖ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହେବା ବା କୌଣସି ବିଷୟ ପ୍ରତି ଚିନ୍ତା ଦକ ରଖୁ ନ ଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଂଝ ମାଇପର କି ସମ୍ପତ୍ତି,**
**ହଳଦୀ କାଠୁଆ କଜ୍ଜଳ ପାତି ।**

ଯେଉଁ ମହିଳାମାନଙ୍କର ପିଲାପିଲି ନ ଥାଏ ବା ହୋଇ ନ ।ଥାଏ, ସେମାନଙ୍କ ସେଥିନେଇ ସେଭଳି କିଛି ଜଞ୍ଜାଳ ନ ଥାଏ। ବିଶେଷ କିଛି ଦାୟିତ୍ୱ ବା କାର୍ଯ୍ୟ ହାତରେ ନ ଥିବା ସ୍ଥଳେ ନିଜକୁ ସଜେଇ ହେବାକୁ ଅଥବା ସୌନ୍ଦର୍ଯ୍ୟ ପ୍ରସାଧନରେ ଅଧିକ ସମୟ ଦେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୁଟାନ ଗସ୍ତରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ

### ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ ଲେବର ମୋବିଲିଟି କନ୍‌ଫରେନ୍ସରେ ଭାରତରୁ ପ୍ରତିନିଧିତ୍ୱ କରିବେ

**ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)**

ବିଶ୍ୱ ବ୍ୟାଙ୍କ ଦ୍ୱାରା ଆୟୋଜିତ ଦକ୍ଷିଣ ଏସିଆ ଲେବର ମୋବିଲିଟି କନ୍‌ଫରେନ୍ସରେ ଯୋଗଦେବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭୁଟାନ ଗସ୍ତରେ ଯାଇଛନ୍ତି। ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ଦକ୍ଷିଣ ଏସିଆ ଲେବର ମୋବିଲିଟି କନ୍‌ଫରେନ୍ସ ଭୁଟାନର ଥିମ୍ପୁଠାରେ ବିଶ୍ୱ ବ୍ୟାଙ୍କ ଦ୍ୱାରା ଆୟୋଜିତ ହେଉଛି। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭାରତରୁ ପ୍ରତିନିଧିତ୍ୱ କରିବେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ବର୍ତ୍ତମାନ ଓଡ଼ିଶାର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଅଧ୍ୟକ୍ଷ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱ ବ୍ୟାଙ୍କ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଏଥିରେ ଯୋଗଦାନ ଦାଦନ ଶ୍ରମିକ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା, ନୀତି ନିରୂପଣ କରିବାରେ ବିଶେଷ ସହାୟକ ହେବ। ତାଙ୍କ ସହ ଶ୍ରମିକ ଓ କର୍ମଚାରୀ ରାଜ୍ୟ ବୀମା ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ ଗସ୍ତ କରିଛନ୍ତି। ଭୁଟାନ, ମଧ୍ୟପ୍ରାଚ୍ୟ ରାଷ୍ଟ୍ର, ଉତ୍ତର ଆଫ୍ରିକା, ଇଟାଲୀ, ଅଷ୍ଟ୍ରେଲିଆ, ଆରବ ଦେଶ, ଫିଲିପାଇନ୍ସ, ପପୁଆ ନିଉ ଗିନି, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ, ଜାମାଇକା, ବାଂଲାଦେଶରୁ ପ୍ରତିନିଧି, ବିଶ୍ୱ ବ୍ୟାଙ୍କର ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସମେତ ପ୍ରାୟ ୧୦୦ ଜଣ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।

# 'ସୁଗମ ନିର୍ବାଚନ' ନେଇ ସଞ୍ଚାଳନା କମିଟିର ପ୍ରଥମ ବୈଠକ | ଦିବ୍ୟାଙ୍ଗଙ୍କ ଭୋଟ୍ ଦେବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)**

ନିର୍ବାଚନ ସମୟରେ ଦିବ୍ୟାଙ୍ଗମାନେ ଯେପରି ସହଜରେ ବୁଥ୍‌କୁ ଆସି ସେମାନଙ୍କ ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଆୟୋଗ ଆର୍.ଏସ୍. ଗୋପାଳନ କମିଟିର ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଇସିଆଇର ମାର୍ଗଦର୍ଶିକା ଅନୁଯାୟୀ, ସୋମବାର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସମ୍ମିଳନୀ କକ୍ଷରେ 'ସୁଗମ ନିର୍ବାଚନ' ନେଇ ସଞ୍ଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ନିର୍ବାଚନ ବୁଥ୍‌ରେ ଦିବ୍ୟାଙ୍ଗଙ୍କ ଲାଗି ର୍‍ୟାମ୍ପ, ସୂଚନାଫଳକ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ଆଇଇସି ଜରିଆରେ ସଚେତନତା ସୃଷ୍ଟି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଯୋଗ ଏବଂ ନିର୍ବାଚନରେ ଦିବ୍ୟାଙ୍ଗମାନଙ୍କ ସୁବିଧା ଲାଗି କେଉଁ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ନିଲୁ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ଶାସନ ସଚିବ ରଜନୀ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଧାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତା ପରିଷଦର ଚିଠି

### ମହାନଦୀ ବିବାଦ

**ଭୁବନେଶ୍ୱର, ୧୯।୫ (ବନ୍ଦନା ସେଠୀ)**

ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ପୋଲାଭରମ ପ୍ରକଳ୍ପର ସମୀକ୍ଷା କରିବେ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼କୁ ନେଇ ଉପୁଜିଥିବା ଏହି ଆନ୍ତଃରାଜ୍ୟ ବିବାଦ ନେଇ ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆସନ୍ତା ୨୮ ତାରିଖରେ ଆଲୋଚନା କରିବେ। ପୋଲାଭରମ୍‌କୁ ନେଇ ଦେଖାଦେଇଥିବା ଆନ୍ତଃରାଜ୍ୟ ବିବାଦ ସମାଧାନ କ୍ଷେତ୍ରରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଛି। ଓଡ଼ିଶାର ୧୬ଟି ଜିଲାର ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣ ମହାନଦୀ ପାଣି ଉପରେ ନିର୍ଭରଶୀଳ। କୃଷି, ଶିଳ୍ପ, ଶକ୍ତି ଉତ୍ପାଦନ ଓ ପାନୀଜୟ ଜଳ ପାଇଁ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ମାତ୍ର ଦୀର୍ଘ ୨୦ ବର୍ଷ ହେଲା ଓଡ଼ିଶାକୁ ନ ଜଣାଇ କେନ୍ଦ୍ର ଜଳ ଆୟୋଗର ସମସ୍ତ ନିୟମକୁ ବେଖାତିର କରି ଛତିଶଗଡ଼ ସରକାର ମହାନଦୀ ଓ ତା'ର ଶାଖାନଦୀ, ଉପନଦୀ ଉପରେ ଛୋଟବଡ଼ ଶତାଧିକ ବ୍ୟାରେଜ୍ ନିର୍ମାଣ କରିଛନ୍ତି। ଫଳରେ ମହାନଦୀକୁ ଯେତିକି ପାଣି ଆସିବା କଥା ତାହା କମିଯାଇଛି। ବିଶେଷତଃ ଅଣମୌସୁମୀ ଋତୁରେ ମହାନଦୀର ଉପରମୁଣ୍ଡରୁ ଆଦୌ ପାଣି ଆସୁନାହିଁ। ମହାନଦୀ ଏକ 'ମରୁ ନଦୀ'ରେ ପରିଣତ ହେବା ସହ ହୀରାକୁଦ ଏକ ମୃତ ରିର୍ଜଭର ପାଲଟି ଯାଇଛି। ଏହାକୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରିବା ସହିତ ମହାନଦୀ ଜଳ ବିବାଦର ଆପୋସ ସମାଧାନ କରିବାକୁ ପରିଷଦର ଆବାହକ ରବି ବେହେରା ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ୨୮ରେ ପ୍ରଧାନମନ୍ତ୍ରୀଙ୍କ ...

ହେବାକୁଥିବା ଗାଁଗୁଡ଼ିକରେ ବସବାସ କରୁଥିବା ଗ୍ରାମବାସୀଙ୍କ ଥଇଥାନ ନେଇ ଆଲୋଚନା ହୋଇପାରେ ବୋଲି ଜଣାପଡ଼ିଛି। ସୁବ୍ୟବସ୍ଥିତ ଭାବେ ଯେପରି ଏହି ପ୍ରକଳ୍ପ ହୋଇପାରିବ ସେନେଇ ବିଶେଷଜ୍ଞଙ୍କ ସହ ମଧ୍ୟ ଆଲୋଚନା ହେବ। ବୈଠକରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, ପୋଲାଭରମ ପ୍ରକଳ୍ପର ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ।

ପୋଲାଭରମ ପ୍ରକଳ୍ପ ନେଇ ଦୀର୍ଘଦିନ ଧରି ବିବାଦ ଲାଗିରହିଛି। ଗୋଟିଏପଟେ ଆନ୍ଧ୍ର ପକ୍ଷରୁ ପୋଲାଭରମ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଦେବା ନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ଓଡ଼ିଶାର ମାଲକାନଗିରିର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବାକୁ ଥିବାରୁ ଚିନ୍ତା ବଢ଼ିଛି। ଏନେଇ ଉପୁଜିବାକୁ ଥିବା ସମସ୍ୟାର ସମାଧାନ ନେଇ ଆଲୋଚନା କରିବା ପାଇଁ ଆସନ୍ତା ୨୮ରେ ପ୍ରଧାନମନ୍ତ୍ରୀ ବୈଠକ ଡାକିଛନ୍ତି। ଅନ୍ୟପଟେ ପୋଲାଭରମ ପ୍ରକଳ୍ପ କାରଣରୁ ଓଡ଼ିଶାର ଅନେକ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ଏବେ କେନ୍ଦ୍ର ଏବଂ ରାଜ୍ୟରେ ଭାଜପାଶାସିତ ସରକାର ରହିଛି। ଏହାସହ ଆନ୍ଧ୍ରରେ ମଧ୍ୟ ଭାଜପା ସମର୍ଥିତ ସରକାର ଚାଲିଛି। ତେଣୁ ପୋଲାଭରମ ପ୍ରକଳ୍ପ ନେଇ ଉପୁଜିଥିବା ସମସ୍ୟାର ସମାଧାନ ତୁରନ୍ତ କରିବା ଲାଗି ରାଜ୍ୟ ସରକାରଙ୍କ ଉପରେ ବିରୋଧୀ ଚାପ ପକାଉଛନ୍ତି। ଏହି ଅବସରରେ ମହାନଦୀ ଉପରେ ଛତିଶଗଡ଼ ସରକାର କରିଥିବା ବ୍ୟାରେଜ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।




# ମହିଳା ପିଇଟି, ଡାଟା ଏଣ୍ଟ୍ରି ଅପରେଟର ଗିରଫ

## ବଳାତ୍କାର ପୀଡ଼ିତାଙ୍କ ସହାୟତା ରାଶି ଠକେଇ ଘଟଣା

**କଟକ,୧୯।୫(କାର୍ତ୍ତିକ ସାହୁ)**

ନରସିଂହପୁର ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ପୀଡ଼ିତାଙ୍କୁ ଭୟଭୀତ କରାଇ ତାଙ୍କୁ ମିଳିଥିବା ଅନୁକମ୍ପାମୂଳକ ସହାୟତା ରାଶିରୁ ୧.୧ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଲାଲ୍‌ବାଗ୍ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଢ଼ାଡିହସ୍ଥିତ ଜନତା ନୋଡାଲ ବିଦ୍ୟାପୀଠର ମହିଳା ପିଇଟି ସଙ୍ଗୀତା ସିଂହ(୩୮) ଏବଂ ଜିଲା ୱେଲଫେୟାର ଅଫିସର ଡାଟା ଏଣ୍ଟ୍ରି ଅପରେଟର ଅମୀୟ କୁମାର ସାହୁ (୪୫)। ସଙ୍ଗୀତାଙ୍କୁ ରବିବାର ଏବଂ ଅମୀୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ୍ ଓ ମୋବାଇଲରେ ଥିବା ବିଭିନ୍ନ ବ୍ୟାଙ୍କିଂ କାରବାରର ସ୍କ୍ରିନ୍ ଶର୍ଟ ଜବତ କରାଯାଇଛି। ଠକେଇ ସମ୍ପର୍କରେ ପୀଡ଼ିତା ଗତ ଶନିବାର ଲାଲ୍‌ବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୦୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ଗିରଫ ଅଭିଯୁକ୍ତ।

ସୂଚନାନୁସାରେ, ନାବାଳିକା ପୀଡ଼ିତାଙ୍କୁ ଜିଲା ୱେଲଫେୟାର କାର୍ଯ୍ୟାଳୟରୁ ଗତ ମାର୍ଚ୍ଚ ୨୩ରେ ଅନୁକମ୍ପାମୂଳକ ରାଶି ୩.୭୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୁକ୍ତ ଅମୀୟ ଉକ୍ତ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରନ୍ତି। ସେ ଅନ୍ୟତମ ଅଭିଯୁକ୍ତ ସଙ୍ଗୀତାଙ୍କ ସହ ମିଶି ପୀଡ଼ିତା ନାବାଳିକାଙ୍କ ସହାୟତା ରାଶି ହାତେଇବାକୁ ଯୋଜନା କରିଥିଲେ। ସଙ୍ଗୀତା ନିଜକୁ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଭାବେ ପରିଚୟ ଦେଇ ପୀଡ଼ିତାଙ୍କୁ ଫୋନ୍ କରି ତାଙ୍କୁ ଅଧିକ ୧.୧ ଲକ୍ଷ ଟଙ୍କା ଦିଆଯାଇଥିବା କହିଥିଲେ। ତୁରନ୍ତ ଅଧିକ ଦିଆଯାଇଥିବା ଲକ୍ଷେ ଟଙ୍କା ଫେରସ୍ତ ନ କଲେ ସମ୍ପୂର୍ଣ୍ଣ ଟଙ୍କା ତାଙ୍କ ଆକାଉଣ୍ଟରୁ ନେଇଯିବେ ବୋଲି ଧମକ ଦେଇଥିଲେ। ଏଥିରେ ପୀଡ଼ିତା ଡରିଯାଇଥିଲେ। ଫଳରେ ଫୋନ୍ କଲ୍‌ରେ ଥିବା ମହିଳାଙ୍କୁ କିପରି ଟଙ୍କା ଫେରାଇବି ବୋଲି ପଚାରିଥିଲେ। ମହିଳାଙ୍କ କହିବା ଅନୁଯାୟୀ ଦୁଇଟି ୟୁପିଆଇ ଆକାଉଣ୍ଟକୁ ୪୯ ହଜାର ଟଙ୍କା ଲେଖାଏ ପଠାଇଥିଲେ। ପୁନର୍ବାର ଆଉ ଏକ ଆକାଉଣ୍ଟକୁ ୧୨ ହଜାର ଟଙ୍କା ପଠାଇ ଦେଇଥିଲେ। ପୀଡ଼ିତା ଟଙ୍କା ପଠାଇ ପରେ ଯେଉଁ ଫୋନ ନମ୍ବରରୁ କଲ ଆସିଥିଲା ସେହି ନମ୍ବରରେ ବାରମ୍ବାର ଫୋନ କରିବା ପରେ ବି ସୁଇଚ ଅଫ୍ ବୋଲି ଉତ୍ତର ଆସିଥିଲା। ଫଳରେ ସେ ଠକାମୀର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ। ପରେ ସେ ଶନିବାର ଏ ନେଇ ଲାଲ୍‌ବାଗ ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ପୋଲିସ ତଦନ୍ତ କରୁଛି।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢ଼ିଛି: ମୋହନ

**ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୧ତମ ପାଳି ସୋମବାର ଶେଷହୋଇଛି। ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା, ଦୁଃଖ ଶୁଣିବା ସହ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ହଜାରେ ଅଭିଯୋଗକାରୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକୃତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସିଙ୍ଗଲ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଚିକିତ୍ସା ଖର୍ଚ୍ଚ ପାଇଁ ମୋଟ୍ ୧୪ ଜଣଙ୍କୁ ସମୁଦାୟ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମପାଖକୁ ଆସୁଛନ୍ତି। ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆଗାମୀ ଦିନରେ ଆଞ୍ଚଳିକସ୍ତରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦଶମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୨୩୪ଟି ଅଭିଯୋଗ ମଧ୍ୟରୁ ୮,୭୧୩ଟି ଅଭିଯୋଗର ସମାଧାନ କରାଯାଇଛି, ଯାହା ଶତକଡ଼ା ୮୫%।



**ନୂଆ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ୧୧ତମ ଅଭିଯୋଗ ଶୁଣାଣି**
- ୧୪ ଜଣଙ୍କୁ ୧୩ ଲକ୍ଷ ୫୦ ହଜାର ସହାୟତା ପ୍ରଦାନ
- ୧୦,୨୩୪ ଅଭିଯୋଗ ମଧ୍ୟରୁ ୮,୭୧୩ର ସମାଧାନ ସରିଛି
- ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ ୬ ମନ୍ତ୍ରୀ

ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, କୃଷ୍ଣଚନ୍ଦ୍ର ମହାପାତ୍ର, ନିତ୍ୟାନନ୍ଦ ଗଣ୍ଡ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ ବଳ ସାମନ୍ତ, ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଛନ୍ତି।

# ୨୪ ଯାଏ କାଳବୈଶାଖୀ ବର୍ଷା

**ଭୁବନେଶ୍ୱର, ୧୯।୫ (ଅନୁରାଧା ମହାରଣା)**

ରାଜ୍ୟରେ ଆସନ୍ତା ୫ ଦିନ ଅର୍ଥାତ୍ ୨୩ ତାରିଖ ଯାଏ କାଳବୈଶାଖୀ ପ୍ରଭାବରେ ବର୍ଷା ସମ୍ଭାବନା ରହିଛି। ଅନେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ୧୫ ଜିଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବଲାଙ୍ଗୀର ଓ ନୂଆପଡ଼ାକୁ ବର୍ଷା ଏବଂ ବଜ୍ରପାତ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖରେ ୯ ଜିଲା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି ଓ ଗଞ୍ଜାମରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେହିପରି ୨୨ ତାରିଖରେ ୧୬ ଜିଲା, ୨୩ ଓ ୨୪ ତାରିଖରେ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ପାଇଁ ବୈଠକ

**ଭୁବନେଶ୍ୱର, ୧୯।୫ (ସୌମ୍ୟରଞ୍ଜନ ରାଉତ)**

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଓ ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକ ବସିଥିଲା। ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଲେଖକ, ସଙ୍ଗୀତଜ୍ଞ ପ୍ରମୁଖ ଯୋଗଦେଇ ମତ ଓ ପ୍ରସ୍ତାବ ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ପ୍ରତିବର୍ଷ ନିୟମିତ ଭାବରେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ବିଚାରକମଣ୍ଡଳୀ ସଦସ୍ୟ ଓ ଅଧ୍ୟକ୍ଷ ଚୟନ ଉପରେ ଆଲୋଚନା ହୋଇଥିଲା। କଳା ଓ ଚଳଚ୍ଚିତ୍ରଜଗତ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ଏବଂ ଯୁବ କଳାପ୍ରେମୀଙ୍କୁ ବିଚାରକମଣ୍ଡଳୀରେ ସାମିଲ କରିବା, ପୁରସ୍କାର ରାଶି ବୃଦ୍ଧି, ବର୍ତ୍ତମାନ ୩୩ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଆଗକୁ ଅଧିକ ବର୍ଗକୁ ସାମିଲ କରିବା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଲାଗି ସ୍ୱତନ୍ତ୍ର ୱେବ୍‌ସାଇଟ୍ ତିଆରି ଏବଂ ପୁରସ୍କାର ପାଇଥିବା ସମସ୍ତ ଚଳଚ୍ଚିତ୍ର ଓ କଳାକାରଙ୍କ ବିବରଣୀକୁ ଏଥିରେ ସ୍ଥାନିତ କରିବା ନେଇ ଆଲୋଚନା କରାଯାଇଥିଲା। ଏହିସହିତ ନୂତନ ଚଳଚ୍ଚିତ୍ର ନୀତିର (ଫିଲ୍ମ ପଲିସି) କରିବା, ଚଳଚ୍ଚିତ୍ର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ, କଳିଙ୍ଗ ଷ୍ଟୁଡ଼ିଓର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ କରିବା, ପ୍ରେକ୍ଷାଳୟ ବୃଦ୍ଧି, ସୁଲଭ ମୂଲ୍ୟରେ ଟିକେଟ୍, ସ୍ୱତନ୍ତ୍ର ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା, ଓଟିଟି ଏବଂ ଡିଜିଟାଲ କଣ୍ଟେଣ୍ଟକୁ ପ୍ରୋତ୍ସାହନ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦିଗରେ ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତାଙ୍କ ସମେତ ଅଭିନେତା ଅରିନ୍ଦମ ରାୟ, ଶ୍ରୀତମ ଦାସ, ସବ୍ୟସାଚୀ ମିଶ୍ର, ହରିହର ମହାପାତ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପିଙ୍କି ପ୍ରଧାନ, ଅନୁ ଚୌଧୁରୀ, ସଙ୍ଗୀତଜ୍ଞ ଦେବାଶିଷ ମହାପାତ୍ର, ପଞ୍ଚାନନ ନାୟକ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



- ମତ, ପ୍ରସ୍ତାବ ଦେଲେ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଲେଖକ, କଳାକାର
- ପ୍ରତିବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନକୁ ଗୁରୁତ୍ୱ


# ଜଳଖିଆରେ ରହିବ 'ପାଲୁଅ ଲଡୁ'

## ସରକାରୀ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ଭଦ୍ରକ,୧୯।୫(ସନାତନ ରାଉତ)**

ଭଦ୍ରକ ଜିଲାରେ ସମସ୍ତ ସରକାରୀ କାର୍ଯ୍ୟକ୍ରମ ଓ ବୈଠକରେ ବଣ୍ଟନ କରାଯାଉଥିବା ଜଳଖିଆରେ ରହିବ 'ପାଲୁଅ ଲଡୁ'। ଏନେଇ ଜିଲାପାଳ ଦିଲୀପ ରାଉତରାଏ ସୋମବାର ଜିଲାର ସମସ୍ତ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ନଂ. ୩୩୨ରେ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ତହସିଲଦାର, ବିଡିଓ, ନିର୍ବାହୀ ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଭଦ୍ରକ ଜିଲାର ଏକ ସ୍ୱାଦିଷ୍ଟ ମିଷ୍ଟାନ୍ନ ଭାବେ ପାଲୁଅ ଲଡୁ ଘରେ ଘରେ ପରିଚିତ। ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଜିଲାର ପାରମ୍ପାରିକ ଖାଦ୍ୟ ହିସାବରେ ପାଲୁଅ ଲଡୁକୁ ଗୁରୁତ୍ୱ ଦେବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଜିଲାପାଳ ରାଉତରାଏ କହିଛନ୍ତି।


ପାଲୁଅ ଲଡୁ।




# ଏକ୍ସପାଏରି ଖାଦ୍ୟସାମଗ୍ରୀ ବିକ୍ରି ଅଭିଯୋଗରେ ୧ ଲକ୍ଷ ଜରିମାନା

**ରାୟଗଡ଼ା,୧୯।୫(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ାରେ ଏକ୍ସପାଏରି ଖାଦ୍ୟସାମଗ୍ରୀ ବିକ୍ରିକରି ଲୋକଙ୍କ ଜୀବନ ସହ ଖେଳୁଛି ବିଶାଲ ମେଗା ମାର୍ଟ। ଏହି ଶପିଂ ମଲ୍ ଲୋକଙ୍କୁ ଏକ୍ସପାଏରି ଖାଦ୍ୟସାମଗ୍ରୀ ବିକ୍ରି କରିଥିବା ଅଭିଯୋଗ ଆସିବା ପରେ ସୋମବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଶାଲ ଷ୍ଟୋର ଯାଞ୍ଚ କରାଯାଇ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏଥିସହିତ ଏକ୍ସପାଏରି ସାମଗ୍ରୀ ବିକ୍ରି ନେଇ ନୋଟିସ ମଧ୍ୟ ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ରାୟଗଡ଼ା ସହରର ସଂଗ୍ରାମ କେଶରୀ ପଟ୍ଟନାୟକ ଗତ ୧୪ ତାରିଖରେ ବିଶାଲ ମେଗା ମାର୍ଟକୁ ବିଭିନ୍ନ ସାମଗ୍ରୀ କ୍ରୟ କରିବାକୁ ଯାଇଥିଲେ। ସାଧାରଣ ଦୋକାନ ଅପେକ୍ଷା ବିଶାଲ ମେଗା ମାର୍ଟରେ ଅଧିକ ରିହାତି ମିଳୁଥିବାରୁ ସଂଗ୍ରାମ ସେଠାକୁ ଯାଇ ସ୍ନାକ୍ସ କିଣିଥିଲେ। ତେବେ ସେ ଘରକୁ ଯାଇ ଦେଖିବାବେଳେ ଉକ୍ତ ସ୍ନାକ୍ସ ପ୍ୟାକେଟ୍‌ର ବ୍ୟବହାର ଅବଧି ୧୨।୦୫।୨୦୨୫ରୁ ସରିଯାଇଛି। ଏହାପରେ ସେ ବିଶାଲ ଷ୍ଟୋରକୁ ଯାଇ ସେଠାକାର ମ୍ୟାନେଜରଙ୍କୁ ଏକ୍ସପାଏରି ସାମଗ୍ରୀ ବିକ୍ରି କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଆମ ଷ୍ଟୋରରୁ ଏହା ବିକ୍ରି କରାଯାଇନାହିଁ ବୋଲି ଷ୍ଟୋର ମ୍ୟାନେଜର ସନ୍ଦୀପ ଶତପଥୀ କହିଥିଲେ। ସଂଗ୍ରାମ ସମସ୍ତ ସାମଗ୍ରୀର ବିଲ୍ ଥିବା କହିବାରୁ ମ୍ୟାନେଜର ତାଙ୍କୁ ନାଲିଆଖି ଦେଖାଇଥିବା ସେ ଅଭିଯୋଗ କରିଛନ୍ତି। ସୋମବାର ଏ ନେଇ ସଂଗ୍ରାମ ଗଣମାଧ୍ୟମକୁ ଜଣାଇବା ସହିତ ଖାଦ୍ୟ ନିରାପତ୍ତା ବିଭାଗ ନିରୀକ୍ଷକ ଜ୍ୟୋତିପ୍ରକାଶ ସୋରେନଙ୍କୁ ଫୋନ୍‌ରେ ଅଭିଯୋଗ କରିଥିଲେ। ଖାଦ୍ୟ ନିରୀକ୍ଷକ ସୋରେନ୍ ବିଶାଲ ଷ୍ଟୋରରେ ପହଞ୍ଚି ଯାଞ୍ଚ କରିବା ସହିତ ଉକ୍ତ ଷ୍ଟୋରକୁ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

ପ୍ରକାଶଥାଉ କି, ୨୦୨୪ରେ ସନ୍ତୋଷୀ ସେନାପତି ନାମ୍ନୀ ଜଣେ ମହିଳା ବିଶାଲ ମେଗା ମାର୍ଟରୁ ଏକ ବିସ୍କୁଟ ପ୍ୟାକେଟ୍ କିଣିଥିଲେ। ସେ ଘରକୁ ଯାଇ ଉକ୍ତ ପ୍ୟାକେଟ୍‌ରେ ପ୍ରିଣ୍ଟ ରହିଥିବା ମୂଲ୍ୟଠାରୁ ଅଧିକ ଦାମ୍ ନେଇଥିବା ବିଲ୍‌ରୁ ଜାଣିବା ପରେ ସେ ରାୟଗଡ଼ା ଜିଲା ଖାଉଟି ଅଦାଲତରେ ଲିଖିତ ଅଭିଯୋଗ କରିଥିଲେ। ଖାଉଟି ଅଦାଲତର କେସ୍ ନଂ.୧୦୦/୨୪ରେ ମାମଲା ରୁଜୁକରି ବିଶାଲ ମେଗା ମାର୍ଟର ଅଧିକାରୀଙ୍କୁ ନୋଟିସ ଜାରି କରିଥିଲେ। ଉକ୍ତ ମାମଲା ବର୍ତ୍ତମାନ ବିଚାରାଧୀନ ଥିବା ସନ୍ତୋଷୀ ସୂଚନା ଦେଇଛନ୍ତି। ଏକ୍ସପାଏରି ସାମଗ୍ରୀ ବିକ୍ରିକରି ବିଶାଲ ମେଗା ମାର୍ଟ ଲୋକଙ୍କ ଜୀବନ ସହ ଖେଳୁଛି ବୋଲି ବରିଷ୍ଠ ଖବରଦାତା ସୁରେଶ ଦାସ ଅଭିଯୋଗ କରିବା ସହିତ ଏ ନେଇ ଦୃଢ଼ ପଦକ୍ଷେପ ପାଇଁ ଦାବି କରିଛନ୍ତି।


ଖାଦ୍ୟ ନିରାପତ୍ତା ନିରୀକ୍ଷକ ଜ୍ୟୋତିପ୍ରକାଶ ସୋରେନ୍ ଜରିମାନା କରୁଛନ୍ତି।

**ଗ୍ରାହକଙ୍କୁ ଠକୁଛି ବିଶାଳ ମେଗା ମାର୍ଟ**
- ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନୋଟିସ
- ଖାଉଟି ଅଦାଲତରେ ମାମଲା ବିଚାରାଧୀନ

# କିନ୍ନର ପୂଜକଙ୍କୁ ପିଟି ହତ୍ୟା ଅଭିଯୋଗ, ୨ ଅଟକ

**ସୁନାବେଡ଼ା,୧୯।୫(କୃତ୍ତିବାସ ପ୍ରଧାନ)**

ସୁନାବେଡ଼ା ଥାନା ଅନ୍ତର୍ଗତ କାକିଗାଁ ପରଜା ସାହିରେ ଜଣେ କିନ୍ନର ପୂଜକଙ୍କୁ ରବିବାର ସନ୍ଧ୍ୟାରେ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କାକିଗାଁ ପରଜାସାହିର ଶଙ୍କର ରାନ୍ଧି(୫୦)। ଏନେଇ ତାଙ୍କ ଭାଇ ସଞ୍ଜିତ ସୁନାବେଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏତଲା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୮ଟାରେ ଶଙ୍କରଙ୍କୁ ତାଙ୍କ ଗାଁର ଦେବ ବଦଳିଗୁଡ଼ିଆ ଓ ତାଙ୍କ ମାମୁ ଲକ୍ଷ୍ମୀଧର ନାୟକ ଘରୁ ଟାଣି ନେଇ ଠେଙ୍ଗାରେ ପିଟି ପିଟି ହତ୍ୟା କରି ଘର ଆଗରେ ଫିଙ୍ଗିଦେଇଥିଲେ। ଖବର ପାଇ ସୁନାବେଡ଼ା ଥାନା ଅଧିକାରୀ ସୁଷ୍ମା କୁହଁର ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ସୁନାବେଡ଼ା ଥାନାରେ କେସ୍ ନଂ.୯୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୋଲିସ ଦେବ ଓ ତାଙ୍କ ମାମୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ କୁହଁର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶଙ୍କର ଜଣେ କିନ୍ନର ପୂଜକ ଥିବା ବେଳେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ରହିଛି।


ଶଙ୍କର ରାନ୍ଧି



ଏହି ଘନୀଭୂତ ଓ ଜଡ଼ୀଭୂତ ଜଡ–ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ– ଏକମାତ୍ର ଉଦ୍ଦେଶ୍ୟ। –ଶ୍ରୀଅରବିନ୍ଦ

-ଉତ୍କଳେ ଭଉଁରି ଓ ଶ୍ରୀକ୍ଷେତ୍ରେ ହଳଦୀ ପାଣି



# ଯୌଥ ପରିବାର କାଳ

ଭାରତରେ ଯେତେବେଳେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ଉପରେ ଆଲୋଚନା ହୋଇଥାଏ ସେତେବେଳେ ଅନେକେ ଆମ ଦେଶର ପରିବାର, ପରମ୍ପରା, ଚଳଣି ଓ ସମ୍ପର୍କର ସ୍ତରକୁ ଉଚ୍ଚ କରି ପ୍ରଦର୍ଶନ କରିଥାଆନ୍ତି। ପାଶ୍ଚାତ୍ୟରେ ମାଇକ୍ରୋ ବା ଅଣୁସର୍ବସ୍ୱ ସଂସାର ଥିବାରୁ ତାହାକୁ ଭାରତୀୟମାନେ ନାପସନ୍ଦ କରିଥାଆନ୍ତି। ଯୌଥ ପରିବାରର ଗୁଣାବଳୀ ବଖାଣି ଆମେ କେତେ ମହାନ୍ ଦର୍ଶାଯାଇଥାଏ। ଏଠାରେ ଏପରି ଏକ ବିଷୟକୁ ଅବତାରଣା କରିବାର ପ୍ରାସଙ୍ଗିକତାକୁ ଦେଖିଲେ ୧୮ ମେ'ରେ ଘଟିଥିବା ଏକ ଘଟଣା ଉପରେ ଦୃଷ୍ଟି ପକାଇବାକୁ ହେବ। ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ମଝିପଡ଼ାରେ ବଡ଼ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ବଚସାରୁ ମଝିଆ ଭଉଣୀକୁ ଅନ୍ୟ ଦୁଇ ଭଉଣୀ ଭାଇ ହାଣିଦେଇଥିବା ଖବର ମିଳିଛି। ଏହି କଳିର ମୂଳ କାରଣ ଜମିବାଡ଼ି ହିଂସା। ଯଦି ହିଂସାର ପ୍ରକାରଭେଦ ଦେଖାଯାଏ ତେବେ କେଉଁଠାରେ ଜମିଜମା ସମସ୍ୟା, ଆର୍ଥିକ ଅନଟନ, ପ୍ରେମ ସମ୍ପର୍କକୁ ବିରୋଧ ଆଦି ଖୁବ୍ ନଜରକୁ ଆସିଥାଏ। ବିଶେଷକରି ଯୌଥ ପରିବାରରେ ଜମିଜମା କିମ୍ବା ବ୍ୟବସାୟିକ ଭାଗବଣ୍ଟାକୁ ନେଇ କଳି ହେଲେ ତାହା ଉଗ୍ର ରୂପ ଧାରଣ କରେ। ନିକଟ ଅତୀତକୁ ଦେଖିଲେ ୪ ମାର୍ଚ୍ଚ ୨୦୨୫ ଭୋର ସମୟରେ ଜଗତ୍‌ସିଂହପୁର ଜିଲା ଜୟବଡ଼ ଅଞ୍ଚଳରେ ଜଣେ ୨୨ ବର୍ଷୀୟ ଯୁବକ ମାତା, ପିତା ଓ ଭଉଣୀଙ୍କୁ ହତ୍ୟା କରିଥିଲେ। ହତ୍ୟାର କାରଣ ଥିଲା ଜମିବାଡ଼ି ବିବାଦ। ୧୨ ଏପ୍ରିଲ ୨୦୨୫ରେ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅଧୀନ ଲୁଙ୍ଗା ଗ୍ରାମରେ ପାରିବାରିକ ହିଂସାରୁ ବଡ଼ ଭାଇଙ୍କୁ ତୀର ମାରି ହତ୍ୟା କରିବା ପରେ ସାନ ଭାଇ ବିଷ ପିଇଦେଇଥିଲେ। ସେହିପରି ଗତ ୨୬ ଏପ୍ରିଲରେ ମଧ୍ୟ ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗାଁରେ ପାରିବାରିକ କଳହକୁ ନେଇ ସାନଭାଇଙ୍କୁ ବଡ଼ ଭାଇ ପିଟି ହତ୍ୟା କରିଥିଲେ। କେବଳ ଓଡ଼ିଶାରେ ଏପରି ହିଂସା ସୀମିତ ନୁହେଁ, ଦେଶର ବିଭିନ୍ନ ପ୍ରାନ୍ତରେ ନିତିଦିନ ଏମିତି ଘଟଣା ଘଟୁଥିବା ଖବର ପଦାକୁ ଆସୁଛି।

**ଅନେକ ପରିବାରରେ ମନୋମାଳିନ୍ୟ ହେବା ଫଳରେ ମା'ବାପାଙ୍କୁ ମଧ୍ୟ ଦୁଇ ଚୋଟ ପକାଇବା ପାଇଁ ସନ୍ତାନମାନେ ପଛାଉ ନାହାନ୍ତି। ଏହି ବୀଭତ୍ସ ପରିସ୍ଥିତି ଆଜି ଭାରତୀୟ ସମାଜର ବାସ୍ତବତା। ସେଥିପାଇଁ ଭବିଷ୍ୟତରେ ସାମାଜିକ ସମସ୍ୟା ଦୂର କରିବା ସହିତ ଅର୍ଥନୈତିକ ଉନ୍ନତି ସକାଶେ ଯୌଥ ପରିବାରର ଆବଶ୍ୟକତା ହ୍ରାସ ପାଉଛି।**

ଏବର ସ୍ଥିତିକୁ ଦେଖିଲେ ଅଣୁ ପରିବାର ଯୌଥ ପରିବାରଠାରୁ ଅନେକାଂଶରେ ପାରିବାରିକ ସମ୍ପର୍କକୁ ମଜଭୁତ କରି ରଖୁଛି। ବିଶେଷକରି ଗ୍ରାମାଞ୍ଚଳରେ ଯଦି ଦୁଇ କିମ୍ବା ତିନି ଭାଇ ଏକାଠି ରହୁଛନ୍ତି, ସେମାନଙ୍କ ମଧ୍ୟରେ ଅନେକ ବିଷୟରେ ମନୋମାଳିନ୍ୟ ଘଟୁଛି। ପୁଣି ଯଦି ଜଣେ ଅଧିକ ରୋଜଗାର କରୁଛନ୍ତି, ଅନ୍ୟମାନେ ତାଙ୍କ ଅର୍ଥକୁ ଦେଖି ନିଜେ ବେଶି ପରିଶ୍ରମ କରିବାକୁ ଚାହୁଁନାହାନ୍ତି। ଅର୍ଥାତ୍ କଷ୍ଟକରି ଧନ ଉପାର୍ଜନ କରୁଥିବା ଭାଇ କାନ୍ଧରେ ଅନ୍ୟମାନେ ଓହଳୁଛନ୍ତି। ଯେତେବେଳେ ଭାଗବଣ୍ଟା ବିଷୟକୁ ନେଇ ନିଶାପ ହେଉଛି, ସେତେବେଳେ ଗୋଟେ ବାପର ତିନି ପୁଅ କହି ସମାନ ଭାଗ ମାଗୁଛନ୍ତି। ସେତେବେଳେ ରୋଜଗାରିଆ ଭାଇର ପୂର୍ବ ଅବଦାନକୁ ସମସ୍ତେ ଭୁଲି ଯାଉଛନ୍ତି। କେବଳ ସେତିକି ନୁହେଁ, ଯଦି କୌଣସି ଭାଇର ପୁଅ ଭେଣ୍ଡିଆ ଓ ବଳବାନ୍ ଥିବ ସେ ନିଜ ବଡ଼ବାପା କିମ୍ବା ସାନବାପା ହୋଇଥିଲେ ମଧ୍ୟ ଗଣ୍ଡଗୋଳ ଉପୁଜିଲେ ମାରିବାକୁ ପଛାଉ ନାହିଁ। ଯୌଥ ପରିବାରରେ ଯଦି ଭାଇମାନେ ଭିନ୍ନ ଭିନ୍ନ ସ୍ଥାନରେ ରହି ରୋଜଗାର କରୁଛନ୍ତି ଓ ସାମାଜିକ କାର୍ଯ୍ୟ ବେଳେ କାଁଭାଁ ଏକାଠି ହେଉଥାଆନ୍ତି, ସମ୍ଭବତଃ ସେହି କ୍ଷେତ୍ରରେ ପରସ୍ପର କୁଣିଆ ଭାବେ ବ୍ୟବହାର ପ୍ରଦର୍ଶନ କରି ଉତ୍ସବ ସରିବା ପରେ ଯେଝା ଯେଝା ଜାଗାକୁ ପଳାଇଥାଆନ୍ତି। ଏଭଳି ପରିବାର ଯୌଥ ପର୍ଯ୍ୟାୟଭୁକ୍ତ ହୋଇଥିଲେ ମଧ୍ୟ ନିଜ ସଂସାର ଓ ପିଲାଛୁଆଙ୍କୁ ନେଇ ଅଣୁ ପରିବାର ଭାବେ ଜୀବନ ବିତାଇଥାଆନ୍ତି। ସମ୍ଭବତଃ ଏଭଳି ପରିବାରରେ ହିଂସା ହାର କମ୍ ରହିଥାଏ। ପରିବାରର ମୁଖ୍ୟ ନିଜ ସ୍ତ୍ରୀ ଓ ପିଲାଙ୍କୁ ହିସାବକୁ ନେଇ ଚଳିବାକୁ ଚେଷ୍ଟା କରିଥାଆନ୍ତି। ଭାରତରେ ଆଉ ଗୋଟିଏ ବିଷୟକୁ ପାଶ୍ଚାତ୍ୟ ଭଳି ଗୁରୁତ୍ୱ ଦେବାର ଆବଶ୍ୟକତା ପଡ଼ିଲାଣି। ପାଶ୍ଚାତ୍ୟ ରାଷ୍ଟ୍ରରେ ପିଲାମାନେ ୧୮ ବର୍ଷ ହୋଇଗଲେ ନିଜ ଗୋଡ଼ରେ ନିଜେ ଠିଆ ହେବା ପାଇଁ ଚେଷ୍ଟା କରିଥାଆନ୍ତି। ପରିବାର ସହ ସମ୍ପର୍କ ରଖନ୍ତି, କିନ୍ତୁ ଆତ୍ମନିର୍ଭରଶୀଳତା ହୋଇଯାଇଥାଏ ସେମାନଙ୍କ ପାଇଁ ମୂଳମନ୍ତ୍ର। ଭାରତରେ ପିଲା ଯେତେ ରୋଜଗାର କରି ସ୍ୱୟଂସମ୍ପୂର୍ଣ୍ଣ ହେଲେ ମଧ୍ୟ ମାତାପିତା ତା' ବ୍ୟକ୍ତିଗତ ଚିନ୍ତାଧାରା ଉପରେ ନିୟନ୍ତ୍ରଣ ରଖିବାକୁ ପସନ୍ଦ କରିଥାଆନ୍ତି। ଅନ୍ୟପଟେ ଅନେକ ପରିବାର ଏଭଳି ଅଛନ୍ତି, ଯେଉଁଠାରେ ପୁଅ ଅର୍ଦ୍ଧଶତାବ୍ଦୀର ବୁଢ଼ା ହୋଇଥିଲେ ମଧ୍ୟ ମାତାପିତାଙ୍କ ଘର ଛାଡ଼ି ଯିବା ପାଇଁ ନାରାଜ। କାରଣ ଅନେକ ହୋଇପାରେ। ଅଳସୁଆମିଠାରୁ ଆରମ୍ଭ କରି ସମ୍ପତ୍ତି ଲୋଭ ପର୍ଯ୍ୟନ୍ତ। ମାତାପିତା ମଧ୍ୟ ଭାବନ୍ତି ଯେ, ପୁଅ ଘରେ ଥିଲେ ସେମାନଙ୍କ ବୃଦ୍ଧ କାଳରେ ସାହାଯ୍ୟ କରିବ। ଅନେକ ପରିବାରରେ ମନୋମାଳିନ୍ୟ ହେବା ଫଳରେ ମା'ବାପାଙ୍କୁ ମଧ୍ୟ ଦୁଇ ଚୋଟ ପକାଇବା ପାଇଁ ସନ୍ତାନମାନେ ପଛାଉ ନାହାନ୍ତି। ଏହି ବୀଭତ୍ସ ପରିସ୍ଥିତି ଆଜି ଭାରତୀୟ ସମାଜର ବାସ୍ତବତା। ସେଥିପାଇଁ ଭବିଷ୍ୟତରେ ସାମାଜିକ ସମସ୍ୟା ଦୂର କରିବା ସହିତ ଅର୍ଥନୈତିକ ଉନ୍ନତି ସକାଶେ ଯୌଥ ପରିବାରର ଆବଶ୍ୟକତା ହ୍ରାସ ପାଉଛି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| | | | | | 6 | | | 3 |
| | | 1 | | 4 | | 6 | 7 | |
| | | 4 | | 2 | | | | 7 |
| | | | | | | 2 | 5 | |
| | 3 | | | | 7 | 4 | | |
| | 1 | | 8 | 6 | 4 | 5 | 2 | |
| | | 8 | | 3 | | | | |
| | | 2 | | 5 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 8 | 6 | 4 | 5 | 3 | 2 |
| 3 | 2 | 8 | 1 | 5 | 9 | 4 | 7 | 6 |
| 5 | 6 | 4 | 7 | 2 | 3 | 9 | 1 | 8 |
| 1 | 5 | 2 | 4 | 9 | 6 | 7 | 8 | 3 |
| 4 | 8 | 7 | 2 | 3 | 1 | 6 | 9 | 5 |
| 9 | 3 | 6 | 5 | 8 | 7 | 1 | 2 | 4 |
| 8 | 7 | 5 | 6 | 1 | 2 | 3 | 4 | 9 |
| 6 | 1 | 3 | 9 | 4 | 8 | 2 | 5 | 7 |
| 2 | 4 | 9 | 3 | 7 | 5 | 8 | 6 | 1 |

ଗତକାଲିର ଉତ୍ତର

# ଓଡ଼ିଆ ଭାଷା ସମୃଦ୍ଧ ହେବ କେମିତି



ନିରାକାର ଦାସ

ଆମ ଦେଶର ୧୧ ଶାସ୍ତ୍ରୀୟ ଭାଷା ମଧ୍ୟରୁ ଓଡ଼ିଆ ୬ଷ୍ଠ ସ୍ଥାନ ପାଇଛି। ୨୦୧୪ ଫେବୃଆରୀ ୨୦ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା। ଭାଷା ପ୍ରତିଷ୍ଠାନ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ ଖୋଲାଗଲା। ସଂସ୍କୃତି ବିଭାଗକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ବଦଳାଗଲା। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭୁବନେଶ୍ୱରରେ ହେଲା। ଓଡ଼ିଆରେ ସରକାରୀ କାଗଜପତ୍ର ସବୁ ଲେଖାଯିବାର ବ୍ୟବସ୍ଥା ସହ ବହୁ କାର୍ଯ୍ୟକ୍ରମ ହାତକୁ ନିଆଗଲା। ସରକାର ଓଡ଼ିଆ ଭାଷାର ଉନ୍ନତି ପାଇଁ ବହୁ ଆଲୋଚନାଚକ୍ର, ପାଠଚକ୍ର ଓ ସମ୍ମିଳନୀ ଆୟୋଜନ କଲେ। ଏହା ପରେ ମଧ୍ୟ ଆମ ମାତୃଭାଷା ସଙ୍କଟରେ କାହିଁକି? କାହିଁକି ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷା ଓ ସାହିତ୍ୟ ପାଠ୍ୟକ୍ରମ ପ୍ରତି ଆଗ୍ରହ ରଖୁନାହାନ୍ତି? କାହିଁକି ଓଡ଼ିଶାରେ ଓଡ଼ିଆ ଶୁଦ୍ଧ ଭାବରେ ଲେଖାହୋଇପାରୁନାହିଁ ? ବହି ପ୍ରତି କାହିଁକି ଯୁବପିଢ଼ିଙ୍କ ଶ୍ରଦ୍ଧା କମି କମି ଯାଉଛି ? ଏମିତି ଅନେକ ପ୍ରଶ୍ନ ଆମକୁ ଆନ୍ଦୋଳିତ କରୁଛି। ବାସ୍ତବରେ କ'ଣ ଆମେ ଆମ ଭାଷା ପ୍ରତି ପ୍ରତିଶ୍ରୁତିବଦ୍ଧ ? ଯଦି ସତ୍ୟ ତେବେ ୮୯ ବର୍ଷ ସ୍ୱତନ୍ତ୍ର ଉତ୍କଳ ଗଠନ ପରେ ବି ଏମିତି ଦୁଃସ୍ଥିତି ଦେଖିବାକୁ ପଡୁଛି କାହିଁକି ? ସବୁଠୁ ବଡ଼ ଉତ୍ତର ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯାହା ସବୁ ନିଷ୍ପତ୍ତି ନିଆଯାଇଥିଲା, ତାହା କାର୍ଯ୍ୟକାରୀ ହୋଇଥାଆନ୍ତା କି ନାହିଁ ଆମେ ଜାଣିନୁ, କିନ୍ତୁ ସରକାର ବଦଳିଗଲା। ବର୍ତ୍ତମାନର ସରକାର ଯଦି ଆନ୍ତରିକ ଭାବେ ଚାହିଁବେ ତେବେ ଓଡ଼ିଆ ଭାଷା, ସାହିତ୍ୟର ଉନ୍ନତି ଚରମ ସୋପାନରେ ପହଞ୍ଚିପାରିବ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମ୍ପୂର୍ଣ୍ଣ ସମୃଦ୍ଧି କରିବା ନିମନ୍ତେ ଏ ଲେଖକ କେତୋଟି ଆକଳନ କରିଛି, ଯଦି ସରକାରୀ ସ୍ତରରେ ଅତି ଆନ୍ତରିକତାର ସହ ଏହି ପ୍ରସ୍ତାବଗୁଡ଼ିକୁ ଲାଗୁ କରାଯିବ ତେବେ ଓଡ଼ିଆ ପ୍ରତି ହେଉଥିବା ଚରମ ଅବିଚାର ଲୋପପାଇପାରିବ।

ପ୍ରଥମତଃ, ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଶାସ୍ତ୍ରୀୟ ଶିକ୍ଷକଙ୍କ ପରି ଓଡ଼ିଆ ଶାସ୍ତ୍ରୀୟ ଶିକ୍ଷକ ବା ଓଡ଼ିଆ କ୍ଲାସିକାଲ୍ ଟିଚର ପଦବୀ ସୃଷ୍ଟିହେଉ। ଫଳରେ ଓଡ଼ିଆ ସ୍ନାତକୋତ୍ତର ପାସ୍ କରିଥିବା ଛାତ୍ରୀଛାତ୍ରମାନେ ନିଯୁକ୍ତିର ସୁଯୋଗ ପାଇବେ। ଓଡ଼ିଆ ସାହିତ୍ୟ ପଢ଼ିବାକୁ ଛାତ୍ରୀଛାତ୍ରମାନେ ମନ ବଳାଇବେ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରୁ ଛାତ୍ରୀଛାତ୍ରମାନେ ଶୁଦ୍ଧ ଓଡ଼ିଆ ଶିଖିବେ। ସବୁଠୁ ବଡ଼କଥା ହେବ, ଶାରୀରିକ ପ୍ରଶିକ୍ଷଣ ଶିକ୍ଷକ(ପିଇଟି) ବା ଯେକୌଣସି ଶିକ୍ଷକ ପଢ଼ାଉଥିବା ଓଡ଼ିଆ ପାଠପଢ଼ାରୁ ଛାତ୍ରୀଛାତ୍ରମାନେ ମୁକ୍ତି ପାଇବେ। ଦ୍ୱିତୀୟତଃ, ଓଡ଼ିଆ ଅନୁବାଦ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇ ପୃଥିବୀର ବିଭିନ୍ନ ଭାଷାରୁ ଓଡ଼ିଆ ଭାଷାକୁ ପୁସ୍ତକ ଅନୁବାଦ କରାଯାଉ। ଏହି ପ୍ରତିଷ୍ଠାନ ଖୋଲିବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତୃତୀୟରେ, ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାରପ୍ରସାର ନିମନ୍ତେ ପ୍ରତି ବ୍ଲକ୍‌ରେ ଗୋଟିଏ 'ବ୍ଲକ୍ ଓଡ଼ିଆ ଭାଷା ପ୍ରବର୍ତ୍ତନ ଅଧିକାରୀ' ପଦବୀ ବା



ବ୍ଲକ୍ ଓଡ଼ିଆ ଲାଙ୍ଗୁଏଜ୍ ଏନ୍‌ଫୋର୍ସମେଣ୍ଟ ଅଫିସର (ବିଓଏଲ୍‌ଇଓ) ସୃଷ୍ଟି କରାଯାଉ। ଫଳରେ ଏହି ବିଓଏଲ୍‌ଇଓ ବ୍ଲକ୍‌ରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭକରି ଦୋକାନ ବଜାରରେ ଲାଗିଥିବା ନାମଫଳକ, ହୋର୍ଡିଂ ଇତ୍ୟାଦିରେ ଓଡ଼ିଆ ଭାଷା ପ୍ରୟୋଗ ହେଉଛି କି ନାହିଁ ତଦାରଖ କରିବା ସହ ସମସ୍ତ କାର୍ଯ୍ୟାଳୟ ଓ ବିଦ୍ୟାଳୟ, ମହାବିଦ୍ୟାଳୟରେ ଓଡ଼ିଆ ଭାଷାର ଶୁଦ୍ଧ ପ୍ରୟୋଗକୁ ଯାଞ୍ଚ କରିବେ। ଆବଶ୍ୟକ ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଓଡ଼ିଆ ସାହିତ୍ୟରେ ପ୍ରଶିକ୍ଷଣ ଦେଇପାରିବେ ଏବଂ ଓଡ଼ିଆ ଭାଷାର ଉଚିତ ପ୍ରୟୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରିବେ। ଏହାଦ୍ୱାରା ଓଡ଼ିଆରେ ଉଚ୍ଚଶିକ୍ଷା ପାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବା ସହ ଗାଁରୁ ସହର ଯାଏ ସବୁ ସ୍ଥାନରେ ଶୁଦ୍ଧ ଓଡ଼ିଆ ବ୍ୟବହାର ହୋଇପାରିବ। ଚତୁର୍ଥରେ, ଓଡ଼ିଶାରେ ଅବସ୍ଥିତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ସହ ସମସ୍ତ ବୈଷୟିକ ଓ ଡାକ୍ତରୀ ପାଠ୍ୟକ୍ରମରେ ୧୦୦ ନମ୍ବର ଓଡ଼ିଆ ଭାଷା ଓ ସାହିତ୍ୟ ପଢ଼ିବାକୁ ବାଧ୍ୟତାମୂଳକ କରାଗଲେ ଏହିସବୁ ଅନୁଷ୍ଠାନରେ ଓଡ଼ିଆ ଶିକ୍ଷକ, ଅଧ୍ୟାପକ ପଦବୀ ସୃଷ୍ଟି ହୋଇପାରିବ। ଓଡ଼ିଆ ଭାଷା ସାହିତ୍ୟ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁବିଧା ମିଳିପାରିବ ଏବଂ ସମସ୍ତେ ଓଡ଼ିଆ ଶିଖିବାକୁ ଓ ପଢ଼ିବାକୁ ବାଧ୍ୟ ହେବେ।

ପଞ୍ଚମରେ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ପ୍ରାଧାନ୍ୟ ଦିଆଯାଇ ଅଧ୍ୟାପକ ପଦବୀ ବୃଦ୍ଧି ସହ ଗବେଷଣା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇ ଗୁଗଲ୍ ଓ ଇଣ୍ଟରନେଟ୍‌ରେ ଇଂରାଜୀ ଭଳି ଓଡ଼ିଆ ଶବ୍ଦକୋଷ ସହ ଓଡ଼ିଆ ଭାଷା ଓ ସାହିତ୍ୟକୁ ଅପ୍‌ଲୋଡ୍ କରାଯିବା ସମୟର ଆବଶ୍ୟକତା। ଷଷ୍ଠରେ, ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଓଡ଼ିଶାର ପ୍ରତି ବ୍ଲକ୍ ମୁଖ୍ୟାଳୟ, ଜିଲା ମୁଖ୍ୟାଳୟ ଓ ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା କରାଯିବା ଉଚିତ। ଫଳରେ ସରକାର ସାହିତ୍ୟ ପତ୍ରପତ୍ରିକା, ସମ୍ବାଦପତ୍ର ଓ ଅନ୍ୟାନ୍ୟ ଉପାଦେୟ ପୁସ୍ତକ କ୍ରୟ କରିବେ ଏବଂ ପଢ଼ିବା ପାଇଁ ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ରମାନେ ସୁଯୋଗ ପାଇବେ। ଏହାଦ୍ୱାରା ସାହିତ୍ୟ ପତ୍ରପତ୍ରିକା ଓ ବହି ବଞ୍ଚିବ। ବହି ପ୍ରତି ଆନମନା ଯୁବତୀଯୁବକମାନଙ୍କୁ ପଢ଼ିବା ପାଇଁ ପ୍ରେରଣା ମିଳିବ। ସପ୍ତମରେ, ଓଡ଼ିଶା ସାହିତ୍ୟ ଏକାଡେମୀକୁ ଅଧିକ ଅନୁଦାନ ପ୍ରଦାନକରି ପ୍ରତିବର୍ଷ ପ୍ରତିଷ୍ଠିତ ଲେଖକଙ୍କ ବହି ଛାପିବା, ଗରିବ ଲେଖକଙ୍କୁ ସହାୟତା ପ୍ରଦାନ କରିବା ସହ ତାଙ୍କ ବହି ପ୍ରକାଶ କରିବାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ। ଅଷ୍ଟମରେ, ଓଡ଼ିଆ ସାହିତ୍ୟ ଏକାଡେମୀରେ ଅବସ୍ଥିତ ଛୋଟିଆ ପୁସ୍ତକ ଦୋକାନ ଅତି ନଗଣ୍ୟ ଓ ଓଡ଼ିଆ ସାହିତ୍ୟ ପ୍ରତି ହୀନମାନ୍ୟତା ପ୍ରଦର୍ଶିତ ହେଉଛି। ଏହି ଦୋକାନଟିର ଦୟନୀୟ ଅବସ୍ଥା ଦେଖିଲେ ସ୍ୱାଭିମାନୀ ଓଡ଼ିଆଟି କାନ୍ଦି ପକେଇବ। ତେଣୁ ଏକାଡେମୀ ପକ୍ଷରୁ ଏକ ବିଶାଳ ପୁସ୍ତକ ଭବନ ନିର୍ମାଣକରି ଦେଶର ସବୁ ଭାଷାର ଯୋଗ୍ୟ ପୁସ୍ତକଗୁଡ଼ିକୁ ରଖାଯାଇ ବିକ୍ରି କରାଯାଉ। ନବମରେ, ଓଡ଼ିଶା ସାହିତ୍ୟ ଏକାଡେମୀ ଅଧୀନରେ ଏକ ୩ତାଲା ବିଶିଷ୍ଟ ଓଡ଼ିଆ ଭାଷା ସାହିତ୍ୟ ଭବନ ନିର୍ମାଣ କରାଯାଉ ; ଯେଉଁଠି ୧୦୦, ୨୦୦, ୫୦୦, ୧୦୦୦ ଓ ୩୦୦୦ ଆସନ ଥିବା ସଭାକକ୍ଷ ରହୁ ଯାହାଦ୍ୱାରା ସାହିତ୍ୟିକମାନେ ସୁଲଭ ମୂଲ୍ୟରେ ସାହିତ୍ୟ ସଭା, ସାହିତ୍ୟ ଆଲୋଚନା ଓ ସମ୍ମିଳନୀ କରିପାରିବେ। ଯାହାର ଚତୁଃପାର୍ଶ୍ୱରେ ପୁସ୍ତକ ପ୍ରକାଶକମାନଙ୍କୁ ବୁକ୍ ଷ୍ଟଲ୍ କରି ସୁଲଭ ମୂଲ୍ୟରେ ଭଡ଼ାରେ ଦିଆଯାଇପାରିବ। ଏହାଦ୍ୱାରା ଜଣେ ବ୍ୟକ୍ତିକୁ ବହିଟିଏ କିଣିବାକୁ ସହର/ବଜାର ଓ ଏ ଗଳି ସେଗଳି ବୁଲିବାରୁ ମୁକ୍ତି ମିଳିବ। ଏହାକୁ 'ସାହିତ୍ୟ ଚକ୍ରନାଭି' ବା 'ଲିଟେରାରି ହବ୍'ରେ ନାମିତ କରାଯାଇପାରିବ। ଉକ୍ତ 'ସାହିତ୍ୟ ଚକ୍ରନାଭି' ସମସ୍ତ ଜିଲା ମହକୁମାରେ ଛୋଟ ହେଉ ବରଂ କିନ୍ତୁ କରାଯିବାର ଆବଶ୍ୟକତା ରହିଛି। ଦଶମରେ, ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିବର୍ଷ ଜାତୀୟ ସାହିତ୍ୟ ସମ୍ମିଳନୀ ଆୟୋଜନକରି ପ୍ରତି ରାଜ୍ୟର ସାହିତ୍ୟ ଏକାଡେମୀର ସଭାପତି, ଉପସଭାପତି, ସଚିବ ଓ ଉପ ସଚିବମାନଙ୍କୁ ନିମନ୍ତ୍ରଣ କରାଯାଇ ଓଡ଼ିଶାରେ ବିଭିନ୍ନ ଭାଷା ଓ ସାହିତ୍ୟ ବିଷୟରେ ଆଲୋଚନା କରାଗଲେ ଦେଶରେ ପାରସ୍ପରିକ ଭାଷା ସମ୍ପର୍କ ବୃଦ୍ଧି ହେବ ଏବଂ ଆମ ସାହିତ୍ୟିକମାନଙ୍କ ଭିତରେ ଥିବା କୂପମଣ୍ଡୁକତା ଦୂରହେବ। ସାହିତ୍ୟିକମାନଙ୍କୁ ଦେଶର ବିଭିନ୍ନ ରାଜ୍ୟ ତଥା ବିଶ୍ୱର ବିଭିନ୍ନ ଦେଶକୁ ସାହିତ୍ୟ ସମ୍ମିଳନୀରେ ଅଂଶ ଗ୍ରହଣ କରିବାକୁ ସରକାରୀ ସ୍ତରରୁ ସମସ୍ତ ଖର୍ଚ୍ଚ ବହନକରି ପଠାଯାଉ, ଯାହାଦ୍ୱାରା ଆମ ସାହିତ୍ୟିକମାନେ ନିଜକୁ ଅନ୍ୟମାନଙ୍କ ତୁଳନାରେ ନ୍ୟୂନ ମନେକରିବେ ନାହିଁ। ଏକାଦଶରେ, ପ୍ରତିବର୍ଷ ବାଧ୍ୟତାମୂଳକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ, ନାଟକ, ଉପନ୍ୟାସ ଓ ବିତର୍କ ପ୍ରତିଯୋଗିତା କରାଯାଇ ରାଜ୍ୟସ୍ତରକୁ ଉନ୍ନୀତ, ଅତିକମ୍‌ରେ ପ୍ରତି ବିଷୟରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଉ ଏବଂ ପ୍ରତି ବିଭାଗରେ ୫ଜଣ ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ ପୂର୍ବକ ପ୍ରମାଣପତ୍ର ପ୍ରଦାନ କରାଯାଉ। ଦ୍ୱାଦଶରେ, ଦେଶର ରାଜଧାନୀ ନୂଆଦିଲ୍ଲୀରେ ଓଡ଼ିଶା ସରକାର ଏକ ବହୁତଳ ବିଶିଷ୍ଟ ଓଡ଼ିଶା ସଂସ୍କୃତି ଭବନ ନିର୍ମାଣ କରନ୍ତୁ ,ଯାହାଦ୍ୱାରା ସାହିତ୍ୟିକ, ସଙ୍ଗୀତଜ୍ଞ, ଚିତ୍ରକର, କଳାକାରମାନେ ସୁଲଭ ମୂଲ୍ୟରେ ରହିବାର ସୁଯୋଗ ପାଇବା ସହ ଓଡ଼ିଆ ଭାଷା ସୁରକ୍ଷା ଓ ପ୍ରସାର ପାଇଁ କାର୍ଯ୍ୟ କରିପାରିବେ ଏବଂ ତ୍ରୟୋଦଶରେ, ଓଡ଼ିଶା ସରକାର ଶ୍ରଦ୍ଧା ଓ ସମ୍ମାନର ସହ ଜଣେ ଲୋକପ୍ରିୟ ବୟୋଜ୍ୟେଷ୍ଠ ଓ ସର୍ବୋଚ୍ଚ ସମ୍ମାନର ଅଧିକାରୀ ସାହିତ୍ୟିକ ଓ ସାହିତ୍ୟିକାଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଉଚିତ। ଫଳରେ ଅନ୍ୟ ରାଜ୍ୟଗୁଡ଼ିକ ଅନୁପ୍ରାଣିତ ହେବେ। ଏହାଦ୍ୱାରା ଦେଶରେ ସାହିତ୍ୟିକମାନଙ୍କ ସମସ୍ୟା, ସାହିତ୍ୟର ସୁରକ୍ଷା ଓ ଉନ୍ନତି ପାଇଁ ସେମାନେ ସଂସଦରେ ମତାମତ ଉତ୍ଥାପନ କରିପାରିବେ। ଏହା ହେବ ସାହିତ୍ୟିକମାନଙ୍କ ପ୍ରତି ରାଷ୍ଟ୍ରର ଉଚ୍ଚତମ ସମ୍ମାନ।

ରଘୁନାଥପୁର, ଭୁବନେଶ୍ୱର
ମୋ: ୯୪୩୭୦୧୩୧୩୯

# ଶିକ୍ଷାର ମାନବବାଦୀ ଆଭିମୁଖ୍ୟ



ଶ୍ରୀବତ୍ସ ନାୟକ

ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ତଥା ଜାତୀୟ ଆଶା, ଆକାଂକ୍ଷା ଓ ସ୍ୱପ୍ନର ରୂପକାର। ସୁସମାଜ ଗଠନ ନିମନ୍ତେ ଶିକ୍ଷକମାନେ ଆଜିର ଶିଶୁମାନଙ୍କୁ ଶିକ୍ଷାଦାନ କରିଥାନ୍ତି। ପ୍ରଗତିଶୀଳ ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀମାନେ ଶିକ୍ଷାଗ୍ରହଣକରି ନବ ପ୍ରସ୍ଫୁଟିତ ସୂର୍ଯ୍ୟର କିରଣ ଭଳି ତେଜୀୟାନ ହୋଇ ରାଷ୍ଟ୍ରକୁ ତଥା ଏକ ଜାତିକୁ ପ୍ରଗତି ଆଡ଼କୁ ନେଇଥାନ୍ତି। ଏକ ପ୍ରଗତିଶୀଳ ଶିକ୍ଷାର ପରିସର ବ୍ୟାପକ। ଏହି ବ୍ୟାପକ ପରିସର ମଧ୍ୟରେ ଶିକ୍ଷାର ଆଭିମୁଖ୍ୟ ବହୁମୁଖୀ ସଦୃଶ। ଯେମିତି ଶିକ୍ଷାର ଭାରତୀୟ ଆଭିମୁଖ୍ୟ ମନୁଷ୍ୟକୁ ପରିବେଶ, ଈଶ୍ୱର, ମାନବ ଶରୀର ତଥା ଆତ୍ମାର ସଂଗତି ସହ ଅନ୍ତର୍ଭୁକ୍ତ କରାଇଥାଏ, ଅନୁରୂପ ଭାବେ ଶିକ୍ଷାର ମାନବବାଦୀ ଆଭିମୁଖ୍ୟ ମନୁଷ୍ୟକୁ ସର୍ବଦା ଉତ୍ତମ ଏବଂ ଦାୟିତ୍ୱବାନ ଭାବେ ବିବେଚନା କରିଥାଏ। ବିଶ୍ୱ ନିୟନ୍ତାଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟର ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଶିକ୍ଷା ହେଉଛି ଅଭିଜ୍ଞତା, ଅଧ୍ୟୟନ କିମ୍ବା ନିର୍ଦ୍ଦେଶ ମାଧ୍ୟମରେ ନୂତନ ଜ୍ଞାନକୌଶଳ, ଆଚରଣ, ମନୋଭାବ ମୂଲ୍ୟ ହାସଲ କରିବାର ପ୍ରକ୍ରିୟା। ମନୁଷ୍ୟର ଷଷ୍ଠ ଇନ୍ଦ୍ରିୟ (ଚେତନାର ଇନ୍ଦ୍ରିୟ), ଧୀଶକ୍ତି, ବୁଦ୍ଧି, ବିଚାର, ବିବେକ ହେଉଛି ଅନନ୍ୟ ଓ ଅସାଧାରଣ ତେଣୁ ମନୁଷ୍ୟ ଶିକ୍ଷା ଲାଭ କରେ। ଏହା ମନୁଷ୍ୟକୁ ବ୍ୟକ୍ତିଗତ ଓ ବୃତ୍ତିଗତ ବିକାଶରେ ପରିବର୍ତ୍ତନଶୀଳ ପରିସ୍ଥିତି ସହ ଖାପ ଖୁଆଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯେଉଁ ଶିକ୍ଷା ମାନବ ସଭ୍ୟତାକୁ ଅନ୍ଧାରରୁ ଆଲୋକକୁ ଟାଣେ, ଯେଉଁ ଶିକ୍ଷା ଭୁଲ୍ ଠିକ୍‌ର ବିଚାର କରିଥାଏ, ଯେଉଁ ଶିକ୍ଷା ମନୁଷ୍ୟକୁ ସୃଷ୍ଟିର ରହସ୍ୟ ବିଷୟରେ ସୂଚନା ଦିଏ, ଯେଉଁ ଶିକ୍ଷା ଭଗବାନଙ୍କର ସତ୍ତା ସମ୍ବନ୍ଧରେ ସମ୍ୟକ୍ ଧାରଣା ଦିଏ, ଯେଉଁ ଶିକ୍ଷା ମନୁଷ୍ୟକୁ ପ୍ରାଣୀ ଜଗତର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଏ ସେହି ଶିକ୍ଷାକୁ ପ୍ରାପ୍ତ କରି ମନୁଷ୍ୟ ବିଶ୍ୱ ବ୍ରହ୍ମାଣ୍ଡକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖିଛି।

ଶିକ୍ଷଣ ଉଭୟ ମାନବବାଦୀ ଓ ଗଠନମୂଳକ ଆଭିମୁଖ୍ୟ ଅଲୌକିକ କିମ୍ବା ଈଶ୍ୱରୀୟ ଜ୍ଞାନ ଅପେକ୍ଷା ମଣିଷ ଉପରେ ଧ୍ୟାନ ଦେଇଥାଏ। ମାନବବାଦୀ ତତ୍ତ୍ୱ ବିଶ୍ୱାସ କରେ ଯେ ବ୍ୟକ୍ତିର ସାମାଜିକ, କୌଶଳ, ଭାବନା, ବୁଦ୍ଧି, କଳାତ୍ମକ ଦକ୍ଷତା, ବ୍ୟବହାରିକ କୌଶଳ, ଆତ୍ମନିର୍ଭରଶୀଳତା, ଲକ୍ଷ୍ୟ ଏବଂ ପୂର୍ଣ୍ଣ ସ୍ୱାଧୀନତା ଶିକ୍ଷାର ଏକ ଅଂଶବିଶେଷ। ତେଣୁ ବ୍ୟକ୍ତିଟି କିପରି ବାସ୍ତବତାକୁ ଅନୁଭବ କରି ଶିକ୍ଷଣଟି ଉପଭୋଗ କରିବ ତାହା ଚିନ୍ତାଜନକ। ମାନବବାଦୀ ତତ୍ତ୍ୱ ଅନୁସାରେ ବ୍ୟକ୍ତିଟି ଶିକ୍ଷା ଗ୍ରହଣ ସମୟରେ, ବ୍ୟକ୍ତିଟିର ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରିବା ନିହାତି ଜରୁରୀ। ତେଣୁ ବାସ୍ତବିକ ଶିକ୍ଷାଦାନ



ସମୟରେ ବ୍ୟକ୍ତିର ସମସ୍ୟା କ'ଣ ତାହା ଉପରେ ଗୁରୁତ୍ୱାରୋପ କରିବା ଉଚିତ। ଶ୍ରେଣୀଗୃହରେ ଶିକ୍ଷାଦାନ କରିବା ଶିକ୍ଷାର ଏକମାତ୍ର ଅର୍ଥ ନୁହେଁ ବରଂ ବାହ୍ୟଜଗତ ସହ ବ୍ୟକ୍ତିଟିକୁ ପରିଚିତ କରାଇ, ତା'ର ବୌଦ୍ଧିକ ବିକାଶ କରିବା ଉଚିତ। ମାନବବାଦୀ ମନୋବିଜ୍ଞାନୀମାନଙ୍କ ମତରେ ଶିକ୍ଷାର୍ଥୀମାନେ ଅନ୍ତର୍ନିହିତ ଭାବେ ଭଲ ଏବଂ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହେଲେ ଶିକ୍ଷଣ ପ୍ରକ୍ରିୟାଟିର ପ୍ରକୃତ ମୂଲ୍ୟବୋଧ କରାଯାଇପାରିବ। ସାଧାରଣ ଭାବେ ଦେଖିବା ପାଇଁ ଗଲେ ଶିକ୍ଷାର୍ଥୀଟି ସର୍ବଦା ସର୍ବୋତ୍ତମ ପ୍ରଦର୍ଶନ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ କୌଣସି ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଭୁଲ୍‌କାର୍ଯ୍ୟ କରିଥାନ୍ତି। ତେଣୁ ସେମାନଙ୍କୁ ଭୁଲ୍ ଓ ଠିକ୍‌ର ସଂଜ୍ଞା ବିଷୟରେ ବିଶେଷତଃ ପରିଚିତ କରାଇବା ପାଇଁ ପଡ଼ିଥାଏ। ବିବ୍ରତ ଓ ଦୁଃଖିତ ଥିବା ଛାତ୍ରୀଛାତ୍ରମାନେ ସମ୍ଭବତଃ ଶିକ୍ଷଣ ଉପରେ ଖୁବ୍ କମ୍ ଧ୍ୟାନ ଦେଇଥାନ୍ତି। ଏଭଳି ପରିସ୍ଥିତିରେ ଜଣେ ଆଦର୍ଶ ଶିକ୍ଷକ ଭାବେ ଶ୍ରେଣୀ ଗୃହରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ପଡ଼ିଥାଏ। ଏହି ପରିବେଶ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଗ୍ରହଣ ପାଇଁ ଆରାମଦାୟକ ହୋଇଥାଏ, ଯେଉଁଠି ସେମାନେ ନିଜକୁ ସମ୍ପୂର୍ଣ୍ଣ ନିରାପଦ ମନେକରନ୍ତି।

ମାନବବାଦୀ ଆଭିମୁଖ୍ୟ ଅନୁସାରେ ଶୈକ୍ଷିକ ପଦ୍ଧତିଟି ଶିକ୍ଷାର୍ଥୀକୈନ୍ଦ୍ରିକ ହୋଇଥିବାରୁ ଶିକ୍ଷାର୍ଥୀମାନେ ଶିକ୍ଷାଗ୍ରହଣ କରିବାକୁ ଅନାଦର ଭାବ ପୋଷଣ କରନ୍ତି ନାହିଁ। ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟକଲେ ଏହା ସହଜରେ ଅନୁମେୟ କରି ହୁଏ ଯେ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାଟି ମାନବବାଦୀ ଆଭିମୁଖ୍ୟ ଉପରେ ପରିବେଷ୍ଟିତ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବଣ୍ଟନ, ବିଦ୍ୟାଳୟକୁ ଦଣ୍ଡ ମୁକ୍ତ ଅଞ୍ଚଳ ଘୋଷଣା କରିବା ତଥା ଶିକ୍ଷାର୍ଥୀମାନଙ୍କୁ ଡ୍ରେସ୍, ନାପ୍‌କିନ, ସାଇକେଲ, ଅଣ୍ଡା, ପୁସ୍ତକ ଆଦି ଯୋଗାଇ ଦେଉଛନ୍ତି, ଫଳରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ ପାଉଛି। ଯଦିଓ ଏହା କେତେକାଂଶରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଆଡ଼କୁ ଆକର୍ଷିତ କରୁଛି ତଥାପି ଏହା ଏକମାତ୍ର ପନ୍ଥା ନୁହେଁ। ଶିକ୍ଷଣର ମାନବବାଦୀ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଶିକ୍ଷାଦାନ ସମୟରେ ଶିକ୍ଷାର୍ଥୀମାନଙ୍କୁ ସ୍ୱାଧୀନତା ଦେବା ଏବଂ ସେମାନଙ୍କର ନିଜସ୍ୱ ଇଚ୍ଛା କ'ଣ ତାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ପ୍ରତ୍ୟେକ ପିଲା ପ୍ରତ୍ୟେକ ପିଲାଙ୍କଠାରୁ ହେଉଛନ୍ତି ଭିନ୍ନ। ପ୍ରତ୍ୟେକ ପିଲା ଅନେକ ଅନନ୍ୟ ଗୁଣର ଅଧିକାରୀ। ସେମାନଙ୍କ ପାଖେ ସୃଜନଶୀଳତା ଅଛି। ଜଣେ ଆଦର୍ଶ ଶିକ୍ଷକ ଭାବେ ପ୍ରତ୍ୟେକ ପିଲାର ଏହି ଅନ୍ତର୍ନିହିତ ଗୁଣକୁ ଖୋଜି ତାକୁ ଶିକ୍ଷାଦାନ କଲେ ନିଶ୍ଚିତ ଭାବେ ଶିକ୍ଷଣ ପ୍ରକ୍ରିୟା ଫଳପ୍ରଦ ହୋଇଥାଏ।

ଅଧ୍ୟାପକ,ବାଣିଜ୍ୟ ବିଭାଗ, କଟକ
ମୋ:୯୪୩୮୦୭୦୮୪୯

## ଏଇ ଭାରତରେ

ବିଭିନ୍ନ ଫସଲ କରି କ୍ଷତି ସହିବା ପରେ ସ୍ତ୍ରୀର ଗହଣା ବିକ୍ରିକରି ସୁନୀଲ କୋଲ୍‌ପେ ୧୬ଟି ମଇଁଷି କିଣି ଏକ ସ୍ମାର୍ଟ ଡାଇରି ଫାର୍ମ କରିଛନ୍ତି। ସୁନୀଲଙ୍କ ବୟସ ଏବେ ୪୩ ଓ ମହାରାଷ୍ଟ୍ରର ଯୁବତମଲ ଜିଲାର ଛୋଟ ସହର ମହାଗାଁରେ ରହୁଛନ୍ତି ଏବଂ ଏହାଠାରୁ ତାଙ୍କ ଫାର୍ମ ୧୩ କିଲୋମିଟର ଦୂରରେ ଅଛି। ଏହି ଫାର୍ମ ୨୪ ଏକର ଜମିରେ ହୋଇଛି । ସେ କ୍ଷୀର ବିକ୍ରି କରିବା ପାଇଁ ସ୍ମାର୍ଟ କାର୍ଡ଼ଯୁକ୍ତ ମିଲ୍କ ଏଟିଏମ୍, ଆଇସ୍‌କ୍ରିମ ପାର୍ଲର କରିଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କେବଳ ଏଟିଏମ୍ ମାଧ୍ୟମରେ ସେ କ୍ଷୀର ବିକୁନାହାନ୍ତି, ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି ଓ ଏଥିରେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୭୬

- ରାଜ୍ୟ ବିଧାନସଭା ସଦସ୍ୟ ଦିସାରିସନୁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଅବସ୍ଥାରେ ପରଲୋକ।
- ଶ୍ରମିକଙ୍କୁ କ୍ଷତିପୂରଣ ଦେବା ଉଦ୍ଦେଶ୍ୟରେ ଏକ ସଂଶୋଧନ ବିଲ୍ ଲୋକସଭାରେ ଗୃହୀତ।
- କଲିକତାସ୍ଥିତ ଜାତୀୟ ପାଠାଗାରକୁ ଏକ ସ୍ୱୟଂଶାସିତ ପରିଚାଳନାଧୀନ ରଖିବା ପାଇଁ ଲୋକସଭାରେ ଏକ ବିଲ୍ ଗୃହୀତ।
- ଲେବାନନ୍‌ର ବିଭିନ୍ନ ସ୍ଥାନରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଗୋଷ୍ଠୀର ସଂଘର୍ଷ ଘଟି ୨୦୭ ମୃତ।

## ଚିରନ୍ତନୀ

କୋମଳ ମଧୁର ଯାହା କରି ଆରାଧନା
ନୋହେ ଯେଣୁ ଉପଶମ ଅନ୍ତର ବେଦନା,
ବ୍ୟାକୁଳ ହୃଦୟେ ଲୋଡ଼େ ସେହୁ
ଦୟା କ୍ଷମା ପାଷାଣର ଦେହୁ,
ପାଷାଣର ଗାତ୍ରେ ମସ୍ତକ ଆଘାତେ
ଅକାରଣ ଅଶରଣ !
-(ପୁରୀ–ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦାଦନ ଶ୍ରମିକଙ୍କୁ କର୍ମନିଯୁକ୍ତି କେବେ

ମହାଶୟ,

ଦୀନ ଦରିଦ୍ର ଲୋକେ ଏଠାରେ କୌଣସି କାମଧନ୍ଦା ନ ପାଇ ପେଟପାଟଣା ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେମାନେ ବର୍ଷକୁ ବାରମାସ ଘରଦ୍ୱାର ଚାବିପକାଇ ବାହାରକୁ ଯାଉଛନ୍ତି। ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ମଧ୍ୟରେ କେତେକ ମହିଳା ଓ ଅଳ୍ପ ବୟସ ପିଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ସେମାନେ ସୁରଟ ଓ ବାଙ୍ଗାଲୋର, ଗୁଜରାଟରେ କମ୍ ମଜୁରିରେ କଠିନ ପରିଶ୍ରମ କରି ଦିନରାତି ଖଟୁଛନ୍ତି। ଠିକାଦାରଙ୍କୁ ମଜୁରି ମାଗିଲେ ଆଜି ଦେବା କାଲି ଦେବା କହି ଠକୁଛନ୍ତି। ଏପରିକି ସେମାନେ ଠିକ୍ ଭାବେ ଗଣ୍ଡେ ଖାଇବାକୁ ପାଉନାହାନ୍ତି। ବାହାର ରାଜ୍ୟରେ ଏଭଳି ସବୁ ସମସ୍ୟାର ସମ୍ମୁଖୀନ ହେବା ପରେ ସେମାନେ ପୁନର୍ବାର ଓଡ଼ିଶାକୁ ଫେରିଆସୁଛନ୍ତି। ସତରେ ଦାଦନ ଭାବେ ଖଟିବାକୁ ଯାଇଥିବା ଲୋକେ ଆମ ଭଳି ମଣିଷ ନା ? ନୂତନ ସରକାର ଏମାନଙ୍କୁ କେବେ କର୍ମନିଯୁକ୍ତି ଦେବେ ? ଜଳକା ଭଳି ଚାହିଁ ରହିଛନ୍ତି ମିଠା ମିଠା ଭାଷଣକୁ।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଟେଇ ଜଙ୍ଗଲରେ ବାଉଁଶ ବନୀକରଣ

**କେନ୍ଦୁଝର,୧୯।୫**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନ ବିଭାଗ ଦ୍ୱାରା ପରିବେଶଗତ ପୁନରୁଦ୍ଧାର ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଘଟଗାଁ ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ଜଙ୍ଗଲରେ ଏକ ବଡ଼ ଧରଣର ବାଉଁଶ ପୁନଃ ବନୀକରଣ ପାଇଁ ବଲ୍ ଫିଙ୍ଗାଯାଉଛି। ବର୍ଷା ଆସିଲେ ମାଟି ବଲ୍ ଧୋଇ ଗଲେ ଭିତରେ ଥିବା ବିହନ ମାଟିରେ ପଡ଼ିବ। ପରେ ମଞ୍ଜିରୁ ଗଜା ବାହାରି ଆପେ ଗଛ ବଢ଼ିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏହି ସବୁଜ ମିଶନର ଅଂଶ ଭାବରେ ଜଙ୍ଗଲର ବିସ୍ତାର ପାଇଁ ବନ ବିଭାଗ ୮୦ ହଜାର ବାଉଁଶ ବିହନ ବଲ ପ୍ରସ୍ତୁତ କରିଛି। କାଦୁଅ ଭିତରେ ବାଉଁଶ ମଞ୍ଜି ଭର୍ତ୍ତି କରି ଏହି ବଲ ପ୍ରସ୍ତୁତ କରି ଜଙ୍ଗଲର ବିଭିନ୍ନ ସ୍ଥାନରେ ଫିଙ୍ଗା ଯାଇଛି। ବନ ବିଭାଗ ପକ୍ଷରୁ ଚଳିତ ବର୍ଷାଋତୁ ପୂର୍ବରୁ ସମଗ୍ର ଅଟେଇ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୫ ଲକ୍ଷ ମାଟିରେ ପ୍ରସ୍ତୁତ ବିହନ ବଲ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରୟାସକୁ ସମର୍ଥନ କରିବା ପାଇଁ, ଭୁବନେଶ୍ୱରର ରାଜ୍ୟ ସିଲଭିକଲଚରିଷ୍ଟ କାର୍ଯ୍ୟାଳୟରୁ ୩ ଶହ କିଲୋଗ୍ରାମ ସାଲିଆ ବାଉଁଶ ବିହନ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ପୂର୍ବତନ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ତଥା ପୂର୍ବତନ ସଦସ୍ୟ ଓଡ଼ିଶା ଲୋକାୟୁକ୍ତ ଡ. ଦେବବ୍ରତ ସ୍ୱାଇଁ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦୁଝରଙ୍କ ସହିତ ଉଦ୍‌ଘାଟନ କରିଥିଲେ; ଯାହାକି କେନ୍ଦୁଝରର ଜଙ୍ଗଲ ସଂରକ୍ଷଣ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ମତ ପ୍ରକାଶ ପାଉଛି। ବିହନ ବଲ୍ ବିସ୍ତାର ସହିତ ବନ ବିଭାଗ ପକ୍ଷରୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଘାସ ପଡ଼ିଆ ଏବଂ ଜଳାଶୟ ସଂଲଗ୍ନ ୩ ହେକ୍ଟର ଅଞ୍ଚଳରେ ହାତରେ ବାଉଁଶ ବିହନ ବୁଣାଯାଇଛି। ସୁରକ୍ଷା ପାଇଁ ବୁଣାଯାଇଥିବା ଅଞ୍ଚଳଗୁଡ଼ିକର ସୁରକ୍ଷା ପାଇଁ ୩ ବର୍ଷ ପାଇଁ ବାଡ଼ ଦିଆଯିବ ବୋଲି ଜଣାପଡ଼ିଛି।

କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବାସସ୍ଥାନର ଗୁଣବତ୍ତା ଏବଂ ବନ୍ୟ ପରିସଂସ୍ଥାନରେ ତୃଣଭୋଜୀ ପ୍ରାଣୀ ସଂଖ୍ୟା ବୃଦ୍ଧି କରିବା। ବିଶେଷକରି ବାଉଁଶ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ଏକ ପ୍ରମୁଖ ଖାଦ୍ୟ ଉତ୍ସ। ତେଣୁ ବାଉଁଶକୁ ଗୁରୁତ୍ୱ ଦିଆଯାଉଛି। ଜିଲାରେ ବର୍ତ୍ତମାନ ପ୍ରାକୃତିକ ବାଉଁଶ ଆଚ୍ଛାଦନର ଅଭାବ ରହିଛି। ଏହି ଉଦ୍ୟମ ଜିଲାରେ ବାଉଁଶ ଜଙ୍ଗଲ ସୃଷ୍ଟି ପାଇଁ ଏକ ପାଇଲଟ ପଦକ୍ଷେପ ଭାବରେ ଗ୍ରହଣ କରାଯାଇଛି। ଏହି ପ୍ରୟାସ ଜୈବ ବିବିଧତା ସଂରକ୍ଷଣ ଏବଂ ବାସସ୍ଥାନ ସମୃଦ୍ଧିରେ ଯୋଗଦାନ ଦେବା ସହିତ ମାନବ-ହାତୀ ସଂଘର୍ଷ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ରାଜ୍ୟର ଅନ୍ୟ ବନ ବିଭାଗଗୁଡ଼ିକରେ ସମାନ ପରିବେଶଗତ ହସ୍ତକ୍ଷେପ ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିବ ବୋଲି ପରିବେଶବିତ୍‌ମାନେ ଆଶା କରୁଛନ୍ତି।


ଗାଦୁଅ ଭିତରେ ବାଉଁଶ ମଞ୍ଜି ରଖି ତିଆରି କରାଯାଇଥିବା ବଲ।

- ମଞ୍ଜି ଭର୍ତ୍ତି ବଲ ଫିଙ୍ଗାଯାଉଛି
- ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ପଦକ୍ଷେପ
- ୫ ଲକ୍ଷ ବାଉଁଶ ବିହନ ବଲ୍ ଫିଙ୍ଗିବା ଲକ୍ଷ୍ୟ


ବନ କର୍ମଚାରୀମାନେ ନିର୍ଦ୍ଧାରିତ ସ୍ଥାନରେ ମଞ୍ଜି ଭର୍ତ୍ତି ବଲ୍ ଫିଙ୍ଗୁଛନ୍ତି।

# ୨୪ରେ ନୀତି ଆୟୋଗ ବୈଠକ, ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯।୫**
**(ରବିନାରାୟଣ ଜେନା)**

ଚଳିତ ମାସ ୨୪ରେ ନୂଆଦିଲ୍ଲୀରେ ନୀତି ଆୟୋଗର ୧୦ମ ଗଭର୍ନିଂ କାଉନସିଲ ବୈଠକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ହେବାକୁଥିବା ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ବିକଶିତ ଏବଂ ବିକଶିତ ଭାରତ-୨୦୪୭ର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାଯାଇଛି।

ଉକ୍ତ ବୈଠକରେ ବିକଶିତ ଓ ପୂର୍ବ ବୈଠକରେ ଦେଇଥିବା ବିଭିନ୍ନ ପ୍ରସ୍ତାବ କେତେଦୂର କାର୍ଯ୍ୟକାରୀ ହୋଇଛି ତା' ଉପରେ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିବେ। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ କି ପ୍ରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ଏବଂ ଗ୍ରହଣ କରାଯିବାକୁ ରହିଛି ତା' ଉପରେ ଚୁମ୍ବକରେ ରିପୋର୍ଟ ପ୍ରଦାନ କରିବାକୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଉନ୍ନୟନ ଆୟୁକ୍ତ ଚଳିତମାସ ୧୪ରେ ଦେଇଥିବା ସବୁ ବିଭାଗକୁ ପତ୍ରରେ ଦର୍ଶାଇଛନ୍ତି, ୨୭ ଜୁଲାଇ ୨୦୨୪ରେ ନବମ ଗଭର୍ନିଂ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକର ନିର୍ଯାସ ଅନୁଯାୟୀ ରାଜ୍ୟ ସରକାରଙ୍କ କେଉଁ ବିଭାଗ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଅବଗତ କରାଇବାକୁ ହେବ। ଏହାସହ ୨୦୨୪ ଡିସେମ୍ବର ୧୩-୧୫ରେ ହୋଇଥିବା ଚତୁର୍ଥ ଜାତୀୟ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ଯୋଗଦେଇଥିଲେ। ଏହି ଉଭୟ ବୈଠକର ନିର୍ଯାସକୁ ନେଇ ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିବାକୁ ସେ ଦର୍ଶାଇଛନ୍ତି।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ପ୍ରଥମ ନୀତି ଆୟୋଗ ବୈଠକରେ କହିଥିଲେ, ଓଡ଼ିଶାର ବିକାଶ ପାଇଁ ୪୮୦ କି.ମି. ବେଳାଭୂମିର ବିକାଶ, ବନ୍ଦରଭିତ୍ତିକ ଶିଳ୍ପ, ପର୍ଯ୍ୟଟନର ବିକାଶ, ଆଇଟି କ୍ଷେତ୍ରର ବିକାଶ, ଜନଜାତିମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇଛି।

ସେହିପରି ପୋଲାଭରମ ଉପରେ ମୁଖ୍ୟମନ୍ତ୍ରୀ କହିଥିଲେ, ନୀତି ଆୟୋଗ ବୈଠକରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କ ସହ ଆଲୋଚନା ହୋଇଛି। ପୋଲାଭରମ ଉପରେ ଯାହାସବୁ ଦାବି ରହିଛି, ସେ କଥା ସେ ଦୋହରାଇଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀସ୍ତରୀୟ ବୈଠକ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ଏବଂ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ମଧ୍ୟ ସେ ପ୍ରସ୍ତାବରେ ରାଜି ଅଛନ୍ତି। ଆଗାମୀ ଦିନରେ ପୋଲାଭରମ ପ୍ରକଳ୍ପ ଭାଗ୍ୟ ସହ ଓଡ଼ିଶା ବିକାଶର ଧାରା କେଉଁ ଆଡ଼କୁ ଯାଉଛି ତାହା ଦେଖିବାର ରହିଛି।

# ସ୍କୁଲ ଡ୍ରପ୍‌ଆଉଟ୍ ରୋକିବାରେ ଓଡ଼ିଶାର ପଦକ୍ଷେପ ଦେଶରେ ଉଦାହରଣ

**ଭୁବନେଶ୍ୱର,୧୯।୫**
**(ସୁଚିସ୍ମିତା ସାହୁ)**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ଆଇସିଏଆର୍‌ଠାରେ ତିନିଦିନ ଧରି ସମସ୍ତ ରାଜ୍ୟର ଶିକ୍ଷା ସଚିବଙ୍କୁ ନେଇ ଜାତୀୟ ସମ୍ମିଳନୀରେ ବିଦ୍ୟାଳୟ ଶିକ୍ଷା ପରିପୁଷ୍ଟ ଓ ଭିତ୍ତିଭୂମିର ଉନ୍ନତୀକରଣ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କରି କହିଲେ, ରାଜ୍ୟରେ ଶିକ୍ଷାର ସମୃଦ୍ଧ ଯୋଜନା ପ୍ରସ୍ତୁତି କରିବା ସହିତ ଡ୍ରପ୍ ଆଉଟ୍ ହାର ରୋକିବାକୁ ୦-୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ସର୍ବେକ୍ଷଣ କରାଯାଉଛି। ଏହାଦ୍ୱାରା ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମ ଦେଶ ପାଇଁ ଉଦାହରଣ ସୃଷ୍ଟି କରିବ। ଏହି ସର୍ଭେ ମାଧ୍ୟମରେ ପିଲାଙ୍କ ମାତୃଭାଷାକୁ ଗୁରୁତ୍ୱ ଦିଆଯିବା ସହ ଦିବ୍ୟାଙ୍ଗ ଶିଶୁଙ୍କୁ ଚିହ୍ନଟ କରିହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବୈଠକରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା, ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଶିଶୁ ବାଟିକାର ସୁପରିଚାଳନା ସହ ଜାତୀୟ ପାଠ୍ୟକ୍ରମ ରୂପରେଖର ସମନ୍ୱୟରେ ରାଜ୍ୟ ପାଠ୍ୟକ୍ରମକୁ ବିକଶିତ କରିବା ଓ ଏଥିରେ ସ୍ଥାନୀୟ ପ୍ରାସଙ୍ଗୀକରଣକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଷ୍ଟିୟରିଂ କମିଟି ଗଠନ କରାଯାଇଥିବା ନେଇ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପିଏମ୍-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ ଆର୍ ଆୟର ପ୍ରମୁଖ ଯୋଗଦେଇଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

**କେନ୍ଦୁଝର,୧୯।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ସଦର ବନାଞ୍ଚଳ କୁସୁମିତା ଗ୍ରାମରେ ସୋମବାର ସକାଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁନାଫୁଲ ପ୍ରଧାନ(୬୦)। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପରିବାରର ନିକଟତମ ଆତ୍ମୀୟଙ୍କୁ ୬ ଲକ୍ଷ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ସୁନାଫୁଲ ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ସେଠାରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁନାଫୁଲଙ୍କୁ ମୃତ ଘୋଷଣା କରିଥିଲେ। ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ ଓ ସଦର ଏସ୍‌ଆଇ ନୀହାର ରଞ୍ଜନ ରାଉତ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ଏକ ମାମଲା(ନଂ.୩୨/୨୫)ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତୁରନ୍ତ ବନ ବିଭାଗ ପକ୍ଷରୁ ସମ୍ପର୍କୀୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ସରକାରଙ୍କ ନିୟମାନୁଯାୟୀ ସହାୟତା ମିଳିବ। ତେବେ ଲୋକଙ୍କୁ ଏ ନେଇ ସଚେତନ କରାଯାଉଛି। ହାତୀ ଚଳପ୍ରଚଳ ଅଞ୍ଚଳକୁ ନ ଯିବାକୁ କୁହାଯାଉଛି।

# କାର୍-ବାଇକ୍ ଧକ୍କା: ୨ ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା,୧୯।୫**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଗିରିଗୁଡା ଛକଠାରେ ସୋମବାର ସନ୍ଧ୍ୟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଥିବା ୨ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଭବାନୀପାଟଣା ନୂଆପଡ଼ାର ସାହିଲ ପଟ୍ଟନାୟକ ଓ ରୋହନ ଭୋଇ। ମିଳିଥିବା ସୂଚନା ଅନୁଯାୟୀ, ଧର୍ମଗଡ଼ରୁ ସାହିଲ ଓ ରୋହନ ଏକ ବୁଲେଟ (୦୮ଯୁ-୬୧୦୩)ରେ ଆସୁଥିବାବେଳେ ଜୁନାଗଡ଼ ପଟୁ ଆସୁଥିବା କାର୍ (ନଂ.୦୮ଟି-୩୭୦୭) ସହ ଧକ୍କା ହୋଇଥିଲା। ଫଳରେ ବାଇକରେ ଥିବା ସାହିଲ ଓ ରୋହନ ଛିଟିକି ପଡି ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଜୁନାଗଡ ପୋଲିସ ପହଞ୍ଚି କାର୍ ଓ ବୁଲେଟକୁ ଜବତ ସହ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜି, ଦ.ପୂ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରାଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୫-୨୬-୦୨**, ତାରିଖ: ୧୬।୦୫।୨୦୨୫। **କାର୍ଯ୍ୟର ନାମ:** ସିନିୟର ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଝିଙ୍କପାଣି-ତଲାବୁରୁ ସେକ୍ସନ ମଧ୍ୟରେ ଅପ୍ ଲାଇନ୍ ୩୩୧.୦୦ – ୩୩୨.୫୯୫ରେ ବଡ଼ଜାମଦା ଜଂ.– ଗୁଆ– ଟିଆର୍‌ଆର୍(ପି) – ୪.୫୦୦ ଟିକେଏମ୍, ପଦାପାହାଡ଼-ବଲାଣିଖାଦାନ – ଟିଆର୍‌ଆର୍ (ପି) – ୫.୫୦୦ ଟିକେଏମ୍ ଏବଂ ପଦାପାହାଡ଼-ନୟାଗଡ଼ – ଟିଆର୍‌ଆର୍(ପି) – ୨୮.୧୧୨ ଟିକେଏମ୍ ଓ ୧.୫୯୫ ଟିଆର୍.କେଏମ୍ ପାଇଁ ପିଏସ୍‌ସି-୧୪ ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୬୦ କିଗ୍ରା ୯୦ ୟୁଟିଏସ୍ ରେଲଗୁଡ଼ିକୁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍/ଆର୍୨୬୦ ରେଲ (ଏଲ୍‌ଡବ୍ଲ୍ୟୁଆର୍)ର ଟିଏଫ୍‌ଆର୍ ସମେତ ଥ୍ରୁ ରେଲ ନବୀକରଣ (ପ୍ରାଇମେରୀ) (୩ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୩,୫୧,୩୧,୫୯୬ । **ଇଏମ୍‌ଡି:** ₹୩,୨୫,୭୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ୦୯।୦୬।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-।/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । **(PR-172)**



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 04/2025-26**
**No. 1708 / Date : 17.05.2025**

**No.B-133 :** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.26.05.2025 at 05.00 P.M. to dt.09.06.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.10.06.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

**Sd./- Superintending Engineer Electrical Circle (R&B) Odisha, BBSR**
**OIPR-34006/11/0035/2526**



**ଜିଲ୍ଲା ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର**
ପତ୍ର ସଂଖ୍ୟା ୭୦୦/ଗୃହରକ୍ଷୀ ତାରିଖ:୧୭.୦୫.୨୦୨୫

**କେନ୍ଦୁଝର ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା**

ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ପତ୍ରସଂଖ୍ୟା ୧୪୨୨/ଗୃହରକ୍ଷୀ ତାରିଖ.୧୬.୦୪.୨୦୨୫ ଓ ପତ୍ରସଂଖ୍ୟା ୧୪୨୯/ଗୃହରକ୍ଷୀ ତାରିଖ:୧୭.୦୪.୨୦୨୫ ଅନୁଯାୟୀ କେନ୍ଦୁଝର ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଖାଲିଥିବା ୩୩୦ (ପୂର୍ବରୁ ଅନୁମତି ମିଳିଥିବା ପଦବୀ-୩୨୦+ବର୍ତ୍ତମାନ ଖାଲିଥିବା ପଦବୀ-୦୬+ଅଗ୍ରିମ ଖାଲି ହେବାକୁ ଥିବା ପଦବୀ-୦୪ ତା.୩୧.୧୨.୨୦୨୫ ରିଖ ପର୍ଯ୍ୟନ୍ତ) ଗୃହରକ୍ଷୀ ପଦବୀରେ ନିଯୁକ୍ତି ପାଇଁ କେନ୍ଦୁଝର ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଫର୍ମ (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର Form "A")ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥୀଙ୍କୁ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, କେନ୍ଦୁଝର କାର୍ଯ୍ୟାଳୟ (ରିଜର୍ଭ ଅଫିସ) ଠାରେ ତା.୨୧.୦୫.୨୦୨୫ ରିଖ ସକାଳ ୧୦ ଘଟିକାଠାରୁ ତା.୩୧.୦୫.୨୦୨୫ ରିଖ ୫ ଘଟିକା ସୁଦ୍ଧା ଆବେଦନ ଫର୍ମ ଦାଖଲ କରିବାକୁ ପଡିବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ (ରିଜର୍ଭ ଅଫିସ)ରୁ ବୁଝିପାରିବେ । କମ୍ପ୍ୟୁଟର ଜ୍ଞାନ, ଗାଡିଚାଳନା, ରୋଷେଇଜ୍ଞାନ, ବିଦ୍ୟୁତ୍ ମିସ୍ତ୍ରୀ, ପାଇପ ମିସ୍ତ୍ରୀ, ବାରିକ, କାଠ କାମ, ଦରଜୀ କାମ, ବାତାନୁକୂଳଯନ୍ତ୍ର ମରାମତି ଓ ଅନ୍ୟାନ୍ୟ ଦକ୍ଷତା ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଥିବା ଖାଲି ପଦବୀ ସଂଖ୍ୟାଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଶାରୀରିକ, ଲିଖିତ, ଦକ୍ଷତା ଓ ସାକ୍ଷାତକାର ଚୟନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିବ ।

ଗୃହରକ୍ଷୀ ସର୍କୁଲାର ଅର୍ଡର ସଂଖ୍ୟା ୦୧/୨୦୨୫ ଅନୁଯାୟୀ ସ୍ୱେଚ୍ଛାସେବୀ ଗୃହରକ୍ଷୀଙ୍କୁ ସେମାନଙ୍କର ନିଜ ଥାନା କିମ୍ବା ପଡୋଶୀ ଥାନାରେ ନିଯୁକ୍ତି ଦିଆଯିବ । ଯଦି ଚୟନକର୍ତ୍ତାଙ୍କୁ ନିଜ ଥାନା କିମ୍ବା ପଡୋଶୀ ଥାନାରେ ଉପଯୁକ୍ତ ସ୍ୱେଚ୍ଛାସେବୀ ଗୃହରକ୍ଷୀ ନମିଳିଲେ ତେବେ ଜିଲ୍ଲାର ଯେକୌଣସି ଥାନାରୁ ନିଯୁକ୍ତି ଦେଇପାରିବେ । ପୂର୍ବରୁ କୌଣସି ଗୃହରକ୍ଷୀ କାର୍ଯ୍ୟରତ ଥିବା ସମୟରେ ଯଦି କାର୍ଯ୍ୟରୁ ଇସ୍ତଫା/ବହିଷ୍କାର କିମ୍ବା ମୃତକଙ୍କ ନିକଟସ୍ଥ (NOK) ହୋଇଥିବେ ସେମାନେ ମଧ୍ୟ ନୂତନ ଭାବେ ଆବେଦନ କରିପାରିବେ ।

ଆବେଦନ ଫର୍ମଗୁଡିକ କେନ୍ଦୁଝର ଜିଲ୍ଲାର ସମସ୍ତ ଥାନା ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ (ରିଜର୍ଭ ଅଫିସ) କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଅନୁମତି ପାଇବା ପରେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ।

**ଯୋଗ୍ୟତା**
୧. ଆବେଦନକାରୀ ଭାରତୀୟ ନାଗରିକ ହୋଇଥିବା ଆବଶ୍ୟକ ।
୨. ଆବେଦନକାରୀ କେନ୍ଦୁଝର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
୩. ଆବେଦନକାରୀ ଅତିକମ୍‌ରେ ନିମ୍ନ ପ୍ରାଥମିକ (ପଞ୍ଚମ ଶ୍ରେଣୀ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।
୪. ଆବେଦନକାରୀ ଓଡ଼ିଆ ଭାଷା ପଢି, ଲେଖି ଏବଂ କହିପାରୁଥିବେ ।
୫. ଆବେଦନକାରୀ ସୁସ୍ଥ, ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।
୬. ଆବେଦନକାରୀଙ୍କ ବୟସ ତା.୦୧.୦୧.୨୦୨୫ ରିଖ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।
୭. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ସହିତ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନଥିବା ଆବଶ୍ୟକ ।

**ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ରର ନକଲ ସଂଲଗ୍ନ କରିବାକୁ ପଡିବ:-**
୧.ଆବାସିକ ପ୍ରମାଣପତ୍ର । ୨.ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର । ୩. ଜାତିଗତ ପ୍ରମାଣପତ୍ର । ୪. ବର୍ତ୍ତମାନ ସମୟର ୦୪ (ଚାରିଗୋଟି) ପାସପୋର୍ଟ ଆକାରର ରଙ୍ଗିନ ଫଟୋ । ୫. ଦକ୍ଷତା ଅନୁଯାୟୀ ପ୍ରମାଣପତ୍ର (ଯଦି ଥାଏ) । ୬. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାର କାର୍ଡ/ଭୋଟର କାର୍ଡ) । ୭. ଯୋଗାଯୋଗ ନିମନ୍ତେ ଉପଯୁକ୍ତ ମୋବାଇଲ ନମ୍ବର (Whatsapp ନମ୍ବର) ୮. ଇ-ମେଲ୍ ଆଇଡି ।

ବି.ଦ୍ର.-୧.ଆବେଦନକାରୀ ନିଜର ସମସ୍ତ ପ୍ରମାଣପତ୍ରର ନକଲ ଏବଂ ଫଟୋରେ ସ୍ୱ ସ୍ୱାକ୍ଷର କରିବା ସହିତ ତାରିଖ ପକାଇବେ । ୨. ପ୍ରାର୍ଥୀମାନଙ୍କୁ ସୂଚିତ କରାଯାଉଛି କି ସେମାନେ କୌଣସି ପ୍ରକାର ବ୍ୟକ୍ତିଙ୍କ ଦ୍ୱାରା ପ୍ରଲୋଭିତ ହୁଅନ୍ତୁ ନାହିଁ, ଯଦି କୌଣସି ବ୍ୟକ୍ତି ପ୍ରଲୋଭିତ କରିବାକୁ ଚେଷ୍ଟା କରନ୍ତି, ତାହା ହେଲେ ସମାଦେଷ୍ଟା ଗୃହରକ୍ଷୀ ବାହିନୀ କାର୍ଯ୍ୟାଳୟ, କେନ୍ଦୁଝରକୁ ଯୋଗାଯୋଗ କରିବାକୁ ଅନୁରୋଧ । ୩. ଫର୍ମ-କ ସଠିକ ଭାବରେ ପୂରଣ ହୋଇନଥିଲେ କିମ୍ବା ଆବଶ୍ୟକ କାଗଜପତ୍ର ସଂଲଗ୍ନ କରିନଥିଲେ ଆବେଦନ ଫର୍ମଟି ରଦ୍ଦ କରାଯିବ ।

**ସ୍ୱା./-ସମାଦେଷ୍ଟା ଗୃହରକ୍ଷୀ ବାହିନୀ, କେନ୍ଦୁଝର**



**OFFICE OF EXECUTIVE OFFICER, NAGAR PANCHAYAT SHRI BANSIDHAR NAGAR URBAN DEVELOPMENT & HOUSING DEPARTMENT**

**e-Procurement Notice**

Tender Reference No.- SBD/NPSBN/01/2025-26(5th Call), Dated- 17-05-2025

| | | |
|---|---|---|
| 1 | Name of Work | Rejuvenation of Babhni Khand Dam at Ward No. 05, Nagar Panchayat, Shri Banshidhar Nagar |
| 2 | Tender Value (Rs.) | INR 4,01,85,233 (Rupees Four Crore One Lakh, Eighty Five Thousand, Two Hundred Thirty Three and Paisa Zero ) |
| 3 | Time of Completion | 18 Months |
| 4 | Date of Publication of Tender on Website | 19-05-2025 |
| 5 | Last Date/Time of Submission of Bids | 04-06-2025 03.00 PM |
| 6 | Name & address of office Inviting tender | Executive Officer, Nagar Panchayat, Shri Bansidhar Nagar |
| 7 | Contact no. of Procurement officer | 6209395021 |
| 8 | Helpline number of e-Procurement cell | 8340682537 9905601861 |

Note- Cost of Bidding Document (Not Refundable) & Bid Security (Security Deposit) shall be payable online through http://jharkhandtenders.gov.in
Any change can be seen on Website http:// jharkhandtenders.gov.in
Any other information can be seen on http://jharkhandtenders.gov.in

Sd/-
(Rajkamal )
Executive Officer
Nagar Panchayat,
Shri Bansidhar Nagar.

PR 352849 (Urban Development) 25-26 (D)



**GOVERNMENT OF JHARKHAND SPORTS AUTHORITY OF JHARKHAND**
*(DEPARTMENT OF TOURISM, ART-CULTURE, SPORTS & YOUTH AFFAIR'S)*
Gate No. 29-30, Birsa Munda Football Stadium, Morhabadi, Ranchi
**Very Short Re e-TENDER NOTICE (Call – 2)**
Notice No. 04, Dated : 19/05/2025

e-Tenders in two parts Part-I (Technical and Commercial) and Part-II (price part) are invited from the reputed tenderers having good experience of following similar type works and having sound financial status:

| NIT No. | Name of the works | Estimated cost in Rs./- | Earnest money to be deposited in Rs./- | Cost of BOQ (Non-Refundable) in Rs./- | Time of completion of work. |
|---|---|---|---|---|---|
| 01/PR/SAJHA /2025-26 | Proposed Upgradation of Football Playing Ground at Birsa Munda Athletics Stadium, Khelgaon, Hotwar, Ranchi. | 1,82,42,000/- | 3,65,000/- | 10,000/- | 60 Days |
| 02/PR/SAJHA /2025-26 | Proposed Upgradation of Football Playing Ground at Birsa Munda Football Stadium, Morhabadi, Ranchi. | 1,55,68,400/- | 3,12,000/- | 10,000/- | 60 Days |
| Date of Publication of Tender on Website | | | 20/05/2025 at 4.00 PM | | |
| Start Date of Submission of Bids | | | 20/05/2025 at 5.00 PM | | |
| Last Date/Time of Submission of Bids | | | 27/05/2025 at 3.00 PM | | |
| Date/Time of opening of Bid (Technical Part) | | | 28/05/2025 at 3.30 PM | | |
| Date and Time for opening of Tender Part -II (Price Part) | | | Will be Communicated later on | | |
| Tendering Officer and address for communication | | | Executive Director office, SAJHA, Morabadi, Ranchi | | |

1. e-Tender documents and BOQ including terms & conditions, specification etc. can be downloaded and submitted online on website https://jharkhandtenders.gov.in
2. Cost of bidding document for a non-refundable fee & Bid Security (EMD) shall be payable online through http://jharkhandtenders.gov.in
3. Any Changes or any other information can be seen on http://jharkhandtenders.gov.in
4. The undersigned reserves the right to extend the date of submission and opening of tender/distribute the works among the tenderers or reject any or all the tenders without assigning any reason thereof

Sd./-
Executive Director Sports Authority of Jharkhand

PR 352930 Art Culture Sports and Youth Affairs(25-26)D



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, देवघर**

**श्रावणी मेला, 2025**
**अति अल्पकालीन ई-प्रोक्योरमेंट सूचना (1st Call)**
अति अल्पकालीन ई-निविदा प्रसंग संख्या - RCD/DEOGHAR/786/2025-26 (1st Call) दिनांक -19.05.2025

| | | |
|---|---|---|
| 1. | कार्य का नाम | सत्संगनगर-भिरखीबाद पथ के कि0मी0 27.00 से कि0मी0 31.75 तक के विभिन्न पथांशों में साधारण मरम्मति एवं अन्य कार्य |
| 2. | प्राक्कलित राशि (रुपये में) | रुपये 1,25,00,000/- (एक करोड़ पच्चीस लाख रुपये) |
| 3. | कार्य समाप्ति की अवधि | 01 माह |
| 4. | निविदा प्राप्ति की अंतिम तिथि एवं समय | 02.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7. | प्रोक्युरमेंट अधिकारी का सम्पर्क नम्बर | **06432-299919** |
| 8. | ई-प्रोक्युरमेंट सेल का हेल्पलाईन नम्बर | 0651-2446007 |

नोट - अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।
प्राक्कलित राशि घट-बढ़ सकती है।

कार्यपालक अभियंता,
पथ निर्माण विभाग,
पथ प्रमण्डल, देवघर

PR 352943 Road (25-26)_D



**OFFICE OF THE EXECUTIVE ENGINEER. MINOR IRRIGATION DIVISION, MEDININAGAR**

**e-Procurement Tender Notice, Two Envelope System**
**Tender Reference No:- WRD/MID/MEDININAGAR/B.D./S.L.I.-03/2025-26**
**Letter no:- 190** **Date:- 17/05/2025**

| | | |
|---|---|---|
| 1 | Name of Work: | Construction of Chhatapur Solar Lift Irrigation Scheme |
| 2 | Estimated Cost (Rs.) | 1,09,94,700=00 |
| 3 | Cost of tender document (Rs) | **Rs. 10,000=00** only (non-refundable). |
| 4 | Earnest Money Deposit (Rs.) | **Rs. 1,10,000=00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http:// jharkhand tenders.gov.in) | Date:- 29.05.2025, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 13.06.2025, Time:- 03.00 PM |
| 9 | Submission of Tender Fee and EMD | Start Date:- 29.05.2025, Time- 4.00 PM Last Date:- 13.06.2025, Time:- 3.00 PM |
| 10 | Technical Bid Opening Date | Date:- 14.06.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division Medininagar |
| 12 | Contact No. of Procurement Officer e-mail of Procurement Officer | 06562-240100 eemidmed-cemr-jhr@gmail.com |
| 13 | Help line No. of Procurement Cell | 0651-2214784 |

**Note:-**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(DC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work. **Only e-Tender will be accepted.** Further details can be seen on website http://jharkhand tenders.gov.in

**Executive Engineer,**
**Minor Irrigation Division,**
**Medininagar.**

**PR 352958 Minor Irrigation(25-26)#D**



**GOVERNMENT OF ODISHA**
**OFFICE OF THE PANCHAYAT SAMITI, KUARMUNDA BLOCK, SUNDARGARH**
**INVITATION TENDER CALL NOTICE**

**No.1281** **Dt.14.05.2025**

The Block Development Officer, Kuarmunda, Sundargarh invites percentage rate basis for the following work in sealed tender on behalf of Government of Odisha from registered and eligible contractor of the state PWD (R&B)/Water Resources/Rural Work/Minor Irrigation/CPWD for the following works eventually to be drawn up in the P1 forms in conformity with the details tender call notice. The bidder may submit bids for the following works under GPLF scheme for the year 2025-26.

| Sl. No. | Name of works | Value of Works (in Rupees) | Bid Security@1% (in Rs) | Cost of Bid document (in Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONST. OF GPLF OFFICE BUILDING WITH MARKET COMPLEX AT SARANDAMAL, PADAMPUR G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |
| 2 | CONST. OF GPLF OFFICE BUILDING WITH MARKET COMPLEX AT SALANGABAHAL, SALANGABAHAL G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |
| 3 | CONST. OF GPLF OFFICE BUILDING WITH MARKET COMPLEX AT RAIBOGA, RAIBOGA G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |
| 4 | CONST. OF GPLF OFFICE BUILDING WITH MARKET COMPLEX AT KADOBAHAL, KADOBAHAL G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |

The detailed terms & conditions can be downloaded from the district website www.sundargarh.nic.in

**Sd./- Block Development Officer**
**Kuarmunda**



**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, देवघर**

**श्रावणी मेला, 2025**
**अति अल्पकालीन ई-प्रोक्योरमेंट सूचना** (1st Call)
**अति अल्पकालीन ई-निविदा प्रसंग संख्या .**
**RCD/DEOGHAR/780/2025-26 (1st Call)**
**दिनांक -19.05.2025**

| | | |
|---|---|---|
| 1. | कार्य का नाम | सत्संग चौक से बैजनाथपुर भाया रिखिया मोड़ (सरकुलर पथ) पथ का कि0मी0 0.00 से कि0मी0 3.00 में सतह नवीकरण एवं अन्य कार्य। |
| 2. | प्राक्कलित राशि (रुपये में) | रुपये 1,25,00,000/- (एक करोड़ पच्चीस लाख रुपये) |
| 3. | कार्य समाप्ति की अवधि | 01 माह |
| 4. | निविदा प्राप्ति की अंतिम तिथि एवं समय | 02.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7. | प्रोक्युरमेंट अधिकारी का सम्पर्क नम्बर | **06432-299919** |
| 8. | ई-प्रोक्युरमेंट सेल का हेल्पलाईन नम्बर | 0651-2446007 |

नोट - अतिरिक्त जानकारी के लिए वेबसाईट http://jharkhand tenders.gov.in पर देखें।
प्राक्कलित राशि घट-बढ़ सकती है।

कार्यपालक अभियंता,
पथ निर्माण विभाग, पथ प्रमण्डल, देवघर

PR 352938 Road(25-26)#D

# ମାର୍କେଟ୍‌ରେ ଫ୍ରୁଟ୍‌ଜୁସ୍ ପିଉଥିଲେ...

**ବାହାରକୁ ବୁଲିଯିବା ବେଳେ ବିଶେଷକରି ଖରାଦିନେ ଅନେକେ ଥଣ୍ଡା ପାନୀୟ ପିଇବାକୁ ଭଲ ପାଆନ୍ତି, ଯେଉଁଥିରେ ଥଣ୍ଡା ଥଣ୍ଡା ଫ୍ରୁଟ୍‌ଜୁସ୍‌ର ଡିମାଣ୍ଡ ସର୍ବାଧିକ। ହେଲେ ରାସ୍ତା କଡ଼ରେ ଅସ୍ଥାୟୀ ଭାବେ ଖୋଲିଥିବା ସମସ୍ତ ସିଜନାଲ୍ ଷ୍ଟଲ୍‌ରୁ ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇ ନ ପାରେ। ତେଣୁ ବାହାରକୁ ଯାଉଥିଲେ ବିଶେଷକରି ପିଲାଙ୍କୁ ସାଙ୍ଗରେ ନେଉଥିଲେ ବାହାରେ ଜୁସ୍ ପିଇବା ପୂର୍ବରୁ କେତେକ ଦିଗ ପ୍ରତି ଧ୍ୟାନଦେବା ଆବଶ୍ୟକ...**



- ବାହାରେ ଜୁସ୍ ପିଉଥିଲେ ପ୍ରଥମେ ଉକ୍ତ ଦୋକାନର ଫୁଡ୍ ଲାଇସେନ୍ସ ଅଛି ନା ନାହିଁ ଦେଖନ୍ତୁ। ସେଠାରେ ବ୍ୟବହୃତ ପାଣି ପରିଷ୍କାର କି ନାହିଁ ଏବଂ ଫଳ ତାଜା କି ନାହିଁ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ହାଇଦ୍ରାବାଦରେ ଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ୍ ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାସ୍ତାକଡ଼ରେ ଖରାଦିନେ ଅସ୍ଥାୟୀ ଭାବେ ହୋଇଥିବା ଅଧିକାଂଶ ଫ୍ରୁଟ୍‌ଜୁସ୍ ଦୋକାନରେ ମିଳୁଥିବା ଜୁସ୍ ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ସେଠାରେ ବ୍ୟବହୃତ ଅପରିଷ୍କାର ପାଣି ଦ୍ୱାରା ଶରୀରକୁ ବିଭିନ୍ନ ରୋଗ ଜୀବାଣୁ ଯାଇ ଝାଡ଼ା, ବାନ୍ତି ଭଳି ଅନେକ ରୋଗର କାରଣ ସାଜିଥାଏ।
- ଏ ଦିନେ ଫ୍ରୁଟ୍‌ଜୁସ୍ ଷ୍ଟଲ୍ ମଧ୍ୟରୁ ଅନେକେ ଅଧିକ ଟଙ୍କା ପାଇବା ଲୋଭରେ ଅଳ୍ପ ଟଙ୍କାରେ ପଚା କିମ୍ବା ବେଶି ଦିନ ରହିଯାଇଥିବା ଫଳ କିଣି ଆଣି ଗ୍ରାହକଙ୍କୁ ଜୁସ୍ କରିଦିଅନ୍ତି। ହେଲେ ଏହାକୁ ପିଇବା ଦ୍ୱାରା ପେଟ ଖରାପ ହେବା ସହ ଅନ୍ୟାନ୍ୟ ରୋଗ ଦେଖାଦେବା ଆଶଙ୍କା ରହିଛି।
- ଜୁସ୍ ପାଇଁ ବ୍ୟବହୃତ ପାଣି କିମ୍ବା ବରଫ ଅପରିଷ୍କାର ହୋଇଥିଲେ ସେଥିରେ ଥିବା ବ୍ୟାକ୍ଟେରିଆ କଲେରା, ଟାଇଫଏଡ୍, ଜଣ୍ଡିସ୍ ଭଳି ଜଳଜନିତ ରୋଗର କାରଣ ସାଜିପାରେ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୋକାନୀ ଜୁସ୍‌ରେ ସାକାରିନ୍ ଭଳି କେତେକ ଆର୍ଟିଫିସିଆଲ୍ ସୁଗାର ବ୍ୟବହାର କରୁଥିଲେ ଏହାକୁ ପିଇବା ଦ୍ୱାରା ମେଦବହୁଳତା, ବ୍ରେନ୍ ଟ୍ୟୁମର, ବ୍ଲଡର କ୍ୟାନ୍‌ସର ଭଳି ଅନେକ ସମସ୍ୟା ଉପୁଜିପାରେ। ତେଣୁ ଏଥିପ୍ରତି ଧ୍ୟାନଦେବା ନିହାତି ଆବଶ୍ୟକ।

# ରଜ, ସାବିତ୍ରୀ ଶପିଂ କରୁଥିଲେ

**ସାଧାରଣତଃ ମହିଳାମାନେ ଶପିଂ ପ୍ରିୟ। ତେଣୁ ରଜ, ସାବିତ୍ରୀ ଭଳି ସ୍ପେଶାଲ ପୂଜା ପର୍ବରେ ସେମାନଙ୍କ ପାଇଁ ବିଭିନ୍ନ ଦୋକାନ, ଶପିଂ ମଲ୍‌ଗୁଡ଼ିକରେ ସ୍ପେଶାଲ ଡିସ୍‌କାଉଣ୍ଟ ଅଫର ମିଳିଥାଏ। ହେଲେ ଏଭଳି ଡିସ୍‌କାଉଣ୍ଟ ବା ସେଲ୍ ଦେଖି ଜିନିଷ କିଣୁଥିଲେ କେତୋଟି କଥା ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ...**



⏭ବିଭିନ୍ନ ସାମଗ୍ରୀରେ ବିଶେଷକରି ଗାର୍ମେଣ୍ଟ ଆଇଟମ୍ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଅଫର ଦିଆଯାଉଛି। ଯାହାକୁ ଦେଖି ଅନେକ ମହିଳା ଆଗ ପଛ ବିଚାର ନ କରି କିଣିନିଅନ୍ତି ଏବଂ ପରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସେଲ୍‌ରେ କିଛି ବି ସାମଗ୍ରୀ କିଣିବା ବେଳେ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ।

⏭ସେହିପରି ଅନେକ ମହିଳା ଅଫର ହାତଛଡ଼ା ନ ହୋଇଯିବା ଲୋଭରେ ଶୀଘ୍ର ଜିନିଷ କିଣିନିଅନ୍ତି। ହେଲେ ତରବର ଭାବେ ନିଷ୍ପତ୍ତି ନ ନେଇ ଅନ୍ୟ ଦୋକାନରେ କିମ୍ବା ଅନ୍‌ଲାଇନରେ ଉକ୍ତ ସାମଗ୍ରୀର ଦାମ୍ କେତେ ଦେଖିବା ପରେ କିଣିପାରିବେ।

⏭ଅନ୍‌ଲାଇନ ହେଉ କିମ୍ବା ଅଫ୍‌ଲାଇନରେ ସେଲ୍ ସମୟରେ କିଛି କିଣୁଥିଲେ ଜିନିଷ ପସନ୍ଦ ନ ହେଲେ ବଦଳାଇବାର ସୁବିଧା ଅଛିକି ନାହିଁ ଜାଣିବା ପରେ ହିଁ କିଣନ୍ତୁ। କାରଣ ଡିସ୍‌କାଉଣ୍ଟ ସେଲ୍ ବେଳେ ସାମଗ୍ରୀରେ ଏକ୍ସଚେଞ୍ଜ ଅଫର ନ ଥିଲେ ପରେ ସାମଗ୍ରୀ କିଣନ୍ତୁ ନଚେତ୍ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

⏭ଅନେକ ଶପିଂ ମଲ୍‌ରେ ରଜ, ସାବିତ୍ରୀ ଆଦି ପାଇଁ ଲକି ଡ୍ର ସିଷ୍ଟମ ରଖାଯାଇଥାଏ। ଉଦାହରଣ ସ୍ୱରୂପ, କେଉଁଠି କ୍ୟାଶ୍ ପ୍ରାଇଜ୍ ତ କେଉଁଠି କାର୍, ବାଇକ୍, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଭଳି ବିଭିନ୍ନ ଆକର୍ଷଣୀୟ ପ୍ରାଇଜ୍ ଥିବାରୁ ଅନେକେ ଜିତିବା ଲୋଭରେ ଆବଶ୍ୟକ ନ ଥିବା ଜିନିଷ ବି କିଣିଥାନ୍ତି। ହେଲେ ଏହାଦ୍ୱାରା ଯେ ସେମାନେ ଅଯଥା ଟଙ୍କା ନଷ୍ଟ କରୁଛନ୍ତି ଭୁଲିଯାଆନ୍ତି।

# ଫ୍ୟାଶନ ଜୁଏଲେରି କ୍ରେଜ୍

**ଗୋଟେ ପଟେ ସୁନା ଦର ଆକାଶଛୁଆଁ ହୋଇଥିବା ବେଳେ ଆଉ ଗୋଟେ ପଟେ ଆଉଟ୍‌ଫିଟ୍ ସହ ଭଲ ଜୁଏଲେରିର କମ୍ବିନେଶନ ବିନା ମହିଳାମାନଙ୍କର ଯେମିତି ଫ୍ୟାଶନ ଅସମ୍ପୂର୍ଣ୍ଣ। ଆଉ ଏଥିପାଇଁ ଦିନକୁ ଦିନ ବଢ଼ିବାରେ ଲାଗିଛି ବିଭିନ୍ନ ଆର୍ଟିଫିସିଆଲ ଫ୍ୟାଶନ ଜୁଏଲେରି କ୍ରେଜ୍...**





ଅଳଙ୍କାର ନାରୀ ଆଭୂଷଣ ଓ ସୌନ୍ଦର୍ଯ୍ୟର ଅଭିନ୍ନ ଅଂଶ। ତେଣୁ ଟ୍ରାଡିଶନାଲ୍ ହେଉ ଅବା ମଡର୍ନ ସବୁ ଆଉଟ୍‌ଫିଟ୍ ସହିତ ବିଭିନ୍ନ ପ୍ରକାରର ଜୁଏଲେରି ପିନ୍ଧିବାକୁ ମହିଳାମାନେ ବେଶ୍ ପସନ୍ଦ କରନ୍ତି। ଯଦିଓ ସୁନା ଗହଣାର ଆଦର ସବୁବେଳେ ରହିଆସିଛି ତଥାପି କମ୍ ଦାମ୍‌ରେ ଅଧିକ ପ୍ରକାରର କଲେକ୍ସନ୍ ମିଳିପାରୁଥିବାରୁ ହେଉ ଅବା ଚୋରି ଡକାୟତି ଭୟ ନ ଥିବାରୁ ବର୍ତ୍ତମାନ ବିଭିନ୍ନ ପ୍ରକାରର ଫ୍ୟାଶନ୍ ଜୁଏଲେରି କ୍ରେଜ୍ ଅଧିକ ବଢୁଥିବାର ଦେଖିବାକୁ ମିଳୁଛି।

**ପର୍ସନାଲାଇଜ୍ଡ ଏବଂ ହ୍ୟାଣ୍ଡକ୍ରାଫ୍ଟେଡ୍ ଜୁଏଲେରି:** ଆଜିକାଲି ଅନେକ ମହିଳା ଅନ୍ୟଠୁ ଡିଫରେଣ୍ଟ ଜୁଏଲେରୀ କଲେକ୍ସନ ରଖିବାକୁ ପସନ୍ଦ କରୁଛନ୍ତି। ଏମିତିରେ ସେମାନେ ପର୍ସନାଲାଇଜ୍ଡ ବା କଷ୍ଟୋମାଇଜ୍‌ଡ୍ ଜୁଏଲେରି ହେଉ ଅବା ହ୍ୟାଣ୍ଡକ୍ରାଫ୍ଟେଡ୍ ଜୁଏଲେରିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିରେ ସେମାନେ ନିଜ ମନପସନ୍ଦର ଡିଜାଇନ୍ କିମ୍ବା ନାମ ଲେଖିବା, ଫଟୋ ରଖିବା ଆଦି ବରାଦ ଦେଇ ପ୍ରସ୍ତୁତ କରାଇପାରୁଛନ୍ତି। ଯାହାକି ସମ୍ପୂର୍ଣ୍ଣ ୟୁନିକ୍ ଲୁକ୍ ଦେବା ସହ ସଭିଙ୍କ ଦୃଷ୍ଟି ଆକର୍ଷଣ କରିପାରୁଛି। ବର୍ତ୍ତମାନ ଏଥିପ୍ରତି ଅଧିକାଂଶଙ୍କର ବଢୁଥିବା ଆଗ୍ରହକୁ ଦେଖି କେବଳ ଅଫ୍‌ଲାଇନ୍‌ରେ ନୁହେଁ ଅନ୍‌ଲାଇନ୍‌ରେ ମଧ୍ୟ ଏଭଳି ଜୁଏଲେରି କଷ୍ଟୋମାଇଜ୍‌ଡ୍ କରିବାର ସୁବିଧା ମିଳିପାରୁଛି।

**ମେଟାଲିକ୍ ଜୁଏଲେରି:** ସୁନା, ରୁପା, ପ୍ଲାଟିନମ୍ ଭଳି ମୂଲ୍ୟବାନ୍ ମେଟାଲ ଜୁଏଲେରି ପ୍ରାୟ ସଭିଙ୍କୁ ପସନ୍ଦ। ତେବେ ପୂର୍ବରୁ ଏହାର ସାଧାରଣତଃ ଟ୍ରାଡିଶନାଲ ଡିଜାଇନ ହିଁ ମିଳୁଥିଲା। ହେଲେ ବର୍ତ୍ତମାନର ଫ୍ୟାଶନ ଟ୍ରେଣ୍ଡରେ ଭଳିକିଭଳି ମଡର୍ନ ଲାଇଟ୍ ୱେଟ୍ ଆଟ୍ରାକ୍ଟିଭ୍ ଡିଜାଇନର ଇୟର ରିଂ, ବ୍ରେସ୍‌ଲେଟ୍, ରିଙ୍ଗ୍, ଚେନ୍, ନେକ୍‌ଲେସ୍, ଆଙ୍କଲେଟ୍, ନୋଜ୍‌ପିନ୍ ଆଦିକୁ ଅଧିକାଂଶ ବେଶି ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ପର୍ଲ ଜୁଏଲେରି:** କ୍ଲାସିକ୍ ଏବଂ ଟାଇମ୍‌ଲେସ୍ ଜୁଏଲେରି ଫ୍ୟାଶନରେ ପର୍ଲ ଜୁଏଲେରି ସବୁବେଳେ ଅଧିକ ଡିମାଣ୍ଡରେ ଥାଏ। ସବୁ ପ୍ରକାର ଆଉଟ୍‌ଫିଟ୍ ସହ ଏହାକୁ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ମିଳୁଥିବାରୁ ଅଧିକାଂଶ ମହିଳା ଏହାକୁ ବେଶ୍ ପସନ୍ଦ କରିଥାନ୍ତି।

**ଆର୍ଟିଫିସିଆଲ୍ ଜୁଏଲେରି:** ବଜେଟକୁ ସୁହାଇଲା ଭଳି ଦାମ୍‌ରେ ବର୍ତ୍ତମାନ ଗୋଲ୍‌ଡେନ୍, ବ୍ଲାକ୍ ମେଟାଲ୍, ଅକ୍ସିଡାଇଜ୍‌ଡ ଆଦି ଜୁଏଲେରିର ଅନେକ ପ୍ରକାର କଲେକ୍‌ଶନ୍ସ ଉପଲବ୍ଧ, ଯାହାର ସେମାନେ ଭରପୂର ଫାଇଦା ନେଉଛନ୍ତି। କମ୍ ଖର୍ଚ୍ଚରେ ଅଧିକ ଭେରାଇଟିର ଜୁଏଲେରି କଲେକ୍‌ଶନ୍ସ ରଖିବାକୁ ପସନ୍ଦ କରୁଥିବା ମହିଳାଙ୍କ ଲାଗି ବିଭିନ୍ନ ପ୍ରକାର ଆର୍ଟିଫିସିଆଲ ଜୁଏଲେରି ଏବେ ଫ୍ୟାଶନ ଷ୍ଟେଟ୍‌ମେଣ୍ଟ ପାଲଟିଛି।

**ଟ୍ରାଇବାଲ ଜୁଏଲେରି:** ଆଦିବାସୀଙ୍କ ବିଭିନ୍ନ ଜୁଏଲେରି ବର୍ତ୍ତମାନ ଫ୍ୟାଶନ୍‌ର ରୂପ ନେଇଛି। କାରଣ ଏହା ପ୍ରାୟ ସବୁ ପ୍ରକାର ଆଉଟ୍‌ଫିଟ୍ ସହ ପିନ୍ଧିଲେ ଫ୍ୟାଶନେବଲ୍ ଲୁକ୍ ଦେଉଛି। ବିଶେଷକରି ଆଣ୍ଟିକ୍ ତଥା ଅକ୍ସିଡାଇଜ୍‌ଡ ଟ୍ରାଇବାଲ ଜୁଏଲେରିକୁ ଚୁଡ଼ିଦାର ପଞ୍ଜାବି, କୁର୍ତ୍ତୀ, ଲଙ୍ଗ ଗାଉନ୍, ଲଙ୍ଗ୍ ଫ୍ରକ୍, ଜିନ୍ସ ଟପ୍ସ ଆଦି ଭଳି ପୋଷାକ ସହ ବ୍ୟବହାର କରିବା ଦ୍ୱାରା ଆକର୍ଷଣୀୟ ଲୁକ୍ ମିଳିପାରୁଛି।

**କ୍ଲଥ୍ ଜୁଏଲେରି:** ବର୍ତ୍ତମାନ ଫ୍ୟାଶନ ଦୁନିଆରେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି କ୍ଲଥ୍ ଜୁଏଲେରି। ଏହା କଲରଫୁଲ୍ ହୋଇଥିବାରୁ ନା କେବଳ ସବୁ ପ୍ରକାର ଆଉଟ୍‌ଫିଟ୍‌କୁ ମ୍ୟାଚ୍ କରୁଛି ବରଂ ଅପେକ୍ଷାକୃତ ଟ୍ରେଣ୍ଡି ଏବଂ ଫଙ୍କି ଲୁକ୍ ମଧ୍ୟ ଦେଉଛି। ତା'ଛଡ଼ା ଏହା ଲାଇଟ୍‌ୱେଟ୍, ୱାଶେବଲ୍ ହୋଇଥିବାରୁ ଅଧିକାଂଶ ମହିଳା ଏହାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ବିଡ୍ ଜୁଏଲେରି:** ଆଉଟ୍‌ଫିଟ୍ କଲରକୁ ମ୍ୟାଚ୍‌କରି ଜୁଏଲେରି ପିନ୍ଧିବାକୁ ପସନ୍ଦ କରୁଥିବା ମହିଳାଙ୍କଠାରେ ଏବେ ବରଡ୍ ଜୁଏଲେରି କ୍ରେଜ୍ ବଢୁଥିବାର ଦେଖିବାକୁ ମିଳୁଛି। ବିଶେଷ କରି ପ୍ଲାଷ୍ଟିକ୍ ଏବଂ ଗ୍ଲାସ୍‌ର ଛୋଟ, ବଡ ବିଭିନ୍ନ ସେପ୍ ଓ ସାଇଜ୍‌ର ବିଡ୍ସ ଜୁଏଲେରି ଅପେକ୍ଷାକୃତ ଶସ୍ତା ହୋଇଥିବା ବେଳେ ଅଧିକ କ୍ଲାସି ଏବଂ ଆଇକ୍ୟାଚି ଲୁକ୍ ଦେଉଥିବାରୁ ଏହା ସବୁଠୁ ବେଶି ଡିମାଣ୍ଡରେ ରହୁଛି।

**ଜାଣିରଖନ୍ତୁ....**

ଯଦି ଆପଣ ଗୋଲ୍ଡ କିମ୍ବା ଅନ୍ୟ କୌଣସି ଦାମୀ ମେଟାଲିକ୍ ଜୁଏଲେରି ପିନ୍ଧିବାରେ ସଉକ ରଖନ୍ତି, ତେବେ ଏହାକୁ କିଣିବା ବେଳେ ଯେପରି ଠକାମିର ଶିକାର ନ ହୁଅନ୍ତି, ସେଥିପାଇଁ କେଉଁ ଦିଗ ପ୍ରତି ସତର୍କ ରହିବେ ଜାଣିରଖନ୍ତୁ ...

- ଆପଣ ଯେଉଁ ଜୁଏଲେରି କିଣିବାକୁ ଚାହୁଁଛନ୍ତି, ତା'ର ରିସେଲ୍ ଭାଲ୍ୟୁ ଅଛି କି ନାହିଁ ଜାଣନ୍ତୁ। ନଚେତ୍ ଅଧିକ ଦାମ୍ ଦେଇ କିଣିଥିବା ଏହି ସୁନ୍ଦର ଜୁଏଲେରି ପରବର୍ତ୍ତୀ ସମୟରେ ଏହାର ରିସେଲ୍ ଭାଲ୍ୟୁ ଖୁବ୍ କମ୍ ହୋଇଥାଏ କିମ୍ବା କେବେକେବେ ଆଦୌ ନ ଥାଏ।
- ମନେରଖନ୍ତୁ, ଦେଖିବାକୁ ଭଲ ଲାଗୁଥିଲେ ବି ଅଧିକ ହେଭି ପରିବର୍ତ୍ତେ ଲାଇଟ୍ ୱେଟ୍ ଜୁଏଲେରି କିଣନ୍ତୁ, ଯାହାକୁ ଆପଣ ସବୁବେଳେ ଲଗାଇପାରିବେ ଏବଂ ତାହା ଆରାମ ବି ଲାଗିବ।
- ଅନେକଙ୍କଠାରେ ବିଭିନ୍ନ ମେଟାଲ ଆଲର୍ଜି ରହିଛି। ତେଣୁ ଯଦି ଆପଣଙ୍କ ବି ଏପରି କିଛି ସମସ୍ୟା ଥାଏ, ତେବେ ଫ୍ୟାଶନ ଆଳରେ ଏଭଳି ଜୁଏଲେରି ବାଛିବା ପରିବର୍ତ୍ତେ ପ୍ରଥମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଅନ୍ତୁ।
- ଆଉ ଏକ କଥା ମନେରଖନ୍ତୁ, କେତେକ ଆର୍ଟିଫିସିଆଲ୍ ଫ୍ୟାଶନ ଜୁଏଲେରି ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ସତ, ହେଲେ ତାହା ପାଣି କିମ୍ବା ଝାଳ ସଂସ୍ପର୍ଶରେ ଆସିଲେ କଲର ଫେଡ୍ ହେବା, ଜଙ୍କ୍ ଲାଗିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ବିଶେଷକରି ବର୍ଷାଦିନେ ଏଭଳି ଜୁଏଲେରି ପରିବର୍ତ୍ତେ ବିଭିନ୍ନ ୱାଟରପ୍ରୁଫ୍ ଜୁଏଲେରି ବ୍ୟବହାର କରିପାରିବେ।



## ସବୁ ମହିଳାଙ୍କ ପସନ୍ଦ ଫ୍ୟାଶନ ଜୁଏଲାରୀ



**ସୁନୀତା ବାବୁ(ଅଭିନେତ୍ରୀ)** ସୁନାଗହଣା ମୋର ବହୁ ପସନ୍ଦ। ହେଲେ ବର୍ତ୍ତମାନ ସୁନା ଦାମ୍ ଯେତିକି ବଢୁଛି ଚୋରି ଡକାୟତି ବି ସେତିକି ବଢ଼ିବାରେ ଲାଗୁଛି। ତେଣୁ ସୁନା କିଣିଲେ ବି ପିନ୍ଧିବାକୁ ଭୟ ଲାଗୁଛି। ତା' ବଦଳରେ ବିଭିନ୍ନ ଫ୍ୟାଶନ ଜୁଏଲେରି ଅଧିକ ବ୍ୟବହାର କରୁଛି। କାରଣ ଏହା ଦେଖିବାକୁ ଯେତିକି ଆଇକ୍ୟାଚି କ୍ୟାରି କରିବାକୁ ବି ସେତିକି ସହଜ। ତା'ଛଡା କମ୍ ଖର୍ଚ୍ଚରେ ବିଭିନ୍ନ ଆଟ୍ରାକ୍ଟିଭ୍ ଡିଜାଇନ୍‌ର କଲେକ୍ସନ ମିଳିପାରୁଛି, ଯାହାକୁ ଟ୍ରାଡିଶନାଲଠୁ ଆରମ୍ଭକରି ୱେଷ୍ଟର୍ନ ପର୍ଯ୍ୟନ୍ତ ସବୁ ଆଉଟ୍‌ଫିଟ୍ ସହ ମିକ୍ସ ମ୍ୟାଚ୍‌କରି ପିନ୍ଧିହେଉଛି। ସବୁଠୁ ବଡ କଥା ହେଲା ମାତ୍ର କିଛି ପ୍ରକାରର ସୁନାଗହଣା ବାରମ୍ବାର ପିନ୍ଧିବା ଅପେକ୍ଷା ସବୁବେଳେ ନୂଆ ନୂଆ ଫ୍ୟାଶନ୍ ଜୁଏଲେରୀ ପିନ୍ଧିଲେ ଷ୍ଟାଇଲିସ୍ ଏବଂ ଟ୍ରେଣ୍ଡି ଲୁକ୍ ବି ମିଳି ପାରୁଛି। ତେଣୁ ଷ୍ଟୋନ୍, ଅକ୍ସିଡାଇଜ୍‌ଡ୍, ରୋଲ୍ଡଗୋଲ୍ଡର ବହୁତ ପ୍ରକାରର ଜୁଏଲେରି ସେଟ୍ ଏବଂ ଅନେକ ପ୍ରକାରର ହେଭି ଇୟରିଙ୍ଗ୍ସ କଲେକ୍ସନ ରହିଛି। ମୋ ମତରେ କେବଳ ମୁଁ ନୁହେଁ ପ୍ରାୟ ସବୁ ମହିଳାଙ୍କର ଏଭଳି ଜୁଏଲେରୀ ଅଧିକ ପସନ୍ଦ ହୋଇଥିବାରୁ ପ୍ରତ୍ୟେକ ଛୋଟ ବଡ ସହରରେ ଅନେକ ଫ୍ୟାଶନ୍ ଜୁଏଲେରୀ ଶପ୍ ଖୋଲିଯାଇଥିବା ବେଳେ ଅନ୍‌ଲାଇନ୍‌ରେ ମଧ୍ୟ ଖୁବ୍ ସହଜରେ ଏହା ଉପଲବ୍ଧ ହୋଇପାରୁଛି।



**ସୌନ୍ଦର୍ଯ୍ୟ**

# ଗ୍ଲୋଇଂ ସ୍କିନ୍ ପାଇଁ ଘରୋଇ ପ୍ୟାକ୍



**ବର୍ତ୍ତମାନର ପ୍ରବଳ ଖରା, ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଆଦିର ପ୍ରଭାବରେ ଅନେକଙ୍କ ତ୍ୱଚା ରୁକ୍ଷ ଓ ଡଲ୍ ହୋଇଯାଉଛି। ଏହା ଦୂରକରିବା ଲାଗି ଆପଣ ଚାହିଁଲେ କେତୋଟି ଘରୋଇ ଫେସ୍ ପ୍ୟାକ୍ ବ୍ୟବହାରକରି ନିଜ ତ୍ୱଚାକୁ ସ୍ପଟ୍‌ଲେସ୍, ଗ୍ଲୋ ବଢ଼ାଇପାରିବେ...**

**ମୁଲତାନୀ ମାଟି, ଆଲୋଭେରା, ଦହି ପ୍ୟାକ୍:** ୧ ଚାମଚ ମୁଲତାନୀ ମାଟି, ୧ ଚାମଚ ଆଲୋଭେରା ଜେଲ୍, ୧ ଚାମଚ ଦହିକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଘଷି ଭଲ ଭାବେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରି ତ୍ୱଚାକୁ ଉଜ୍ଜ୍ୱଳ ଓ ଦାଗମୁକ୍ତ କରିଥାଏ।


**ହନି ହାଇଡ୍ରେଶନ ମାସ୍କ:** ଗୋଟେ ଚାମଚ ମହୁରେ, ଗୋଟେ ଚାମଚ ଦହି, ଅଧାଚାମଚ ଲେମ୍ବୁରସ, ୧/୪ ଚାମଚ ହଳଦୀଗୁଣ୍ଡ ପକାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଯେଉଁମାନଙ୍କ ତ୍ୱଚା ଖରା, ଗରମ ଯୋଗୁ ପୋଡ଼ିଥାଏ କିମ୍ବା କୁଣ୍ଡାଇବା ଭଳି ସମସ୍ୟା ଦେଖାଦିଏ ସେମାନଙ୍କ ପାଇଁ ଏବଂ ବେଶ୍ ଉପକାରୀ। ସପ୍ତାହରେ ୨-୩ ଥର ଏହାକୁ ଲଗାଇଲେ ହଳଦୀରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ମହୁରେ ଥିବା ଭିଟାମିନ୍ ବି ତ୍ୱଚାକୁ ସଫ୍ଟ ଏବଂ ଗ୍ଲୋଇଂ କରାଇଥାଏ। ତେବେ ଡ୍ରାଏ ସ୍କିନ୍ ପାଇଁ ଏହି ପ୍ୟାକ୍ ବେଶ୍ ଉପକାରୀ।

**ଅମୃତଭଣ୍ଡା ପ୍ୟାକ୍:** ଅଧକପ୍ ପାଚିଲା ଅମୃତଭଣ୍ଡା ପେଷ୍ଟ ନେଇ ସେଥିରେ ଅଧାଚାମଚ ଚନ୍ଦନ ପାଉଡର, ଆବଶ୍ୟକ ଅନୁସାରେ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଭଲଭାବେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ଥର ଏହି ପ୍ୟାକ୍ ଲଗାଇଲେ ସ୍କିନ୍ ଟୋନ୍ ସହ ଗ୍ଲୋ ବି ବଢ଼ିବ।



**ଖାଦ୍ୟରୁଚି**

# ସୋୟା କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ:** ୧ ଗିନା ସୋୟାବିନ୍ ବଡି, ୨ଟି ମଧ୍ୟମ ଆକାରର ସିଝା ଆଳୁ, ଛୋଟ ଛୋଟ କଟାହୋଇଥିବା ୨ ବଡ଼ ଚାମଚ ଲେଖାଏ ପିଆଜ, ଗାଜର ଏବଂ କ୍ୟାପ୍ସିକମ୍, ଛୋଟ କଟାହୋଇଥିବା ୩ଟି କଞ୍ଚାଲଙ୍କା, ୧ଚାମଚ ଅଦା ରସୁଣ ପେଷ୍ଟ, ୨ଚାମଚ କଟାହୋଇଥିବା ଧନିଆ ପତ୍ର, ୪୦ଗ୍ରାମ୍ ପନିର, ଗୋଟିଏ ଲେମ୍ବୁର ରସ, ୪ ଚାମଚ କର୍ନଫ୍ଲୋର୍, ୧/୪ ଚାମଚ ଲେଖାଏ ଗରମ ମସଲା, ଚାଟ୍ ମସଲା, ଜିରା ପାଉଡର, ହଳଦୀ ଗୁଣ୍ଡ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନ୍ ବଡିକୁ ଭଲ ଭାବେ ଧୋଇଦିଅନ୍ତୁ। ଚୁଲାରେ ଏକ ପାତ୍ରରେ ରଖି ପାଣିରେ ୫-୭ ମିନିଟ୍ ସିଝାଇ ଦିଅନ୍ତୁ। ଏହାକୁ ଛାଣି ଦିଅନ୍ତୁ। ଥଣ୍ଡା ହୋଇଗଲା ପରେ ଗ୍ରାଇଣ୍ଡିଂକରି ଦିଅନ୍ତୁ। ସେଥିରେ ସିଝା ଆଳୁ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ବର୍ତ୍ତମାନ ଅଦା ରସୁଣ ପେଷ୍ଟ, କଟା ପନିପରିବା, ସବୁ ମସଲାଗୁଣ୍ଡ, ଲୁଣ ଏବଂ ଲେମ୍ବୁରସ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ସେଥିରେ ପନିରକୁ ଗ୍ରେଟ୍ କରି ପକାନ୍ତୁ ଏବଂ କର୍ନଫ୍ଲୋର ପକାଇ ପୁଣି ମିଶାନ୍ତୁ। ଏହାକୁ ହାତରେ ଛୋଟ ଛୋଟ ଗୁଳାକରି କଟ୍‌ଲେଟ୍ ଆକାର ଦିଅନ୍ତୁ। ବର୍ତ୍ତମାନ ଚୁଲାରେ କଡ଼େଇ ବସାଇ ତେଲ ଗରମ କରନ୍ତୁ। ସେଥିରେ କଟ୍‌ଲେଟ୍ ପକାଇ ଗୋଲ୍ଡେନ୍ କଲର ହେବା ଯାଏ ଫ୍ରାଏ କରନ୍ତୁ। ମନେରଖନ୍ତୁ ଛାଣିବା ବେଳେ ଚୁଲାକୁ ମିଡିଅମ ଫ୍ଲେମ୍‌ରେ ରଖନ୍ତୁ ନଚେତ୍ କଟ୍‌ଲେଟ୍ ପୋଡ଼ିଗଲେ ଟେଷ୍ଟ ପିତା ଲାଗିପାରେ। କଟ୍‌ଲେଟ୍ ପ୍ରସ୍ତୁତ ହୋଇଗଲା ପରେ ଏହାକୁ ଚଟଣି, ସସ୍ ଆଦି ସହ ଖାଇପାରିବେ।

**୮ ଗୋରୁ ଉଦ୍ଧାର, ପିକ୍ଅପ ଭ୍ୟାନ୍ ଜବତ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଗଁଦିଆ ଥାନା କପିଳାସ ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତାରେ ସୋମବାର ସକାଳେ ବେଆଇନ ଗୋରୁ ଚାଲାଣ କରୁଥିବା ଏକ ପିକଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିଛି। ଏଥିସହ ୮ଟି ଗୋରୁଙ୍କୁ ଉଦ୍ଧାର କରିଛି। ପୋଲିସକୁ ଦେଖି ଅଭିଯୁକ୍ତ ଗାଡ଼ି ଛାଡ଼ି ପଳାଇଥିଲେ। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ନଂ-୧୭୯।୨୫ରେ ଏକ ମାମଲା ରୁଜୁ କରାଯାଇଛି। ଚାଉଳିଆ ଗ୍ରାମରୁ କଟକ ଜିଲାର ଟାଙ୍ଗି ଅଞ୍ଚଳକୁ ଗୋରୁ ଚାଲାଣ ହେଉଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଜଳବିନା ଜୀବନ ନାହିଁ, ଜଗନ୍ନାଥଙ୍କ ବିନା ଆନନ୍ଦ ନାହିଁ

## ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପକ୍ଷରୁ ଆଲୋଚନାଚକ୍ର



ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପକ୍ଷରୁ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଦଧିବାବନ ଜୀଉ ମନ୍ଦିର ପ୍ରାଙ୍ଗଣରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ଆସୁଥିବା ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଜଳ, ଜୀବନ, ଜଗନ୍ନାଥ ଏହି ତିନିସୃଷ୍ଟି ମୂଳତତ୍ତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ପରିକ୍ରମା ପରିବାରର ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ପରିଚାଳନାରେ ମୁଖ୍ୟବକ୍ତା ଭାବେ ସିଆରିଆ ମଠର ମଠାଧିଶ ବାବା ସଦାନନ୍ଦ ଦାସ ମହାରାଜ ଆଲୋଚନା କରି କହିଲେ, ବର୍ତ୍ତମାନ ନୀତି, ନୈତିକତା, ଆଚାର, ବ୍ୟବହାର ଓ ସଂସ୍କାରର ଅଭାବ ପରିଲକ୍ଷିତ ହେଉଥିବାରୁ ଆମେମାନେ ବସ୍ତୁବାଦୀ ଓ ସ୍ୱାର୍ଥବାଦୀ ହୋଇ ପଡୁଛେ। ଫଳରେ ଭଲ ମନ୍ଦର ବିଚାରବୋଧ କ୍ରମଶଃ ହ୍ରାସ ପାଉଛି। ସାମ୍ପ୍ରତିକ ସମୟରେ ଜଳ, ଜୀବନ ଓ ଜଗନ୍ନାଥ ଯାହାକି ଆମର ପିଣ୍ଡ ପ୍ରାଣର ମୂଳ ଆଧାର, ଏହାର ଶୁଦ୍ଧତା ଓ ସୁରକ୍ଷା ପାଇଁ ଜନ ସଚେତନତା ଆବଶ୍ୟକ। ଏକ ସୁସ୍ଥ ଜୀବନ ଜିଇଁବାକୁ ହେଲେ ଜଳବିନା ଜୀବନ ନାହିଁ, ଜଗନ୍ନାଥଙ୍କ ବିନା ମଧ୍ୟ ଜୀବନରେ ଆନନ୍ଦ ନାହିଁ ବୋଲି ଭାଗବତରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟରତ୍ନ ଚକ୍ରଧର, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଶୈଳବାଳା ମିଶ୍ର, ପୁରୁଷୋତ୍ତମ ନନ୍ଦ, ରାଧାନାଥ ରଥ, ଶେଷଦେବ ରାଉତ, କମଳ କୁମାର ନନ୍ଦ, ଅରୁଣଦ୍ୟୋୟ ରାଉଳ, କୈଳାସଚନ୍ଦ୍ର ରାଉତ, ଶରତ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କଣ୍ଠଶିଳ୍ପୀ ଅକ୍ଷୟ କୁମାର ନାୟକ ଭଜନ ପରିବେଷଣ କରିଥିଲେ। କବି ନିର୍ମଳା ମହାପାତ୍ର ଜଳ, ଜୀବନ ଓ ଜଗନ୍ନାଥଙ୍କୁ ନେଇ କବିତା ଆବୃତ୍ତି କରିଥିଲେ। ଶ୍ରୀକ୍ଷେତ୍ର ଭଉଁରୀ ଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଥିଲା।

## ରାତିରେ ଟ୍ରାକ୍ଟର ଚୋରି କରିନେଲେ ଦୁର୍ବୃତ୍ତ

ଔପଦା, ୧୯।୫(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ଥାନା ବ୍ଲକ ସଦର ତଳକିଆ ପଞ୍ଚାୟତ ପ୍ରତାପପୁର ଗ୍ରାମରୁ ଗତ ୧୫ତାରିଖ ରାତିରେ ଦୁର୍ବୃତ୍ତମାନେ ଇଞ୍ଜିନ ସହ ଡାଲା ଥିବା ଏକ ଟ୍ରାକ୍ଟରକୁ ଚୋରି କରିନେଇଛନ୍ତି। ଗ୍ରାମର ଭରତ ଚନ୍ଦ୍ର ପ୍ରଧାନଙ୍କ ନାମରେ ଟ୍ରାକ୍ଟରଟି ଥିବା ବେଳେ ଏନେଇ ସେ ଗତ ୧୬ତାରିଖରେ ଔପଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୬୦/୨୫) ରୁଜୁ କରାଯାଇଛି। ଔପଦାରୁ ବଡ଼ପୋଖରୀ ଦେଇ ଯାଇଥିବା ମୁଖ୍ୟରାସ୍ତାର ପ୍ରତାପପୁର ଗାଁ ଛକଠାରେ ଥିବା ଟ୍ରାକ୍ଟର ଚୋରି ହୋଇଥିଲା। ଟ୍ରାକ୍ଟର ଚୋରି ହେବାର ୫ଦିନ ବିତିଯାଇଥିଲେ ମଧ୍ୟ ସନ୍ଧାନ ମିଳି ନ ଥିବାରୁ ପୋଲିସ ବିଭିନ୍ନ ସ୍ଥାନରେ ତନାଘନା କରି ସନ୍ଦେହରେ କିଛି ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## କପିଳାସ ଟୋଲଗେଟ୍ ସିଲ୍ ହେଲା

ଢେଙ୍କାନାଳ,୧୯।୫(ରତନ ନାୟାର)



କପିଳାସ ଟୋଲଗେଟ୍‌କୁ ସିଲ୍ କରାଯାଉଛି।

କପିଳାସ ପୀଠକୁ ଯିବା ରାସ୍ତାରେ ଥିବା ଟୋଲ ଗେଟ୍‌କୁ ସୋମବାର ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି। ଏଥିସହିତ ନୂତନ ଟୋଲ ଗେଟ୍ ବାରବାଙ୍କ ରାସ୍ତା ନିକଟରେ କରାଯାଇଥିବା ଉପଜିଲାପାଳ ବିବୁଧ ଗଡ଼ନାୟକ ସୂଚନା ଦେଇଥିଲେ। ଦୀର୍ଘଦିନ ଧରି ଉକ୍ତ ଟୋଲ୍ ଗେଟରେ ଯାତ୍ରୀଙ୍କ ଠାରୁ ବେଆଇନ ଭାବେ ଫି ଆଦାୟ କରାଯାଉଥିବା ଅଭିଯୋଗକୁ ନେଇ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ନିକଟରେ ଅଭିଯୋଗ ହୋଇଆସୁଥିଲା। ଜିଲା କାର୍ଯ୍ୟାଳୟର ଉପଜିଲାପାଳଙ୍କ ପତ୍ରରେ ୧୭ ତାରିଖରେ ଏହାକୁ ସ୍ଥାନାନ୍ତର କରିବା ପାଇଁ ଲିଜ୍‌ଧାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିଲା। ଏ ସମ୍ପର୍କରେ ଜାଣିବା ପରେ ନିଜେ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଏହାକୁ ସିଲ୍ କରିବା ସହ ନୂତନ ଗେଟ୍‌କୁ ବାରବାଙ୍କ ରାସ୍ତା ନିକଟକୁ ନେଇଥିଲେ।

## ୭୮ ଶାଳ ପଟା, ପିକ୍ଅପ୍ ଜବତ



ପବିତ୍ରନଗର,୧୯।୫(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ କୁମୁଣ୍ଡା ରାସ୍ତାରେ ବନ ବିଭାଗ ପକ୍ଷରୁ ସୋମବାର ଯାଞ୍ଚ କରାଯାଇ ଶାଳପଟା ବୋଝେଇ ଏକ ପିକ୍ଅପ୍ (ନଂ ଓଆର-୧୯-ଇ୫୮୪୯) ଭ୍ୟାନ୍ ଜବତ କରାଯାଇଛି। ଏଥିରେ ୭୮ଟି ଶାଳ ପଟା ସହ ବିମ୍ ଥିଲା। ଉକ୍ତ ପିକ୍ଅପ୍ ଭ୍ୟାନ୍ କୋଶଳା ଆଡୁ କୁମୁଣ୍ଡା ଅଭିମୁଖେ ଯାଉଥିବା ବିଶେଷସୂତ୍ରରୁ ଖବରପାଇ କଣିହାଁ ବନ ବିଭାଗ ଅଧିକାରୀମାନେ ଯାଞ୍ଚ ପହଞ୍ଚିଥିଲା। ଅଧିକାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଚାଳକ ଚମ୍ପଟ ମାରିଥିବାବେଳେ ଏ ନେଇ ବନ ବିଭାଗ ତଦନ୍ତ ଚଳାଇଛି। ବନ ବିଭାଗ ପକ୍ଷରୁ ଚଢାଉବେଳେ ବନପାଳ ଦୀପକ କୁମାର ସେଠୀ, ବନରକ୍ଷକ ଦୀପକ କୁମାର ସାହୁ, ରଞ୍ଜନ ପ୍ରଧାନ, ଧ୍ରୁବ ସାହୁ, ସଂସାର ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ପୌରସଂସ୍ଥା ପକ୍ଷରୁ ଜବରଦଖଲ ଉଚ୍ଛେଦ



ପୌରସଂସ୍ଥା ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ସହର ଆର୍‌ଟିଓ କାର୍ଯ୍ୟାଳୟ ନିକଟସ୍ଥ ପୌରସଂସ୍ଥା ଅଡିଟୋରିୟମକୁ ଲାଗି ସଂସ୍ଥାର ଥିବା ଜାଗାକୁ ଜଣେ ବ୍ୟକ୍ତି ଜବରଦଖଲ କରି ଘର କରିଥିଲେ। ସୋମବାର ପୌରସଂସ୍ଥା ପକ୍ଷରୁ ପୋଲିସ ଉପସ୍ଥିତିରେ ଜେସିବି ମେଶିନ ଲଗାଇ ଉକ୍ତ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ କହିଛନ୍ତି, ସୁନୀଲ କୁମାର ଦାସ ଦୀର୍ଘଦିନ ହେବ ପୌରସଂସ୍ଥା ଜାଗାକୁ ଜବର ଦଖଲ କରିଥିଲେ। ତାଙ୍କୁ ପୌରସଂସ୍ଥା ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଖାରଜ କରିବା ପରେ ଗତ ଶନିବାର ସିଭିଲ କୋର୍ଟ ଅଦାଲତରେ ମଧ୍ୟ ଏହି ମାମଲା ଖାରଜ ହୋଇଥିଲା। ପୂର୍ବରୁ ତହସିଲଦାରଙ୍କ କୋର୍ଟରେ ମଧ୍ୟ ଏହି ମାମଲା ଖାରଜ ହୋଇଥିଲା। ଏହାପରେ ପୌରସଂସ୍ଥା ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଇଛି।

## ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଦାବି

ଆଠମଲ୍ଲିକ,୧୯।୫(ଉଦୀପ୍ତ ପୁରୋହିତ)



ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ହଟୁଆପଡ଼ା ଗ୍ରାମରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବାକୁ ସୋମବାର ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କୁମ୍ଭୀଆ ଓ ହଟୁଆପଡ଼ା ଉଭୟ ଗ୍ରାମକୁ ନେଇ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ର କୁମ୍ଭୀଆ ଗ୍ରାମରେ ଥିଲା। କୁମ୍ଭୀଆ ଗ୍ରାମର ଜଣେ ମହିଳା ୱାର୍କର ଥିବାବେଳେ ହଟୁଆପଡ଼ା ଗ୍ରାମର ଜଣେ ମହିଳା ସହାୟିକା ଥିଲେ। ଉକ୍ତ ସହାୟିକାଙ୍କ ଅବସର ପରେ ନୂତନ ସହାୟିକା କୁମ୍ଭୀଆ ଗ୍ରାମର ହୋଇଥିବାରୁ ହଟୁଆପଡ଼ା ଗ୍ରାମର ଶିଶୁ ହାରାହାରି ୨ କିଲୋମିଟର ଜଙ୍ଗଲ ଓ ନାଳ ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ହଟୁଆପଡା ଗ୍ରାମରେ ୨୧୦ ଜଣ ଲୋକ ରହୁଥିବା ବେଳେ ଅଙ୍ଗନୱାଡିରେ ୧୩ ଶିଶୁ ପଢୁଛନ୍ତି। ଏ ନେଇ ଗ୍ରାମବାସୀ ୫ ଅଗଷ୍ଟ ୨୦୨୪ ମସିହାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ପ୍ରଶାସନିକ ଅଧିକାରୀ ଗ୍ରାମ ପରିଦର୍ଶନ କରି ନୂତନ ମିନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ତରଫରୁ ୱାର୍ଡ ସଭ୍ୟ ସଂଗ୍ରାମ କର୍ଣ୍ଣ, ଅଭିଭାବକ ପ୍ରସନ୍ନ ସେଠୀ, ବିଭୂତି ରଣା, ସୁବ୍ରତ ପ୍ରଧାନ, ଗୌରାଙ୍ଗ ବିଶ୍ୱାଳ, କୃତିବାସ ସେଠୀ, ଶରତ କର୍ଣ୍ଣ, ଚୈତନ୍ୟ ସେଠୀ, ରିକୁନ ସେଠୀ ପ୍ରମୁଖ ଦାବି କରିଛନ୍ତି।

## ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପରଲୋକ

ଛେଣ୍ଡିପଦା,୧୯।୫(ଅଜିତ ଧଳ)



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ମାମୁରିଆ ଗ୍ରାମର ଆଦର୍ଶ ଶିକ୍ଷକ ତଥା ଛେଣ୍ଡିପଦା ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଉଦ୍ଧବ ସାହୁ(୬୭)ଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ମଧୁମେହ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ବରପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଶିକ୍ଷକତା ଆରମ୍ଭ କରି ସେ ବ୍ଲକର ଏସ୍ଆଇ, ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଜଣେ ଶାନ୍ତ ସରଳ ଆଧାତ୍ମିକ, ମିଷ୍ଟଭାଷୀ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ କମଳିନୀ ପ୍ରଧାନ ଶେଷଦର୍ଶନ କରିବା ସହ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ପହଞ୍ଚି ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇବୋହୂ, ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଛେଣ୍ଡିପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ପାଲଲହଡ଼ା,୧୯।୫(ଦିବ୍ୟଜ୍ୟୋତି ଦାଶ)

ଅପରେଶନ ସିନ୍ଦୂରର ପରାକ୍ରମ ପରିପ୍ରେକ୍ଷୀରେ ସୋମବାର ଅନୁଗୋଳ ଜିଲା ପାଲଲହଡ଼ା ଭାଜପା ଖେମଳା ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଛନ୍ଦାଚରଣ ସାହୁଙ୍କ ନେତୃତ୍ୱରେ ବାଇକ୍ ଯୋଗେ ଶତାଧିକ କର୍ମୀ ପ୍ରତ୍ୟେକ ପଞ୍ଚାୟତକୁ ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରା ଡିମିରିଆ ପଞ୍ଚାୟତ ଅନ୍ତର୍ଗତ ଝିମିରିପାଲି ଶିବ ମନ୍ଦିରରୁ ବାହାରି ବତୀସୁଆଁ, କାରଡାପାଳ, ବଡ଼ସଡା, ଖେମଳା ପଞ୍ଚାୟତଠାରେ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ଧର୍ମେନ୍ଦ୍ର ସାହୁଙ୍କ ସମେତ ନେଙ୍କୁରି ବାଘ, ବୁଦ୍ଧଦେବ ନାୟକ, ବସନ୍ତ ମହାପାତ୍ର, ଲୋକନାଥ ପ୍ରଧାନ, ରବି ବିଶ୍ୱାଳ, ମଧୁସୂଦନ ସାହୁ, ଉମାକାନ୍ତ ମହାନ୍ତ, ଧର୍ମେନ୍ଦ୍ର ମହାନ୍ତ ପ୍ରମୁଖଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ମଇଁଷି ଆକ୍ରମଣରେ ଜଣେ ମୃତ

ଜଳେଶ୍ୱର, ୧୯।୫(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତ ଅନ୍ତର୍ଗତ ହଳଦୀଗୁଣ୍ଡି ଗ୍ରାମରେ ମଇଁଷି ଆକ୍ରମଣରେ ତଳ ମୁର୍ମୁ (୫୨) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ରବିବାର ରାତିରେ ତାଙ୍କ ଘରେ ଥିବା ଦୁଇଟି ମଇଁଷି ମଧ୍ୟରେ ଲଢ଼େଇ ଲାଗିଥିଲା। ସେ ଏହି ଲଢ଼େଇ ଛଡ଼ାଇବାକୁ ଯାଇଥିଲେ। ସେଠାରେ ଏକ ମଇଁଷିର ଶିଙ୍ଗ ତାଙ୍କ ପେଟରେ ଭୁଷି ଅନ୍ତନାଡ଼ି ବାହାରିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ ବାରିକ, ଭାଜପା ପଞ୍ଚାୟତ ସଭାପତି ସୁଜିତ ଦାସ, ପୂର୍ବତନ ସଭାପତି ସପନ ବିନ୍ଧାଣୀ, ବାଦଲ ସୋରେନ୍, ସନତ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

## ୨୦ କେଜି ଗଞ୍ଜେଇ ଜବତ: ଦାଦା, ଝିଆରୀ ଗିରଫ

ଜଳେଶ୍ୱର, ୧୯।୫(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଓ ଭୋଗରାଇ ଅବକାରୀ ବିଭାଗ ପକ୍ଷରୁ ସୋମବାର ଅଚାନକ ଚଢାଉ କରାଯାଇଛି। ଜଳେଶ୍ୱର ଷ୍ଟେଶନ ସମ୍ମୁଖରୁ ୨ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୨୦କି.ଗ୍ରା. ଗଞ୍ଜେଇ ଭର୍ତ୍ତି ଏକ ବ୍ୟାଗ୍ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଏ ସମ୍ପର୍କରେ ଅବକାରୀ ଥାନାରେ ଏକ ମାମଲା (ନଂ. ୩୩/୨୫-୨୬) ରୁଜୁ ହୋଇ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଗିରଫ ବେପାରୀଦ୍ୱୟ ଏହି ଗଞ୍ଜେଇ ବସ୍ତା ନେଇ ବସ୍ ଯୋଗେ ପଶ୍ଚିମବଙ୍ଗ ଯାଇଥାନ୍ତେ। ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଗିରଫଦ୍ୱୟ ହେଲେ ଭଦ୍ରକ ଜିଲା ତିହିଡି ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ନରେନ୍ଦ୍ର ମହାଳିକ (୪୪) ଓ ସୋନାଲି ଖୁଣ୍ଟିଆ (୨୭)। ଦୁଇଜଣ ସମ୍ପର୍କରେ ଦାଦା ଓ ଝିଆରୀ ବୋଲି ଥାନା ପକ୍ଷରୁ କୁହାଯାଇଛି। ଜଳେଶ୍ୱର ଅବକାରୀ ଓଆଇସି ଚନ୍ଦନ ନାୟକଙ୍କ ନେତୃତ୍ୱରେ ଏହି ଟିମ୍ ଚଢାଉ କରିଥିଲା।

## ଖରିଦା ଶକ୍ତିପୀଠରେ ହରପାର୍ବତୀଙ୍କ ଲଗ୍ନଧରା

ବାହାନଗା,୧୯।୫(ଅରୂପ୍ କୁମାର ଦାସ)



ଦେବଦମ୍ପତିଙ୍କ ଲଗ୍ନଧରା ଯାଉଛି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତ ଜୟୀନଗରସ୍ଥିତ ଖରିଦା ଶକ୍ତିପୀଠରେ ଥିବା ବାବା ହରିହରେଶ୍ୱରଙ୍କ ପ୍ରାଙ୍ଗଣରେ ହରପାର୍ବତୀଙ୍କ ବିବାହ ଉତ୍ସବ ଉପଲକ୍ଷେ ସୋମବାର ଲଗ୍ନଧରା ଅନୁଷ୍ଠିତ ହୋଇଥିଲା। ଅଞ୍ଜି, ବାହାନଗା, ଜୟୀନଗର, ଖରିଦା ଆଦି ଗ୍ରାମରୁ ଶ୍ରଦ୍ଧାଳୁମାନେ ଦେବଦମ୍ପତିଙ୍କ ଲଗ୍ନଧରା କାର୍ଯ୍ୟରେ ଯୋଗ ଦେଇଥିଲେ। ଶକ୍ତିପୀଠରେ କୀର୍ତ୍ତନ ଦଳ, ଶଙ୍ଖୁଆ, ଚର୍ଚ୍ଚକ, ମାଳି, ପୁସ୍ତକ ଆଚାର୍ଯ୍ୟ ଉପସ୍ଥିତ ରହି ଦେବଦମ୍ପତିଙ୍କ ଦୁର୍ଲଭ କାର୍ଯ୍ୟରେ ସହାୟତା କରିଥିଲେ। କନ୍ୟା ପାର୍ବତୀଙ୍କ ମା' ବାପା ଭାବେ ଜୟୀନଗର ଗ୍ରାମର ନରହରି ନାୟକ ଓ ମଞ୍ଜୁଲତା ନାୟକ କାର୍ଯ୍ୟ ତୁଲାଇଥିଲେ। ସେମାନେ ଚଳିତବର୍ଷ ଦେବଦମ୍ପତିଙ୍କ ବିବାହରେ କନ୍ୟାକର୍ତ୍ତା ଭାବେ କାର୍ଯ୍ୟ ତୁଲାଇବାରେ ଆଶୀର୍ବାଦ ପାଇଥିବା କହିଥିଲେ। ସେହିପରି ମହାଦେବଙ୍କ ମାତାପିତା ଭାବେ ଖରିଦା ଗ୍ରାମର ଊର୍ମିଳା ଓଝା ଓ ଜଗଦୀଶ ଓଝା ଚଳିତବର୍ଷ କାର୍ଯ୍ୟ ତୁଲାଇବାର ସୌଭାଗ୍ୟ ଅର୍ଜନ କରିଥିବା ପ୍ରକାଶ କରିଛନ୍ତି। ଲଗ୍ନଧରା ସମୟରେ ଆସନ୍ତା ୩୧ତାରିଖ ସନ୍ଧ୍ୟାରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ବିବାହ ଉତ୍ସବରେ ମହାଦେବ ୩ ହଜାର ବରଯାତ୍ରୀ ଧରି କନ୍ୟା ପାର୍ବତୀଙ୍କ ବାପ ଘର ଜୟୀନଗର ଗ୍ରାମକୁ ଯିବେ। ଏହି ବରଯାତ୍ରୀ ଦଳର ଗଣେଶ, ହନୁମାନ, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା ସହିତ ମହାଦେବଙ୍କ ଦୂତ ଓ ଅସୁର, ଚଣ୍ଡିଚାମୁଣ୍ଡାମାନଙ୍କୁ ଧରି ବରଯାତ୍ରୀ ଭାବେ ମହାଦେବ ବିବାହ ପାଇଁ ଯିବେ। ଯୌତୁକ ଭାବେ ମହଦେବଙ୍କୁ କନ୍ୟାଘର ପକ୍ଷରୁ ୧୦ ହଳ ନାଗ, ଶ୍ମଶାନ ଜମି, ବୃଷଭ ଆଦି ଦେବା ପାଇଁ କନ୍ୟାପିତା ଲଗ୍ନରେ ସ୍ଥିର କରିଥିଲେ। ଲଗ୍ନଧରା କାର୍ଯ୍ୟ ଆଡମ୍ବର ସହିତ ସମାପନ ହୋଇଥିଲା।

## ଭତ୍ତା ପାଇଁ ଆସି ଫେରିଗଲେ ପଞ୍ଚାୟତବାସୀ

ଜଳେଶ୍ୱର, ୧୯।୫(ନବୀନ ସାହୁ)




ପଞ୍ଚାୟତ ଅଫିସ ସମ୍ମୁଖରେ ଭତ୍ତା ହିତାଧିକାରୀ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ସମସ୍ତ ପଞ୍ଚାୟତରେ ସୋମବାର ଭତ୍ତା ବଣ୍ଟନ କରାଯାଉଛି। ନାମ୍ପୋ ପଞ୍ଚାୟତରେ ୫୯୩ ଭତ୍ତା ହିତାଧିକାରୀ ରହିଛନ୍ତି। ପଞ୍ଚାୟତର ୨୨ଜଣ ବୃଦ୍ଧା ଏବଂ ବୃଦ୍ଧ ମଧୁବାବୁ ଭତ୍ତା ପାଇଁ ପଞ୍ଚାୟତରେ ସକାଳ ୧୦ଟାରେ ପହଞ୍ଚିଥିଲେ। ପିଇଓ ଅଶୋକ ସିଂ ତାଙ୍କର ଭତ୍ତା ଆସି ନାହିଁ କହି ଫେରିଯିବାକୁ କହିଥିଲେ। ଏନେଇ ପଞ୍ଚାୟତରେ ହୋ ହାଲ୍ଲା ହୋଇଥିଲା।

କିଛିଦିନ ପୂର୍ବରୁ ନାମ୍ପୋ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀମାନେ ଚଞ୍ଚକତା କରି ଭତ୍ତା ନେଉଛନ୍ତି ବୋଲି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଏ ନେଇ ଜିଲାପାଳଙ୍କ ତରଫରୁ ତଦନ୍ତ ସରିଛି। ହାଇକୋର୍ଟରେ ମଧ୍ୟ ମାମଲା ଚାଲୁ ରହିଛି। ହାଇକୋର୍ଟ ଅଧୀନରେ ମାମଲା ଥିଲା ବେଳେ ବୃଦ୍ଧାବୃଦ୍ଧଙ୍କ ଭତ୍ତା କାହିଁକି ବନ୍ଦ କରାଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମନୋଜ ପ୍ରାମାଣିକ, ସୁଶୀଲ କୁମାର ଦାସ, ସେକ ମନିର ଉଦ୍ଦିନ, ଲମ୍ବୁଧର ଦେ, ଅବନୀ ଦତ୍ତ, ହରିହର ସେନାପତି, ଲାବଣ୍ୟପ୍ରଭା ଦେ, ପୂର୍ଣ୍ଣେନ୍ଦୁ ଦାସ, କାଳୀଚରଣ ମୁର୍ମୁ, ସନାତନ ମାରାଣ୍ଡି, ଉଜ୍ଜ୍ୱଳ ଦାସଙ୍କ ସହ ସମସ୍ତଙ୍କର ବୟସ ୬୦ରୁ ଊର୍ଦ୍ଧ୍ୱ ହୋଇଥିଲେ ହେଁ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବ୍ଲକ ସାମାଜିକ ଅଧିକାରିଣୀ ସଲିମା ରାଉତଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ତେଣୁ ଅଭିଯୋଗ ଆସିଥିବା ବ୍ୟକ୍ତିଙ୍କର ଭତ୍ତା ବନ୍ଦ ରଖାଯାଇଛି।

# ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି: ଯୋଗାଣ ମନ୍ତ୍ରୀ


ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଅନୁଗୋଳରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ**

**ଅନୁଗୋଳ, ୧୯।୫ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ସଭାଘରଠାରେ ସୋମବାର ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ତ କ୍ଷେତ୍ରରେ ବିକାଶ ଚାଲୁ ରହିଛି। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ମହିଳା, ଯୁବକ, ଶ୍ରମିକ ଓ କୃଷକମାନଙ୍କ ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟ କରୁଛି। ନିର୍ବାଚନ ସମୟରେ ଭାଜପାର ସଂକଳ୍ପପତ୍ରରେ ସ୍ଥାନିତ ହୋଇଥିବା ସମସ୍ତ ପ୍ରତିଶ୍ରୁତି ଗୋଟି ଗୋଟି କରି ପୂରଣ ହେବାରେ ଲାଗିଛି। କୃଷକମାନଙ୍କ ଆୟ ଦୁଇଗୁଣିତ କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଉଛି। ବିକଶିତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅହରହ ପରିଶ୍ରମ କରୁଥିବାରୁ ତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ କମ୍ ହେବ ବୋଲି ମନ୍ତ୍ରୀ ପାତ୍ର ପ୍ରକାଶ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ କୃଷକମାନଙ୍କ ସମସ୍ୟା ଯେଉଁଭଳି ଭାବେ ସମାଧାନ କରାଯାଉଛି, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ପ୍ରକାଶ କରିଥିଲେ। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ମୋହନ ସରକାର ୨୦୪୭ ଓ ୨୦୩୬ ମିଶନକୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଗତ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଜଗନ୍ନାଥ ଗଡ଼ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଭାଜପାର ସମସ୍ତ ପଦାଧିକାରୀଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ଅଚିହ୍ନା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ସନ୍ତିଛକ,୧୯।୫(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଗୋତମରା ଶନି ମନ୍ଦିର ନିକଟରୁ ଶନିବାର ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ, ନିଶାଗ୍ରସ୍ତ ଅବସ୍ଥାରେ ଜଣେ ଯୁବକ ପଡ଼ିଥିବା ସ୍ଥାନୀୟ ଲୋକେ ଜରୁରୀ ନମ୍ବର ୧୧୨କୁ କଲ୍ କରି ଖବର ଦେଇଥିଲେ। ପରେ ବଁଅରପାଳ ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଶବଗୃହରେ ରଖିଛି। ଏସ୍‌ଆଇ ମନୋଜ ମିଶ୍ର ଅଧିକ ତଦନ୍ତ ଚଳାଇଛନ୍ତି।

# ଗଛ କଟାକୁ ଗ୍ରାମବାସୀଙ୍କ ବିରୋଧ

**ଛେଣ୍ଡିପଦା,୧୯।୫ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲରେ ଖଣି ପାଇଁ ଗଛକଟା ଚାଲିଥିବା ବେଳେ ଥାଲିପଶି ଓ କରଡ଼ବାହାଲ ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ଗଛକଟା ପାଇଁ ବ୍ୟବହୃତ ମେଶିନକୁ ଛଡାଇ ରଖିଥିଲେ। ଏହାକୁ ନେଇ ଉତ୍ତେଜନା ପରିସ୍ଥିତି ଦେଖା ଦେଇଥିଲା। ଖବରପାଇ ଛେଣ୍ଡିପଦା ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା ଜାରି ରଖିଛି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକରେ ନୟନୀ କୋଇଲା ଖଣି ପାଇଁ ପରିବେଶ ମଞ୍ଜୁରୀ ମିଳିବା ପରେ ଛେଣ୍ଡିପଦା ରାମଚଣ୍ଡୀ ଓ ମା' ହିଙ୍ଗୁଳା ବନ ସଂରକ୍ଷଣ ସମିତି ଅଧୀନରେ ଥିବା ୪୦୦ ହେକ୍ଟର ସଂରକ୍ଷିତ ଜଙ୍ଗଲରୁ ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ଗଛ କଟାଯାଇ କୋଇଲା ଖଣି କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଥଳିପଶି ଓ କରଡାବାହାଲ ବନ ସଂରକ୍ଷଣ ସମିତି ଅଧୀନରେ ଥିବା ୧୧୬ ହେକ୍ଟର ଜଙ୍ଗଲକୁ ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଗଛ କଟାଯାଉଥିବା ବେଳେ କରଡାବାହାଲ ଗାଁ ସଭାପତି ରଞ୍ଜନ କୁମାର ପ୍ରଧାନ, ସମ୍ପାଦକ ବନ୍ଧୁ ପ୍ରଧାନ, ଥଳିପଶି ଗାଁ ସଭାପତି ବିଜୟ ସାହୁ, ସମ୍ପାଦକ କୈଳାଶ ସାହୁ, ସନ୍ତୋଷ ସାହୁ, ଟିକନ ସାହୁ, ପ୍ରମୋଦ ସାହୁ, ଅଖିଳ ସାହୁ, ଲିଟୁ ପ୍ରଧାନ ପ୍ରମୁଖ ବିରୋଧ କରିବା ସହିତ ୭ଟି ଗଛ କଟା ମେଶିନକୁ ଛଡାଇ ନେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରାୟ ୫୦ ବର୍ଷରୁ ଅଧିକ ହେବ ଉକ୍ତ ଜଙ୍ଗଲକୁ ସେମାନେ ଜଗିଆସୁଛନ୍ତି। ପ୍ରାୟ ୩୫୦ରୁ ଅଧିକ ପରିବାର ଏଥିରୁ ପ୍ରତିପୋଷଣ ହେଉଛନ୍ତି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଜୋର ଜବରଦସ୍ତ ଗଛ କାଟୁଛି। ପ୍ରଶାସନ ଏହାର ତୁରନ୍ତ ସମାଧାନ ନ କଲେ ଆନ୍ଦୋଳନ କରାଯିବ ବୋଲି କରଡାବାହାଲ ଗ୍ରାମ ସଭାପତି ପ୍ରଧାନ ପ୍ରକାଶ କରିଛନ୍ତି। ବନାଞ୍ଚଳ ଅଧିକାରୀ ଶୁଭ୍ରାଶୁଚିସ୍ମିତା ମହାପାତ୍ର କହିଛନ୍ତି, ଉକ୍ତ ସଂରକ୍ଷିତ ଜଙ୍ଗଲ କାଟିବାକୁ କମ୍ପାନୀକୁ ଅନୁମତି ମିଳିସାରିଛି। ଏ ନେଇ ବାରମ୍ବାର ବନ ସଂରକ୍ଷଣ ସମିତି ସହିତ ବୈଠକ କରାଯାଇ ଆଲୋଚନା କରାଯାଉଛି।

# ଜନଶୁଣାଣିରେ ୨୭ ଅଭିଯୋଗ ଗ୍ରହଣ


ଶିବିରରେ ମଞ୍ଚାସୀନ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଛେଣ୍ଡିପଦା,୧୯।୫ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପରିସରରେ ସୋମବାର ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଆରକ୍ଷୀ ଅଧୀକ୍ଷକ ସଞ୍ଜୀବ କୁମାର ପଣ୍ଡା ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ୩ଜଣ ଅସହାୟ ବ୍ୟକ୍ତିଙ୍କୁ ମୋଟ ୧୧ ହଜାର ୫୦୦ ଟଙ୍କାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ତହସିଲଦାର ମାନସ ରାୟ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଧୁମଧାମରେ ବଇଣ୍ଡା ଚନ୍ଦନଯାତ୍ରା ପାଳିତ

**ବଇଣ୍ଡା,୧୯।୫(ପରିକ୍ଷିତ ସାହୁ)**



ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ରବିବାର ପାଳିତ ହୋଇଯାଇଛି। ୪୮ ବର୍ଷରେ ପହଞ୍ଚିଥିବା ଏହି ଯାତ୍ରା ଅବସରରେ ରାଧାକୃଷ୍ଣ ମନ୍ଦିରରୁ ପ୍ରଭୁଙ୍କୁ ଆଣି ଏକ ବିମାନରେ ନଗର ପରିକ୍ରମା କରାଯାଇ ଚନ୍ଦନ ପୋଖରୀକୁ ଅଣାଯାଇଥିଲା। ସେଠାରେ ମନ୍ଦିର ପୂଜକ ମଦନମୋହନ ମିଶ୍ର ପୂଜା କରିବା ସହ ପ୍ରଭୁଙ୍କୁ ସ୍ନାନ କରାଇଥିଲେ। ପରେ ପ୍ରଭୁଙ୍କୁ ଯାତ୍ରା ପଡିଆକୁ ଅଣାଯାଇଥିଲା। ପୂଜା ମଣ୍ଡପରେ ପ୍ରଭୁ ରାଧାକୃଷ୍ଣଙ୍କୁ ପୂଜକ ଜଗତ ମୋହନ ମିଶ୍ର ପୂଜା କରିବା ସହ ହୋମଯଜ୍ଞ କରିଥିଲେ। ଏହାପରେ ବିଗ୍ରହଙ୍କୁ ଚନ୍ଦନ ନଗର ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁଙ୍କ ଘରକୁ ନିଆଯାଇଥିଲା। ସେଠାରେ ପରମ୍ପରା ଅନୁଯାୟୀ ପୂଜା କରାଯିବା ପରେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଲଉଡି ଖେଳ, ନାମ ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ସହ ଡିଜେ ସାଉଣ୍ଡର ତାଳେତାଳେ ଚନ୍ଦନ ପୋଖରୀକୁ ଅଣାଯାଇଥିଲା। ସେଠାରେ ଅସ୍ଥାୟୀ ଭାବେ ନିର୍ମାଣ ହୋଇଥିବା ପୋଖରୀରେ ପ୍ରଭୁ ଚାପ ଖେଳିଥିଲେ। ଏଥିରେ ବିଭିନ୍ନ ଆତସବାଜୀ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟୁତ୍ ବିଭାଗ ଓ ବେହେରା ଟେଣ୍ଟ ହାଉସ୍ ପକ୍ଷରୁ ଯାତ୍ରା ପଡ଼ିଆକୁ ସାଜସଜ୍ଜା ସହ ଆଲୋକୀକରଣ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ଲୋକଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ, ହଣ୍ଡପା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ସହ ବିଭିନ୍ନ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲା, ଯାତ୍ରା କମିଟି ସଭାପତି ଜିତେନ୍ଦ୍ର ବେହେରା, ବିକ୍ରମ ସାହୁ, ଅରବିନ୍ଦ ସାହୁ, ଘନଶ୍ୟାମ ସାହୁ, ବିନୀତ ସାହା, ଜଳଧର ସାହୁ, ଜମ୍ବେଶ୍ୱର ସାହୁ, ମାନସ ସାହୁ, ସଞ୍ଜୟ ସାହୁ, ପରିକ୍ଷିତ ସାହୁ, ଉଗ୍ରେସନ ସେଠୀ, ଗିରିଶ ବେହେରା, ଲମ୍ବୋଦର ପାତ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।


ଠାକୁରଙ୍କ ଶୋଭାଯାତ୍ରା ବେଳେ ବିଭିନ୍ନ ବେଶଧାରୀ, ନଗର ପରିକ୍ରମା କରାଯାଉଛି।

# ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ନିର୍ବାଚନ


କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟମାନେ।

**ଅନୁଗୋଳ, ୧୯।୫ (ମାନସ ବିଶ୍ୱାଳ)**

ଅନୁଗୋଳ ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଶେଷ ହୋଇଛି। ବରିଷ୍ଠ ସଦସ୍ୟ ଅରୁଣ କୁମାର ଦାସ ସଭାପତିତ୍ୱ କରିଥିଲେ। ସଭାପତି ଭାବେ ରାଜକିଶୋର ଦାସ, ଉପସଭାପତି ରମେଶ ଚନ୍ଦ୍ର ସାହୁ, ଧନେଶ୍ୱର ସାହୁ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂହସାମନ୍ତ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ଦାସ, ସଙ୍ଗଠନ ସମ୍ପାଦକ ତ୍ରେତାନନ୍ଦ ସାମନ୍ତ, କୋଷାଧ୍ୟକ୍ଷ ଦାମୋଦର ଦାସ, ସାଂସ୍କୃତିକ ସମ୍ପାଦକ କିଶୋର ଚନ୍ଦ୍ର ଦେହୁରୀ ନିର୍ବାଚିତ ହୋଇଥିଲେ। ସମୀକ୍ଷକ ଭାବେ ଧ୍ରୁବଚରଣ ସାହୁ, କିଶୋର ଚନ୍ଦ୍ର ସାହୁ ଏବଂ ଉପଦେଷ୍ଟା ଭାବେ ବସନ୍ତ କୁମାର ଦାସ, ଉତ୍ସବ ବେହେରା, କାର୍ଯ୍ୟକାରୀ କମିଟି ସଦସ୍ୟ ହୃଷୀକେଶ ସାହୁ, ବିକ୍ରମ କୁମାର ସିଂହସାମନ୍ତ, ପ୍ରମୋଦ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ସାମନ୍ତ, ଦୁର୍ଗାଚରଣ ସାହୁ, ବାବାଜୀ ସାସମଲ, ଭଗବାନ ମହାପାତ୍ର, ଗନ୍ଧର୍ବ ବେହେରା, ଶ୍ରୀପତି ମହାପାତ୍ର, ଗୋକୁଳ ଚନ୍ଦ୍ର ସାମନ୍ତ, ସତ୍ୟବାଦୀ ଦାସ ନିର୍ବାଚିତ ହୋଇଥିଲେ। ବରିଷ୍ଠ ସଦସ୍ୟ ଅରୁଣ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତସ୍ତରୀୟ ଶୁଣାଣି ଶିବିର

**ବଁଅରପାଳ,୧୯।୫(ସୁବାସ ସାହୁ):**

ବଁଅରପାଳ ବ୍ଲକ ଅନ୍ତର୍ଗତ କୁଲାଡ ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିର ଗ୍ରାମପଞ୍ଚାୟତ ସରପଞ୍ଚ ଉଷାରାଣୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଶିବିରରେ ମୋଟ ୮ ଟି ଅଭିଯୋଗ ହୋଇଥିଲା। ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଗ୍ରାମର ସର୍ବସାଧାରଣ ରାସ୍ତାକୁ ତୁରନ୍ତ ଜବରଦଖଲ ମୁକ୍ତ କରିବାକୁ ଦାବି ହୋଇଥିଲା। ଆର୍.ଆଇ ଗିରାଙ୍କ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର, ବଁଅରପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରକୁ ତହସିଲଦାର ସୁଶାନ୍ତ ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବ ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଶୀଲ କୁମାର ନାୟକ, ଆର୍.ଆଇ ସୁଶାନ୍ତ ନାୟକ, ସିଡିପିଓ ଲିଲି ଦାସ, ଏମ୍‌ଆଇ ସାରଦା ଦଳେଇ, ସମସ୍ତ ଏମ୍‌ବିକେ, ସିଆର୍‌ପି, ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ପ୍ରୀତି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ଅଧିକାରୀମାନେ।

# ସାପ୍ତାହିକ ହାଟ ପଡ଼ିଆରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ବଇଣ୍ଡା,୧୯।୫(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ସାପ୍ତାହିକ ହାଟ ପଡ଼ିଆ ଠାରେ ରବିବାର ବଇଣ୍ଡା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବଇଣ୍ଡା ଶାଖା ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ ଶିବିରକୁ ଉଦ୍‌ଘାଟନ କରିବା ସହ ଲୋକେ କିଭଳି ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନନେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିରେ ଭୁବନେଶ୍ୱରରୁ ଆସିଥିବା ଡାକ୍ତର ସଞ୍ଜୟ କୁମାର ମହାନ୍ତି ଯୋଗଦେଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବଇଣ୍ଡା ଶାଖା ପରିଚାଳିକା ବି.କେ. ବିନୋଦିନୀ ପରିଚାଳନା କରିବା ସହ ସ୍ୱାସ୍ଥ୍ୟ ମଣିଷର ବଡ଼ ସମ୍ପଦ ବୋଲି କହିଥିଲେ। ଏଥିରେ ବି.କେ. ରମେଶ, ବି.କେ. ବାଇଧର, ବି.କେ. ବିଜୟଙ୍କ ସହ ଶାଖାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ଘର ଭିତରକୁ ପଶିଗଲା ମାଲବାହୀ ଟ୍ରକ୍

**ଛେଣ୍ଡିପଦା,୧୯।୫ (ଅଜିତ ଧଳ)**


ଘର ଭିତରକୁ ପଶିଯାଇଛି ଟ୍ରକ୍।

ଅନୁଗୋଳ ଜିଲା ଜରପଡ଼ା ଥାନା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଲକ୍ଷ୍ମୀଧରପୁର ନିକଟରେ ସୋମବାର ଏକ ଟ୍ରକ୍ ଭାରସାମ୍ୟ ହରାଇ ଘର ଭିତରକୁ ପଶିଯାଇଛି। ଫଳରେ ଘର ଭିତରେ ଥିବା ବୃଦ୍ଧା ମଲ୍ଲୀ ସେଠୀ ଚାପି ହୋଇଯାଇଥିଲେ ହେଁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ଲକ୍ଷ୍ମୀଧରପୁର ଗାଁର ପ୍ରଫୁଲ୍ଲ ସେଠୀଙ୍କ ପରିବାର ଲୋକେ ଘରେ ବସିଥିବା ବେଳେ ଦ୍ରୁତଗତିରେ ଯାଉଥିବା ଏକ ମାଲବାହୀ ଟ୍ରକ୍ ପ୍ରଫୁଲ୍ଲଙ୍କ ଘର ଭିତରକୁ ପଶି ଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଜରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଅଙ୍ଗପଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା

**ବଇଣ୍ଡା,୧୯।୫(ପରିକ୍ଷିତ ସାହୁ)**

ଅପରେଶନ 'ସିନ୍ଦୂର'ର ସଫଳତା ପରେ ବୀର ଯବାନଙ୍କୁ ସମ୍ମାନ ଜଣାଇ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡ଼ା ପଞ୍ଚାୟତରେ ସୋମବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱରେ ଅଙ୍ଗପଡ଼ା ଶିବ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି କେନ୍ଦୁପଲି ଗ୍ରାମରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ବହୁ ପୁରୁଷ ଓ ମହିଳା ସାମିଲ ହୋଇ ବିଭିନ୍ନ ନାରାଦେଇ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ଡାକ୍ତର ଅଲେଖ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପରେଶ ଦେଓ, ହୃଦାନନ୍ଦ ପ୍ରଧାନ, କୁମୁଦଚନ୍ଦ୍ର ପ୍ରଧାନ, ପ୍ରମୋଦ ବେହେରା, ଦେଶ ବେହେରା, ଉଦୟ ପ୍ରଧାନ, ରଞ୍ଜନ ବିଶ୍ୱାଳ, ବୁଲୁ ପ୍ରଧାନ, ବୁଲୁ ଜେନା ମଣି, ଗୋଲକ ସାହୁ, ଦିଗାମ୍ବର ବେହେରା, ପ୍ରଶାନ୍ତ ପ୍ରଧାନ, ସତୀଶ ପ୍ରଧାନ, ସନ୍ତୋଷ ପ୍ରଧାନ, ବିନୟ ବେହେରା, ଦୟା ସାହୁ, ଦାମ ସାହୁ, କୁନା ମହାନ୍ତିଙ୍କ ସମେତ ବହୁ ସାଧାରଣ ଜନତା ଓ ମହିଳା ସାମିଲ ହୋଇଥିଲେ ।


ତ୍ରିରଙ୍ଗା ଶୋଭାଯାତ୍ରା ଅବସରରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁଙ୍କ ସହିତ ଅନ୍ୟମାନେ।

**ଯୁବତୀଙ୍କୁ ବଳାତ୍କାର, ହତ୍ୟା ଘଟଣା**

# ୧୨ ଘଣ୍ଟିଆ ତାଳଚେର, କଣିହାଁ ବନ୍ଦ


ଦଳିତ ମହାମଞ୍ଚ ପକ୍ଷରୁ ବନ୍ଦ ପାଳନ କରାଯାଉଛି।


କଣିହାଁରେ ବନ୍ଦ ପାଳନ।

**ତାଳଚେର,୧୯।୫(ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)**

ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳର ଯୁବତୀଙ୍କ ପରିବାରକୁ ନ୍ୟାୟ ଦାବିରେ ଦଳିତ ମହାମଞ୍ଚ ପକ୍ଷରୁ ସୋମବାର ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯାଇଥିଲା। ଏହି ଘଟଣାରେ ଜଣେ ଗିରଫ ହୋଇଥିବା ବେଳେ ଆଉ କେତେଜଣଙ୍କ ହାତ ଥିବା ସନ୍ଦେହ କରି ସିବିଆଇ ତଦନ୍ତ ଦାବି କରିଛି ମହାମଞ୍ଚ। ଏଥିସହିତ ଯେଉଁ ରେଳବାଇ ଫାଣ୍ଡି ଅଧିକାରୀ ତଦନ୍ତ କରିବା ପରିବର୍ତ୍ତେ ଯୁବତୀଙ୍କ ବାପା ଓ ଭାଇଙ୍କୁ ଏ ଥାନାରୁ ସେ ଥାନାକୁ ଦୌଡ଼ାଇଥିଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପାଟ୍ରୋଲିଂ ବୃଦ୍ଧି, ଷ୍ଟେଶନଗୁଡ଼ିକୁ ଥିବା ରାସ୍ତାରେ ସୁରକ୍ଷା ବଳୟ ବଢ଼ାଇବା ଆଦି ୧୦ ଦଫା ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଥିଲା। ବିଭିନ୍ନ ସଙ୍ଗଠନ ସମର୍ଥନ କରି ଦୋକାନ ବଜାର ବନ୍ଦ କରିବା ସହ ରାଜପଥ ଓ ଖଣି ଖାଦାନ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଖଣିରୁ କୋଇଲା ପରିବହନ ଓ ଉତ୍ତୋଳନ କେତେକାଂଶରେ ବନ୍ଦ ରହିଥିବା ବେଳେ ଜାତୀୟ ରାଜପଥରେ ଭାରିଯାନ କିଛି ସମୟ ପାଇଁ ଅଟକି ରହିଥିଲା। ସେହିପରି ଅଭିଯୁକ୍ତମାନଙ୍କୁ କଠୋରରୁ କଠୋର ଦଣ୍ଡ ବିଧାନ ଦାବିରେ କଣିହାଁ, ଏନ୍‌ଟିପିସି ଅଞ୍ଚଳରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଅଖିଳ ଭାରତୀୟ ପରିସଙ୍ଘ ରାଜ୍ୟ ସଭାପତି ଏଲ.ମାଣିକ୍ୟପ୍ରଭାଙ୍କ ନେତୃତ୍ୱରେ କଣିହାଁ ଅଞ୍ଚଳର କଳକାରଖାନା, ସରକାରୀ ଅଫିସ ବନ୍ଦ କରାଯାଇଥିଲା। ବି.ଆର୍. ଆମ୍ବେଦକର ସ୍ମୃତି ପରିଷଦ କଣିହାଁ ସଭାପତି ବିପ୍ରବର ନାଏକ, ସମ୍ପାଦକ କୁମୁଦବାନ୍ଧବ ନାଏକ, କଣିହାଁ ସୁରକ୍ଷା ମଞ୍ଚ ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ସତ୍ୟବ୍ରତ ମହାନ୍ତି, ମହିଳା ସାଂସ୍କୃତିକ ସଙ୍ଗଠନ ବ୍ଲକ ସମ୍ପାଦିକା ମିନତୀ ସମାଲ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଖଣି ସହ ତହସିଲ, ବ୍ଲକ ଅଫିସ, ରାଜସ୍ୱ କାର୍ଯ୍ୟାଳୟ, ବ୍ୟାଙ୍କ ସମେତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ଓଡିଶା ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, କଣିହାଁ ଆଞ୍ଚଳିକ ସଭାନେତ୍ରୀ ପ୍ରଗତିବାଳା ନାୟକ, ସଙ୍ଗଠିକା ଜେମାମଣି ନାଏକ, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ ଜିଲା ସଭାପତି ପରମାନନ୍ଦ ସାହୁ, ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଯୁଗ୍ମ ସମ୍ପାଦକ ଟୁନା ନାଏକ, ଏସୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ରାଜା ଚକ୍ରଙ୍କ ଓକିଲଙ୍କ ନାଁରେ ମାନହାନି ମାମଲା: କୋର୍ଟରେ ସାକ୍ଷ୍ୟ ଗ୍ରହଣ**

ବାଲେଶ୍ୱର,(ବାଞ୍ଛାନିଧି ଦେ): ଗନ୍ଧମାର୍ଦନ ଲୋଡ଼ିଂ ଏଜେନ୍ସିରେ ଆର୍ଥିକ ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବା ବିଜେଡି ନେତା ସୌମ୍ୟଶଙ୍କର ଓରଫ ରାଜା ଚକ୍ରଙ୍କ ଓକିଲ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ବିରୋଧରେ ଗତ ୩ତାରିଖରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମାନହାନି ମକଦ୍ଦମା ଦାଏର କରିଥିଲେ। ଏନେଇ ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା (ନଂ. ୨୫/୨୫) ରୁଜୁ ହୋଇଥିଲା। ସୋମବାର ରାଜ୍ୟ ସଭାପତି ସାମଲଙ୍କ ପକ୍ଷରୁ କୋର୍ଟରେ ଦୁଇଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଏହାପରେ କୋର୍ଟ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଏନେଇ ରାଜ୍ୟ ସଭାପତି ସାମଲଙ୍କ ଓକିଲ ହରେକୃଷ୍ଣ ଦାଶ ଗଣମାଧ୍ୟମକୁ କହିଛନ୍ତି।

# ଯୁବତୀଙ୍କୁ ୭ ଦିନ ଭଡ଼ାଘରେ ରଖି ଗଣବଳାତ୍କାର, ୩ ଗିରଫ

ବାଲିଗୁଡ଼ା,୧୯।୫
(ସଞ୍ଜୟ କୁମାର ପାଣିଗ୍ରାହୀ)


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣ ବଳାତ୍କାର କରାଯାଇଛି। ଯୁବତୀଙ୍କୁ ଅଟୋରେ ଘରକୁ ଛାଡ଼ି ଦେବାକୁ କହି ୩ଜଣ ସାଙ୍ଗ ୭ଦିନ ଏକ ଭଡ଼ାଘରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତମାନଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତମାନଙ୍କ ଟିଆଇ ପରେଡ ହେବାକୁ ଥିବାରୁ ପୋଲିସ ସେମାନଙ୍କ ନାମ ପ୍ରକାଶ କରିନାହିଁ। ସେମାନେ ଯୁବତୀଙ୍କୁ ନେବା ପାଇଁ ବ୍ୟବହାର କରିଥିବା ଅଟୋ ଜବତ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସୋମବାର ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଓ ତଦନ୍ତ ଅଧିକାରୀ ଆଇଆଇସି ସମ୍ବିତ କୁମାର ସ୍ୱାଇଁ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ୧୧ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ଯୁବତୀ ଜଣକ ଔଷଧ ଆଣିବା ପାଇଁ ବଜାରକୁ ଆସିଥିଲେ। ଘରକୁ ଫେରିବା ବେଳେ ସ୍ଥାନୀୟ ତ୍ରିବେଦୀ ପାର୍କ ସମ୍ମୁଖରୁ ଅଟୋ ଡ୍ରାଇଭର ତାଙ୍କୁ ଘରେ ଛାଡିଦେବା ପାଇଁ କହିଥିଲେ। ଯୁବତୀ ଜଣକ ଅଟୋରେ ବସିବା ପରେ ଡ୍ରାଇଭର ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ଏକ ଭଡାଘର ନିକଟକୁ ନେଇଥିଲେ। ଅଟୋରୁ ଯୁବତୀଙ୍କୁ ଜୋରଜବରଦସ୍ତ ଟାଣି ନେଇ ଉକ୍ତ ଘରେ ବନ୍ଦ କରିଦେଇଥିଲେ। ଏହାପରେ ଅଟୋଚାଳକ ସହ ୨ ସାଙ୍ଗ ମିଶି ତାଙ୍କୁ ବଳାତ୍କାର କରିଥିଲେ। ଯୁବତୀଙ୍କୁ ୭ ଦିନ ଭଡ଼ାଘରେ ରଖି ସେମାନେ ବଳାତ୍କାର କରିଥିଲେ। ଏ ନେଇ ସେ ଗତ ୧୭ ତାରିଖରେ ବାଲିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୮/୨୫ରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଏତଲାର ୨୪ ଘଣ୍ଟା ନ ପୂରୁଣୁ ଗିରଫ କରିବା ସହ ଡାକ୍ତରୀ ମାଇନା କରାଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ମହିଳାଙ୍କ ଉପରେ କୌଣସି ଅତ୍ୟାଚାର ଖବର ଆସିଲେ କାହାରିକୁ ଛଡାଯିବ ନାହିଁ ବୋଲି ଏସଡିପିଓ କହିଛନ୍ତି।

# ସଂରକ୍ଷିତ ଜଙ୍ଗଲରୁ ଖଣିଜ ଚୋରି

## ଲୁହାପଥର ବୋଝେଇ ହାଇୱା ଜବତକଲା ବନ ବିଭାଗ

ଯୋଡ଼ା,୧୯।୫(ମାନସ ମହାନ୍ତି)


ଜବତ ଖଣିଜ ବୋଝେଇ ଟ୍ରକ୍।

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବୈତରଣୀ ସଂରକ୍ଷିତ ଜଙ୍ଗଲର ଖଣ୍ଡବନ୍ଧ ନିକଟରୁ ବେଆଇନ ଖଣିଜ ଚୋରି ହୋଇଛି। ଚୋରା ଲୁହାପଥର ବୋଝେଇ କରି ପରିବହନ ହେଉଥିବା ହାଇୱାକୁ ବନ ବିଭାଗ ସୋମବାର ଭୋର ୩ଟା ୩୦ରେ ଜବତ କରିଛି। ଉକ୍ତ ହାଇୱାରେ ପ୍ରାୟ ୫ ମେଟ୍ରିକ ଟନ୍ ଲୁହାପଥର ଚାଲାଣ ହେଉଥିଲା। ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଭୋର ସମୟରେ ଖଣ୍ଡବନ୍ଧ ଜଙ୍ଗଲ ଅଞ୍ଚଳରୁ ହାଇୱା (ନଂ. ଓଡି ୧୪ ଏସି ୪୩୭୫)ରେ ଲୁହାପଥର ବୋଝେଇ କରି ଚୋରାଚାଲାଣ ହେଉଥିଲା। ବନ ବିଭାଗ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଏସିଏଫ୍ ଅକ୍ଷୟ ଛତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଡ଼ା ବନପାଳ, ବନରକ୍ଷୀ ନୀଲମ ମହାନ୍ତ, ସୁରଜ କୁମାର ଦାସ ଓ ବନ ସ୍କ୍ୱାଡ ଚଢ଼ାଉ କରି ଲୁହାପଥର ବୋଝେଇ ହାଇୱାକୁ ଜବତ କରିବାରେ ସକ୍ଷମ ହୋଇଥିଲେ। ଚଢ଼ାଉ ସମୟରେ ଅନ୍ଧାରର ସୁଯୋଗ ନେଇ ଟ୍ରକ୍ ଡ୍ରାଇଭର, ବେଆଇନ ଖଣିଜ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ଏ ନେଇ ଚମ୍ପୁଆ ରେଞ୍ଜରେ ଏକ ମାମଲା(ନଂ. ୭/୨୦୨୫-୨୬)ରୁଜୁ ହୋଇଥିବା ଯୋଡ଼ା ବନପାଳ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଚମ୍ପୁଆ ବନାଞ୍ଚଳରେ ବନ ବିଭାଗ ଗାଡ଼ି ଜବତ କରିବାରେ ସକ୍ଷମ ହେଉଥିବା ବେଳେ ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଟାଙ୍କୁରା, ରୋଇଡ଼ା, ସିଦ୍ଧ ମଠ, ରୁଗୁଡ଼ି, ଠାକୁରାଣୀ ପ୍ରଭୃତି ବନାଞ୍ଚଳରେ ସଂରକ୍ଷିତ ଜଙ୍ଗଲରୁ ବେଧଡ଼କ ଖଣିଜ ଚୋରି ହେଉଛି। କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କହିଛନ୍ତି, ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଖୋଜାଚାଲିଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଆନ୍ତଃରାଜ୍ୟ ଲୁଟେରା ଗିରଫ, ୭୩ ଗ୍ରାମ୍ ସୁନା ଜବତ

## ଭଉଣୀ ଘରେ ରହି ଲୋକଙ୍କ ସୁନା ଅଲଙ୍କାର ଝାମ୍ପୁଥିଲେ

ପାରଳାଖେମୁଣ୍ଡି,୧୯।୫
(ଗିରିଧାରୀ ପରିଚ୍ଛା)


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

ଗଜପତି ପୋଲିସ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ମାନ୍ଦାସା ମଣ୍ଡଳ ସୋଣ୍ଡିପୋଡି ଗ୍ରାମର ୟୁ. ନବୀନ କୁମାର। ନବୀନ ଜଗପତି ଜିଲା ପାରଳାଖେମୁଣ୍ଡି ବଡ଼ବ୍ରାହ୍ମଣ ସାହିରେ ତାଙ୍କ ଭଉଣୀ ଘରେ ରହୁଥିଲେ। ସେ ବାଇକ୍‌ରେ ବୁଲି ନିର୍ଜନ ରାସ୍ତାରେ ଯାଉଥିବା ବୟସ୍କା ମହିଳା ଓ ଦମ୍ପତିଙ୍କ ବେକରୁ ସୁନା ଅଲଙ୍କାର ଝାମ୍ପିନେଇ ଚମ୍ପଟ ମାରୁଥିଲେ। ନବୀନଙ୍କଠାରୁ ୭୩ ଗ୍ରାମ ସୁନା, ବାଇକ୍ ଓ ମୋବାଇଲ ଫୋନ ଜବତ କରାଯାଇଥିବା ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଛନ୍ତି ଯେ, ନବୀନ ଚୋରି କରୁଥିବା ସୁନା ଅଲଙ୍କାରକୁ ନିଜ ଭଉଣୀ ଘରେ ରଖୁଥିଲେ। ଭଉଣୀ ଏସବୁ କାହାର ସୁନା ବୋଲି ପଚାରିଲେ ସେ ତାଙ୍କ ସାଙ୍ଗମାନଙ୍କର ବୋଲି କହୁଥିଲେ। ଏସବୁ ସୁନାଗହଣା ବନ୍ଧକ ରଖି ପୂର୍ବରୁ ଆନ୍ଧ୍ରରେ ଅନେକ ଲୋକଙ୍କଠାରୁ ଆଣିଥିବା କରଜ ଶୁଝିବେ ବୋଲି ନବୀନ ତାଙ୍କ ଭଉଣୀଙ୍କୁ କହିଥିଲେ। ନବୀନଙ୍କ ନାଁରେ ପୂର୍ବରୁ ଆନ୍ଧ୍ରର ମେଳିଆପୁଟି, ପଲାସ ଆଦି ଥାନାରେ ଏକାଧିକ ଲୁଟ ମାମଲା ରହିଛି। ଏପଟେ ଗତ ଜାନୁଆରୀ ମାସରୁ ଗଜପତି ଜିଲାର କାଶୀନଗର, ଗୁରାଣ୍ଡି ଓ ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ସୁନା ଲୁଟ ହୋଇଥିବା ନେଇ ୫ଟି ମାମଲା ରୁଜୁ ହୋଇଥିଲା। ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ୨ଟି ଟିମ ଗଠନ କରି ସାଇବର ସେଲ ସହାୟତାରେ ପୋଲିସ ନବୀନଙ୍କୁ କାବୁ କରିଥିଲା। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି।

# ରାତୁ ଭୁଏ ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗୀର,୧୯।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ସୋମବାର ରାତୁ ଭୁଏ ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ସାନବୁର୍କାବାହାଲ ଗାଁର ସୋନୁ ଓରଫ ସାନୁ ବାଗ (୬୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୨୩ ଜାନୁୟାରୀ ୪ ତାରିଖ ରାତିରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅଏଲାବୁଆଁ ଗାଁରେ ଥିବା ଏକ ଫାର୍ମରେ ସାନବୁର୍କାବାହାଲ ଗାଁର ଦୁଇ ରାତ୍ର ଜଗୁଆଳି ରାତୁ ଭୁଏ (୨୫) ଓ ସୋନୁ ବାଗ (୬୬)ଙ୍କ ମଧ୍ୟରେ ଗଞ୍ଜେଇ ଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହା ପରେ ରାତୁ ଭୁଏ ଶୋଇପଡିଥିଲେ। କିନ୍ତୁ ସୋନୁଙ୍କ ରାଗ ଶାନ୍ତ ହୋଇନଥିଲା। ତେବେ ବିଳମ୍ବିତ ରାତିରେ ପ୍ରତିଶୋଧପରାୟଣ ହୋଇ ସୋନୁ ବାଗ ଏକ ଲୁହା ହାମରରେ ଶୋଇଥିବା ରାତୁଙ୍କ ମୁଣ୍ଡକୁ ହାଣିଥିଲେ। ଫଳରେ ଘଟଣାସ୍ଥଳରେ ରାତୁଙ୍କର ମୃତ୍ୟୁ ଘଟିଥିଲା। ପରଦିନ ସକାଳେ ଫାର୍ମର ମାଲିକ ଘଟଣା ସମ୍ପର୍କରେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (୧୦/୨୩) ରୁଜୁ କରି ଅଭିଯୁକ୍ତ ସୋନୁ ବାଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜିଲା ଦୌରାଜଜ୍ ଡ. ସାମଲ ଏହି ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ସୁବାସ ଚନ୍ଦ୍ର ମାହନ୍ତ ପରିଚାଳନା କରିଥିଲେ।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

## ୨୪ ଘଣ୍ଟା ପରେ ମୃତଦେହ ଜବତ

ତିହିଡ଼ି,୧୯।୫ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତର ସାପକାଟିଆ ଗ୍ରାମରେ ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କୁ ପିଟି ହତ୍ୟା କରାଯାଇଛି। ମୃତା ମହିଳା ହେଲେ ଉର୍ବଶୀ ଦାସ(୩୫)। ରବିବାର ପୂର୍ବାହ୍ନରେ ଏହି ଘଟଣା ଘଟିଥିବା ବେଳେ ମୃତା ଉର୍ବଶୀଙ୍କ ସ୍ୱାମୀ ପପୁ ଦାସଙ୍କୁ ପୋଲିସ ସୋମବାର ଗିରଫ ପରେ କୋର୍ଟଚାଲାଣ କରିଛି। ହତ୍ୟାର ୨୪ ଘଣ୍ଟା ପରେ ପୋଲିସ ସାପକାଟିଆ ଗ୍ରାମରୁ ମୃତଦେହ ଜବତ କରିଛି। ଉର୍ବଶୀଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ରମେଶ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୦/୨୫) ରୁଜୁ କରିଛି।

ସୂଚନା ଅନୁଯାୟୀ, ବାଂଶଡ଼ା ଥାନା ଅଧୀନ ଛେଡ଼ାକ ଗ୍ରାମର ରମେଶଙ୍କ ଝିଅ ଉର୍ବଶୀ ୧୨ବର୍ଷ ପୂର୍ବେ ସାପକାଟିଆ ଗ୍ରାମର ପପୁଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ବିଭିନ୍ନ ସମୟରେ ପାରିବାରିକ କଳହ ଉପୁଜୁଥିଲା। ରବିବାର ପୂର୍ବାହ୍ନ ୧୧ଟା ବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହେବାରୁ ପପୁ ଏକ ବାଡ଼ିରେ ଉର୍ବଶୀଙ୍କୁ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ବହୁ ସମୟ ପରେ ପପୁ ଶ୍ୱଶୁର ଘର ଲୋକଙ୍କୁ ଉର୍ବଶୀଙ୍କ ମୃତ୍ୟୁ ଖବର ଦେଇଥିଲେ। ଛାତରୁ ଖସିପଡ଼ି ଉର୍ବଶୀଙ୍କ ମୃତ୍ୟୁ ଘଟିଥିବା ଜଣାଇଥିଲେ। ଉର୍ବଶୀଙ୍କ ବାପା ରମେଶ ଓ ଅନ୍ୟମାନେ ସାପକାଟିଆ ଗ୍ରାମରେ ପହଞ୍ଚି ମୃତଦେହ ଦେଖିବା ପରେ ତାଙ୍କ ମନରେ ସନ୍ଦେହ ଉପୁଜିଥିଲା। ପରେ ରମେଶ ଏନେଇ ପୀରହାଟ ପୋଲିସକୁ ଖବର ଦେଇଥିଲେ। ରାତି ପ୍ରାୟ ୧୧ଟା ବେଳେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଖସି ପଳାଉଥିବା ପପୁଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ତାଙ୍କ ଝିଅକୁ ପପୁ ପିଟି ପିଟି ହତ୍ୟା କରିଥିବା ରମେଶ ଅଭିଯୋଗରେ ଦର୍ଶାଇଛନ୍ତି। ସୋମବାର ପୂର୍ବାହ୍ନ ୧୦ଟା ବେଳେ ଆଇଆଇସି ରୋଜାଲିନ ବେହେରା, ଏସ୍‌ଆଇ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ହତ୍ୟାକାଣ୍ଡର ଦୀର୍ଘ ସମୟ ବିତିଯିବା ପରେ ବି ଖବର ନ ପାଇବା ପୋଲିସର ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆଇଆଇସି ବେହେରା କହିଛନ୍ତି, ଘଟଣା ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବାରୁ ପୋଲିସ ଜାଣିପାରି ନ ଥିଲା। ମୃତା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ଜଣାପଡ଼ିଲା। ତେବେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି।

**BUSINESS**

# ଇସ୍ପାତ୍ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ

ଭୁବନେଶ୍ୱର,୧୯।୫



ବର୍ତ୍ତମାନ ସମୟରେ ବିଭିନ୍ନ ରାଷ୍ଟ୍ର ଭୂ-ରାଜନୈତିକ ସମସ୍ୟା ପାଇଁ ଚିନ୍ତିତ ଥିଲାବେଳେ ଆମଦାନୀ ସାମଗ୍ରୀ ଟାରିଫ(ଶୁଳ୍କ) ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଏପରିକି ଭାରତର ଘନିଷ୍ଠ ସହଯୋଗୀ ରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍ସିକୋ ସମେତ ସମସ୍ତ ଦେଶରୁ ଇସ୍ପାତ୍ ଏବଂ ଆଲୁମିନିୟମ ଆମଦାନୀ ଉପରେ ୨୫% ଅଧିକ ଶୁଳ୍କ ଲାଗୁ କରିବା ସହିତ ବିଶ୍ୱ ଧାତୁ ବଜାର ବ୍ୟାପକ ବାଧାପ୍ରାପ୍ତ ହେଉଛି। ଏହି ପ୍ରତିକ୍ରିୟାରେ ଭାରତ ମଧ୍ୟ ଏହାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଇସ୍ପାତ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ ଲାଗୁ କରିଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ବିଶ୍ୱ ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଆଲୁମିନିୟମର ରଣନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଏପରିକି ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ କରିବା ପାଇଁ ନୀତିଗତ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି। ଚଳିତ ବିଶ୍ୱ ବାଣିଜ୍ୟ ଯୁଦ୍ଧରେ ଆଲୁମିନିୟମ ଏବଂ ଇସ୍ପାତ୍‌ର ରଣନୈତିକ ଭୂମିକା ପ୍ରତି ଅନିଲ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ ଭାବେ ପ୍ରତିଷ୍ଠା କରିବାର ସୁଯୋଗକୁ ଗୁରୁତ୍ୱ ଦେବା ପାଇଁ ସେ ତାଙ୍କ ଲିଙ୍କଡିନ୍ ପୋଷ୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ବିଶେଷକରି ଅଗ୍ରୱାଲ ଆମେରିକା ଏବଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ କିପରି ବାଣିଜ୍ୟ ଅଚଳାବସ୍ଥାରେ ଆଲୁମିନିୟମ ଏବଂ ଇସ୍ପାତ୍ ପ୍ରମୁଖ ସାମଗ୍ରୀ ଭାବେ ଉଭା ହୋଇଛି ତାହାକୁ ସେ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରି ଅନିଲ କହିଛନ୍ତି, ମୁଁ ସରକାରଙ୍କ ସକ୍ରିୟତା ଏବଂ ଇସ୍ପାତ ଉପରେ ସୁରକ୍ଷା ଶୁଳ୍କ ଲାଗୁ କରିବା ପାଇଁ ପ୍ରଶଂସା କରୁଛି। ମୁଁ ନିଶ୍ଚିତ ଯେ ସରକାର ଆଲୁମିନିୟମ ପାଇଁ ମଧ୍ୟ ସମାନ ପଦକ୍ଷେପ ବିଚାର କରିବେ। ଆଲୁମିନିୟମର ହାଲୁକା ଏବଂ ପୁନଃଚକ୍ରଣୀୟ ପ୍ରକୃତି ଯୋଗୁ ରଣନୈତିକ ମୂଲ୍ୟରେ ଇସ୍ପାତକୁ ପଛରେ ପକାଇବାକୁ ପ୍ରସ୍ତୁତ ରହିଛି। ଆଲୁମିନିୟମ ବିମାନବନ୍ଦର ହେଉ କି ରେଳବାଇ, ଘର, ଯାନବାହନ କିମ୍ବା ମୋବାଇଲ୍ ଫୋନ୍‌ରେ ବ୍ୟାପକ ଭାବେ ବ୍ୟବହୃତ ହେଉଛି। ଆଧୁନିକ ଅର୍ଥନୀତି ଏହି ଦୁଇଟି ଧାତୁ ଉପରେ ନିର୍ମିତ କିନ୍ତୁ ଆଲୁମିନିୟମର ଚାହିଦା ଏବଂ ଭାରତର ବିପୁଳ ବକ୍ସାଇଟ୍ ଭଣ୍ଡାର ସହିତ ଆମେ ବିଶ୍ୱସ୍ତରରେ ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ଅଛୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ସେ ତାଙ୍କ ପୋଷ୍ଟ ସହିତ ଏକ ଆକର୍ଷଣୀୟ ଦୃଶ୍ୟ ଶୀର୍ଷ ବକ୍ସାଇଟ୍ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକୁ ଉଜ୍ଜ୍ୱଳ କରିଦେଇଛି, ଯେଉଁଥିରେ ଭାରତ, ଅଷ୍ଟ୍ରେଲିଆ, ଗିନି ଏବଂ ଚାଇନା ଭଳି ନେତାଙ୍କ ସହ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ରଖିଛି। ଶୁଳ୍କ ପ୍ରତିବନ୍ଧକ ଯୋଗୁ ପାରମ୍ପରିକ ବଜାରକୁ ପ୍ରବେଶ ହରାଇଥିବା ଦେଶଗୁଡ଼ିକ ଭାରତ ପରି ବିକଳ୍ପ ଗନ୍ତବ୍ୟସ୍ଥଳ ଖୋଜିବେ, ଯାହା ନୀତିନିର୍ଦ୍ଧାରକମାନଙ୍କ ପାଇଁ ଘରୋଇ ଆଲୁମିନିୟମ କ୍ଷେତ୍ରକୁ ସମର୍ଥନ କରିବା ଗୁରୁତ୍ୱପୂର୍ଣ୍ଣ କରିଦେବ।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୯।୫

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୨୭୧( ୨୭୧.୧୭) ପଏଣ୍ଟ ହ୍ରାସ ଘଟି ୮୨,୦୫୯ ( ୮୨,୦୫୯.୪୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୪(୭୪.୩୫) ପଏଣ୍ଟ କମି ୨୪,୯୪୫(୨୪,୯୪୫.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଦକ୍ଷତା ବିକାଶ ଜରିଆରେ ସଶକ୍ତୀକରଣ


ଏମ୍‌ଓୟୁ ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୯।୫

ଫିକି ଫ୍ଲୋ ଭୁବନେଶ୍ୱର ଏବଂ ସୋ ଆମ୍ ଆଇ ଫାଉଣ୍ଡେଶନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସୋମବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଭୁବନେଶ୍ୱରଠାରେ କରାଯାଇଥିଲା। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଅନୁଯାୟୀ ଉଭୟ ସଂସ୍ଥାର ମିଳିତ ସହଯୋଗରେ ରାଜ୍ୟର କୋଣ ଅନୁକୋଣର ଉତ୍ସାହୀ ମହିଳାମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ସଶକ୍ତୀକରଣ କରାଯିବ। ଏହାଫଳରେ ଆଗ୍ରହୀ ମହିଳାମାନେ କର୍ମନିଯୁକ୍ତି ଓ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଫିକି ଫ୍ଲୋ ଭୁବନେଶ୍ୱରର ଅଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଉଭୟ ସଂସ୍ଥାର ମିଳିତ ସହଯୋଗରେ ପ୍ରୋଜେକ୍ଟ ସମ୍ପୂର୍ଣ୍ଣାର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପ ପ୍ରାଥମିକ ପର୍ଯ୍ୟାୟରେ ଗ୍ରାମୀଣ ଅଞ୍ଚଳରୁ ଆରମ୍ଭ ହେବ ବୋଲି ଲକ୍ଷ୍ୟ ରଖାଯାଇଛି।

# ଅବସରକାଳୀନ ଯୋଜନା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୯।୫

ପେନ୍‌ସନ ଫଣ୍ଡ୍ ରେଗୁଲେଟୋରି ଆଣ୍ଡ ଡେଭ୍‌ଲପମେଣ୍ଟ ଅଥୋରିଟି (ପିଏଫ୍‌ଆର୍‌ଡିଏ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ଇଣ୍ଟରାକ୍ଟିଭ ଅଧିବେଶନ ଭୁବନେଶ୍ୱରର ହୋଟେଲ ଦି ନ୍ୟୁ ମାରିଅନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଅବସରକାଳୀନ ଯୋଜନା ଉପରେ ଗୁରୁତ୍ୱ-ଏନ୍‌ପିଏସ୍‌ର ଭୂମିକା' ଶୀର୍ଷକ ବିଷୟବସ୍ତୁ/ପ୍ରସଙ୍ଗ ଉପରେ ଏକ ଭାବବିନିମୟ/ଇଣ୍ଟରାକ୍ଟିଭ ଅଧିବେଶନ ଆୟୋଜିତ ହୋଇଥିଲା। ପିଏଫ୍‌ଆରଡିଏ ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ର ମିଳିତ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରକାଳୀନ ଆର୍ଥିକ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହାସହିତ ନ୍ୟାଶନାଲ ପେନ୍‌ସନ ସିଷ୍ଟମ(ଏନ୍‌ପିଏସ୍) ଏବଂ କର୍ପୋରେଟ ତଥା ବ୍ୟକ୍ତିଗତ କ୍ଷେତ୍ରରେ ଏନ୍‌ପିଏସ୍‌ର ବଢୁଥିବା ଗୁରୁତ୍ୱ ଉପରେ ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରାଯାଇଛି। ପିଏଫ୍‌ଆରଡିଏର ଅଧ୍ୟକ୍ଷ ଡା. ଦୀପକ ମହାନ୍ତି ଏବଂ ଏଏଫ୍‌ସିଟିର ଅଧ୍ୟକ୍ଷ ଡି. ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ଅଧିବେଶନକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ପିଏଫ୍‌ଆରଡିଏର ଡେପୁଟି ଜେନେରାଲ ମ୍ୟାନେଜର/ସହକାର ପ୍ରବନ୍ଧକ ଦେବେଶ ମିଉଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଏନ୍‌ପିଏସ୍‌ର ସୁବିଧା ଓ ଏହାର ଟିକସ ଲାଭଗୁଡିକ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଓଡ଼ିଶାର ରଣନୈତିକ ମହତ୍ତ୍ୱକୁ ଆଲୋକପାତ କରି କୁହାଯାଇଥିଲା ଯେ, ରାଜ୍ୟ ଏନ୍‌ପିଏସ୍ ଅଧୀନରେ ୭୩,୮୦୦ ରୁ ଅଧିକ କର୍ପୋରେଟ୍ ସେକ୍ଟର ସବ୍‌ସ୍କ୍ରାଇବର ଅଛନ୍ତି, ଯାହାକି ଭାରତର ମୋଟ ହାର ତୁଳନାରେ କେବଳ ୩.୧% । ଯଦିଓ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରୁ କେବଳ ୫୬ କର୍ପୋରେଟ ପଞ୍ଜୀକରଣ କରାଇଛନ୍ତି। କେବଳ ଭୁବନେଶ୍ୱରରେ ୩୫,୦୦୦ ଏନ୍‌ପିଏସ୍ ସବ୍‌ସ୍କ୍ରାଇବର ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୫୦%ରୁ ଅଧିକ ବ୍ୟକ୍ତିଙ୍କ ବୟସ ୩୦ ରହିଛି, ଯାହା ଯୁବ ପେସାଦାରମାନଙ୍କ ମଧ୍ୟରେ ଏହାର ଶୀଘ୍ର ଗ୍ରହଣୀୟତାକୁ ସୂଚାଉଛି।

# ଗୁଜରାଟରେ ଫାଲ୍‌କନର ଆଳୁ ପ୍ରକ୍ରିୟାକରଣ ୟୁନିଟ୍

ଭୁବନେଶ୍ୱର,୧୯।୫ (ଅଭୟ ଦାଶ)


ଫାଲକନ ଗ୍ରୁପ୍‌ର ବରିଷ୍ଠ ଅଧିକାରୀମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଫାଲ୍‌କନ ଏଗ୍ରିଫ୍ରିଜ୍ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ ସ୍ୱୟଂଚାଳିତ ଫ୍ରୋଜନ ପଟାଟୋ ପ୍ରଡକ୍ଟସ ବା ଆଳୁ ପ୍ରକ୍ରିୟାକରଣ ୟୁନିଟ୍/ପ୍ଲାଣ୍ଟ ଗୁଜରାଟର ମେହେସାନାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୁଜରାଟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ବଳବନ୍ତ ସିଂ ରାଜପୁତ, ରାଜ୍ୟ ସଭା ସଦସ୍ୟ ମୟଙ୍କ ଭାଇ ନାୟକ, ମେହେସାନା ସାଂସଦ ହରି ଭାଇ ପଟେଲଙ୍କ ସମେତ ଫାଲ୍‌କନ ଗ୍ରୁପ୍‌ର ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାରତୀୟ କୃଷି ମାନଚିତ୍ରରେ ଗୁଜରାଟ ସବୁବେଳେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ଫାଲ୍‌କନ ପାଇଁ ଏହା(ଗୁଜରାଟ) ସବୁବେଳେ ଉତ୍ତମ ପସନ୍ଦ ଥିଲାବେଳେ ଅଧିକ ଆଳୁ ଉତ୍ପାଦନ ଓ ଚାଷୀ ଉପଯୋଗୀ ଏବଂ ଉତ୍କୃଷ୍ଟ ବାଣିଜ୍ୟିକ ବାତାବରଣ ଫାଲକନ ଗ୍ରୁପ୍ ପାଇଁ ଏଠାରେ ସୁଯୋଗ ସୃଷ୍ଟି କରିଛି। ଏହି ପ୍ଲାଣ୍ଟ କେବଳ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ନୁହେଁ, ବରଂ ଭବିଷ୍ୟତକୁ ସମ୍ବେଦନଶୀଳ କରି ଗଢିତୋଳିବା ଲକ୍ଷ୍ୟ। ଅନ୍ତର୍ଜାତୀୟ ଗୁଣବତ୍ତା ବଜାୟ ରଖିବା ପାଇଁ ଆମେ ଲକ୍ଷ୍ୟ ରଖୁଛୁ। ଖାଦ୍ୟ ପ୍ରକ୍ରିୟାକରଣରେ ଭାରତକୁ ଏକ ପ୍ରମୁଖ ରାଷ୍ଟ୍ର କରିବା ଆମ ଉଦ୍ଦେଶ୍ୟ ବୋଲି ଫାଲକନ ଗ୍ରୁପ୍‌ର ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। ସେହିପରି ଫାଲକନ ଗ୍ରୁପ୍‌ର ଉପସଭାପତି ପାର୍ଥଜିତ ପଟ୍ଟନାୟକ କହିଥିଲେ, ବିଭିନ୍ନ କ୍ଷେତ୍ରରେ ପିଢ଼ି ଅନୁଯାୟୀ ସଂସ୍କାର ଆଣିବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ଅଗ୍ରଣୀ ଭୂମିକା ନେବା ଫାଲକନ ଗ୍ରୁପ୍‌ର ମୂଳ ଲକ୍ଷ୍ୟ। ଚାଷୀଙ୍କୁ ଅଧିକ ସଶକ୍ତ କରିବା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗକରି ନୂଆ ଭାରତ ଗଢ଼ିବାରେ ଯୋଗଦାନ ଦେବା ଆମର ମୂଳ ଉଦ୍ଦେଶ୍ୟ।

# ବଜାର ଅସ୍ଥିରତାକୁ ନିବେଶକମାନେ ସୁଯୋଗ ଭାବେ ଦେଖିବା ଉଚିତ

ଭୁବନେଶ୍ୱର,୧୯।୫

ବର୍ତ୍ତମାନର ଭୌଗୋଳିକ ରାଜନୈତିକ ଉତ୍ତେଜନା ଏବଂ ଆର୍ଥିକ ଅନିଶ୍ଚିତତା ଭଳି ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତୀୟ ଅର୍ଥନୀତି ସୁଦୃଢ଼ ରହିଛି। ଏପରିକି ନିବେଶକଙ୍କ ପାଇଁ ଏହା ବ୍ୟାପକ ଅନୁକୂଳ ସୁଯୋଗ ପ୍ରଦାନ କରିଚାଲିଛି। ବିଶ୍ୱବ୍ୟାପୀ ଜାରି ରହିଥିବା ବିବାଦ ଓ ପ୍ରତିଶୋଧମୂଳକ ଶୁଳ୍କ ଅନ୍ତର୍ଜାତୀୟ ବଜାର ଉପରେ ପ୍ରଭାବ ପକାଇଥିବାବେଳେ ଭାରତର ଶକ୍ତିଶାଳୀ ଅର୍ଥନୈତିକ ମୌଳିକ ବ୍ୟବସ୍ଥା ଏହି ଝଡ଼ର ମୁକାବିଲା କରିବାରେ ସହାୟକ ହୋଇଛି। ସମ୍ପ୍ରତି ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ଯୋଗୁ ଭାରତୀୟ ବଜାରରେ ଅସ୍ଥିରତା ଦେଖାଦେଇଛି। ତେବେ ନିବେଶକମାନେ ଏହି ସ୍ୱଳ୍ପକାଳୀନ ବ୍ୟାଘାତକୁ ଆଧାରକରି ସେମାନଙ୍କ ମୂଳ ପୋର୍ଟଫୋଲିଓ କିମ୍ବା ସମ୍ପତ୍ତି ଆବଣ୍ଟନରେ ବ୍ୟାପକ ପରିବର୍ତ୍ତନ କରିବାରୁ ଦୂରେଇ ରହିବା ଉଚିତ ଏବଂ ଏହା ବଦଳରେ ଏଭଳି ଅସ୍ଥିରତାକୁ ଆକର୍ଷଣୀୟ ମୂଲ୍ୟାଙ୍କନରେ ଉନ୍ନତମାନର ଷ୍ଟକ୍ ସଂଗ୍ରହ କରିବା ସୁଯୋଗ ଭାବେ ବ୍ୟବହାର କରିବା ଉଚିତ ବୋଲି ବଜାଜ ଫିନ୍‌ସର୍ଭ ଏଏମ୍‌ସିର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ ପରାମର୍ଶ ଦେଇଛନ୍ତି। ସେହିଭଳି ଦୀର୍ଘକାଳୀନ ପୁଞ୍ଜିନିବେଶ ଦିଗ ସହ ଜଡ଼ିତ ରହିଥିବା ନିବେଶକମାନେ ଭୟଭୀତ ନ ହୋଇ ଏହି ଅସ୍ଥିରତାକୁ ଏକ ଷ୍ଟ୍ରାଟେଜିକ୍ ଏଣ୍ଟ୍ରି ପଏଣ୍ଟ ଭାବେ ଦେଖନ୍ତୁ। ସୁଦୃଢ଼ ଘରୋଇ ଚାହିଦା, ସହାୟକ ବିତ୍ତୀୟ ଓ ମୁଦ୍ରାନୀତି ଏବଂ ଦୃଢ଼ ଜିଡିପି ଅଭିବୃଦ୍ଧି ଯୋଗୁ ଭାରତୀୟ ଅର୍ଥନୀତି ସକାରାତ୍ମକ ଧାରା ବଜାୟ ରଖିବ ବୋଲି ଆଶା କରାଯାଉଛି। ନିଫ୍ଟି ୫୦ କମ୍ପାନି ସମେତ କର୍ପୋରେଟ୍ ଆୟରେ ଗତବର୍ଷଠାରୁ ସୁଧାର ଆସିବ ବୋଲି ଆକଳନ କରାଯାଇଥିବାରୁ ନିବେଶକଙ୍କ ମନୋବଳ ବୃଦ୍ଧି ପାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ବିଶେଶ୍ୱର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେସିଙ୍କ ଆର୍ଜେଣ୍ଟିନା ଦଳ କେରଳ ଆସିବ

**କୋଚି,୧୯।୫:** ବିଶ୍ୱ ଫୁଟବଲର ପ୍ରସିଦ୍ଧ ଖେଳାଳି ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଦଳ ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବରରେ କେରଳ ଆସିବ ଏବଂ ଏକ ମ୍ୟାଚ୍ ଖେଳିବ। କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରହିମାନ ସୋମବାର ଏହା ପ୍ରକାଶ କରିବା ସହ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ଏଥିସହିତ ସୋସିଆଲ ମିଡିଆରେ ଅଯଥା ଆଲୋଚନା କରିବାକୁ ଏବଂ କୌଣସି ବିବାଦକୁ ଉତ୍ସାହିତ ନ କରିବାକୁ ଲୋକଙ୍କୁ ସେ ଅନୁରୋଧ କରିଛନ୍ତି। ମେସିଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କ ଗସ୍ତ ଆମ ପାଇଁ ଗର୍ବର ବିଷୟ। ସେ ଓ ତାଙ୍କ ଦଳ ଅକ୍ଟୋବର କିମ୍ବା ନଭେମ୍ବରରେ ଏଠାକୁ ଆସିବ ବୋଲି ଅବଦୁରହିମାନ କୋଟାୟମଠାରେ ଖବରଦାତାଙ୍କୁ କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



### ବିଶେଶ୍ୱର ସାମଲ

ଆମ୍ଭେ ପିତା ମାତା ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିଶେଶ୍ୱରର ଜନ୍ମଦିନ ଲାଗି ମଙ୍ଗଳ କାମନା କରୁଛୁ। ପ୍ରଭୁ ତାକୁ ଦୀର୍ଘାୟୁ କରନ୍ତୁ ଏବଂ ତା'ର ଚଲାପଥ ସର୍ବଦା କୁସୁମିତ ହେଉ। ଏହାହିଁ ଆଜିର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ଧ-୬୧୪


# କେକେଆର୍ ଶୁକ୍ଲାଙ୍କୁ, ଆର୍‌ସିବି ମୁଜାରାବାନୀଙ୍କୁ ନେଲା

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସେମାନଙ୍କ ଆଘାତପ୍ରାପ୍ତ ଖେଳାଳିଙ୍କ ସ୍ଥାନରେ ଯଥାକ୍ରମେ ଶିବମ ଶୁକ୍ଲା ଓ ବ୍ଲେସିଂ ମୁଜାରାବାନୀଙ୍କୁ ଦଳରେ ସାମିଲ କରିଛି। ଗତଥରର ଚାମ୍ପିୟନ କେକେଆର୍ ଇତିମଧ୍ୟରେ ପ୍ଲେ ଅଫ୍‌ରୁ ବିଦାୟ ନେଇସାରିଛି। ତେବେ ଦଳ ସିଜନର ଅବଶିଷ୍ଟ ମ୍ୟାଚ ପାଇଁ ରୋଭମାନ ପାଓ୍ୱେଲଙ୍କ ସ୍ଥାନରେ ଶୁକ୍ଲାଙ୍କ ସହିତ ଚୁକ୍ତି କରିଛି। ପାଓ୍ୱେଲଙ୍କ ଟନ୍‌ସିଲରେ ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି। ଶୁକ୍ଲା ହେଉଛନ୍ତି ଜଣେ ଲେଗ୍ ସ୍ପିନର। ଅନ୍ୟପକ୍ଷରେ ଆରସିବି ଲୁନ୍‌ଗି ଏନ୍‌ଗିଡିଙ୍କ ସ୍ଥାନରେ ମୁଜାରାବାନୀଙ୍କୁ ନେଇଛି। ମେ ୨୬ରୁ ଖେଳାଳି ବଦଳି କାର୍ଯ୍ୟକାରୀ ହେବ। ମୁଜାରାବାନି ହେଉଛନ୍ତି ଜିମ୍ବାଓ୍ୱେ ପେସ୍ ବୋଲର। ସେ ୭୦ ଅନ୍ତର୍ଜାତୀୟ ଟି୨୦ ଖେଳି ୭୮ ଉଇକେଟ ନେଇଛନ୍ତି। ୧୨ ଟେଷ୍ଟ ଓ ୫୫ ଦିନିକିଆ ମଧ୍ୟ ଖେଳିଛନ୍ତି। ସେ ୭୫ଲକ୍ଷ ଟଙ୍କା ବିନିମୟରେ ଆରସିବିରେ ଯୋଗ ଦେବେ।

# ଏଚ୍‌ଆଇଏଲ୍ ପଞ୍ଜୀକରଣ ଆରମ୍ଭ

**ନୂଆଦିଲ୍ଲୀ, ୧୯।୫ (ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପାଇଁ ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ଏହା ୩ ମାସ ଧରି ଚାଲିବ। ଏଥିରେ ୧,୦୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିବେ ବୋଲି ଆଶା କରାଯାଉଛି। ଦୀର୍ଘ ୭ବର୍ଷ ବ୍ୟବଧାନରେ ଏଚଆଇଏଲ ଗତବର୍ଷରୁ ପୁନଃ ଆରମ୍ଭ ହୋଇଛି। ଗତଥର ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ପୁରୁଷ ଟାଇଟଲ ଜିତିଥିବା ବେଳେ ଓଡ଼ିଶା ଓ୍ୱାରିଅର୍ସ ମହିଳା ବିଭାଗରେ ଚାମ୍ପିୟନ ହୋଇଥିଲା। ପୁରୁଷ ବିଭାଗରେ ନେଦରଲାଣ୍ଡ୍ସ, ବେଲଜିୟମ, ୟୁନାଇଟେଡ୍ କିଙ୍ଗ୍‌ଡମ (ୟୁକେ), ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ସ୍ପେନ, ଆର୍ଜେଣ୍ଟିନା, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଦକ୍ଷିଣ କୋରିଆର ଖେଳାଳିମାନେ ପଞ୍ଜୀକରଣ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ସେହିପରି ମହିଳା ବିଭାଗରେ ଭାରତ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ବେଲଜିୟମ, ଚାଇନା, ଅଷ୍ଟ୍ରେଲିଆ, ଜର୍ମାନୀ, ସ୍ପେନ, ୟୁନାଇଟେଡ କିଙ୍ଗଡମ୍ (ୟୁକେ), ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ଚିଲି, ଜାପାନ, ୟୁଏସ୍‌ଏ ଓ ସ୍କଟଲାଣ୍ଡର ଖେଳାଳିମାନେ ସେମାନଙ୍କ ନାମ ପଞ୍ଜୀକୃତ କରିବାରେ ସମର୍ଥ ହେବେ। ଏଚ୍‌ଆଇଏଲ୍ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଅଗଷ୍ଟ ୨୦ରେ ଶେଷ ହେବ। ଗତ ୨୦୨୪-୨୫ ସିଜନ ସଫଳତାର ସହିତ ଆୟୋଜିତ ହୋଇପାରିଥିଲା। ଏଥିରେ ୮ ପୁରୁଷ ଓ ୪ ମହିଳା ଫ୍ରାଞ୍ଚାଇଜ୍ ଦଳ ଭାଗ ନେଇଥିଲେ। ଏଥର କଳେବର ବୃଦ୍ଧି ପାଇବ ଆଶା କରାଯାଉଛି ବୋଲି ହକି ଇଣ୍ଡିଆ ଏକ ପ୍ରେସ ଇସ୍ତାହାରରେ କହିଛି। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଖେଳାଳି ଦିଲୀପ ତିର୍କି କହିଛନ୍ତି ଯେ, ଏଚ୍‌ଆଇଏଲ୍ ଖେଳକୁ ଏକ ଭିନ୍ନ ସ୍ତରକୁ ନେଇଯାଇଛି। ଏଚ୍‌ଆଇଏଲ୍ ଭାରତୀୟ ହକିରେ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ୨୦୨୬ ସିଜନରେ ଖେଳାଳି ଓ ପ୍ରଶଂସକଙ୍କ ପ୍ରତିକ୍ରିୟା ଅଭୁତପୂର୍ବ ଥିଲା। ଆସନ୍ତା ସିଜନରେ ଭାରତୀୟ ହକିର ମାନ ଯଥେଷ୍ଟ ବୃଦ୍ଧି ପାଇବ। ଏନେଇ ଆମେ ଦୃଢ଼ ଆଶାବାଦୀ ବୋଲି ଦିଲୀପ ପ୍ରକାଶ କରିଛନ୍ତି।

# ଅପରେଶନ ସିନ୍ଦୂର ବେଳେ ମୋଇନଙ୍କ ମା' ଓ ବାପା ପିଓକେରେ ଥିଲେ

**କୋଲକାତା,୧୯।୫:** ଭାରତ ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର ବେଳେ ଇଂଲଣ୍ଡ ତଥା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଅଲରାଉଣ୍ଡର ମୋଇନ ଅଲୀଙ୍କ ମା'ବାପା ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିଲେ। ଏ ନେଇ ମୋଇନ ନିଜେ ସୋମବାର ପ୍ରକାଶ କରିଛନ୍ତି।

''ମୋ ମା'ବାପା ଅପରେଶନ ସିନ୍ଦୂର ବେଳେ ପିଓକେରେ ଥିଲେ। ସେମାନେ ରହୁଥିବା ସ୍ଥାନଠାରୁ ଘଣ୍ଟାଏ ଦୂରରେ ଭାରତ ଦ୍ୱାରା ଷ୍ଟ୍ରାଇକ୍ କରାଯାଇଥିଲା। ଏହା ପାଗଳାମି ଥିଲା। ସେମାନେ ପରେ ସେହିଦିନ ଫ୍ଲାଇଟ୍ସ ଜରିଆରେ ପିଓକେରୁ ଚାଲିଯାଇଥିଲେ। ସେମାନେ ବାହାରିପାରି ଥିବାରୁ ମୁଁ ବହୁତ ଖୁସି'' ବୋଲି ଅଲୀ ଏକ ପଡକାଷ୍ଟରେ କହିଛନ୍ତି। ଏତଦ୍ ବ୍ୟତୀତ ଏକ ସପ୍ତାହ ପାଇଁ ଆଇପିଏଲ୍ ବାଧାପ୍ରାପ୍ତ ହେବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ପିଓକେ ଉପରେ ଭାରତ ଦ୍ୱାରା ଷ୍ଟ୍ରାଇକ୍ କରାଯିବା ପରେ ସବୁ କିଛି ଆରମ୍ଭ ହୋଇଥିଲା। ଏହାପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦ୍ରୁତଗତିରେ ବୃଦ୍ଧି ପାଇଥିଲା। ହଠାତ୍ ଆମେ ଯୁଦ୍ଧ ମଧ୍ୟରେ ଥିବାଭଳି ଅନୁଭବ ହେଉଥିଲା। କିନ୍ତୁ ଆମେ କୌଣସି ମିସାଇଲ ଷ୍ଟ୍ରାଇକ୍ କରୁଥିବାର ଶବ୍ଦ ଶୁଣି ନାହୁଁ। ଆମେ ଯେମିତି ହେଲେ ସ୍ୱଦେଶ ଫେରିବାକୁ ଚାହୁଁଥିଲୁ। କାରଣ ଆମ ପରିବାର ଲୋକେ ଆମ ଲାଗି ଚିନ୍ତିତ ଥିଲେ। କ'ଣ ଘଟୁଥିଲା ସେ ସମ୍ପର୍କରେ ଆମକୁ ସବୁ କିଛି ଜଣା ନ ଥିଲା। କିଛି କହୁଥିଲେ ଯେ, ଯୁଦ୍ଧ ହେବ ନାହିଁ। ସବୁ କିଛି ଠିକ୍ ହୋଇଯିବ। ଏଭଳି ଘଟଣା ପୂର୍ବରୁ ଘଟିଛି। ଅନ୍ୟ କିଛି ଲୋକେ ଯୁଦ୍ଧ ହେବ କହୁଥିଲେ। ଲୋକେ ଏତେ ମିଛ କହୁଥିଲେ ଯେ, ସେମାନଙ୍କ କଥା ଉପରେ ଭରସା କରିବା କଷ୍ଟକର ଥିଲା। ଫ୍ଲାଇଟ୍ସ ବାରମ୍ବାର ବାତିଲ ହେଉଥିବାରୁ ଆମକୁ ଯିବାରେ ବିଳମ୍ବ ହୋଇଥିଲା। ଏଥିଯୋଗୁ ଆମେ ଅଧିକ ଚିନ୍ତିତ ଥିଲୁ।


# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ୰ବାବାଜୀ ଚରଣ ପରିଡ଼ା

ଅର୍ତ୍ତିଆ, କୁସୁନପୁର, ଯାଜପୁର
ଆବିର୍ଭାବ: ୧୫।୦୧।୧୯୪୯
ତିରୋଧାନ: ୧୦।୦୫।୨୦୨୫

ତୁମ ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ ଜୀବନରେ ପାଥେୟ ହୋଇ ରହିବ। ବ୍ୟାଙ୍କ ପରିଚାଳକରୁ ଅବସର ପରେ ସମାଜ ସେବା ଅନ୍ୟମାନଙ୍କୁ ପ୍ରେରଣା ଦେବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ- ସହଧର୍ମିଣୀ: ସନ୍ଧ୍ୟାରାଣୀ ପରିଡ଼ା, ପୁତ୍ର-ପୁତ୍ରବଧୂ: ସମ୍ବିତ-ଗାୟତ୍ରୀ, ସନ୍ଦିପ୍-ଶର୍ବାଣୀ, ଝିଅ-ଜ୍ୱାଇଁ: ସ୍ୱାଗତିକା-ଆନନ୍ଦ, ପରିଡ଼ା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୬୧୧

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



### ୰ତିଳୋତ୍ତମା ଦାଶ

ସ୍ୱାମୀ: ଦାମୋଦର ଦାଶ (ଦିବଂଗତ)
(ପୂର୍ବତନ ଚେୟାରମ୍ୟାନ୍- ଟାଙ୍ଗୀବ୍ଲକ୍)
ଆବିର୍ଭାବ: ୧୨।୦୯।୧୯୪୫
ତିରୋଧାନ: ୩୦।୦୫।୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଶ୍ରୀଚରଣରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ, ସ୍ୱଜନ ପରିଜନ ଓ ଡିଆ (କୋଲସାହି) ନିରାକାରପୁର ଅଞ୍ଚଳବାସୀ

ଧ-୬୧୨



# Classified Everyday
0674-2580101, 9692975378



## REAL ESTATE SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265


Near Lingaraj Temple gharabari plot 2003sf. with boundary wall, no litigation direct owner. Contact No.- 9178924698, 8895829129. D-607

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

Plot for sale 345 dec Mouza Naugaon Bhubaneswar propose road 100sqft. side contact 9337469627. D-76457




**Hostel space with 170 bed available for rent behind Trident Engineering College, Infosys, Patia. Contact- 7008181478.** D-579




Newly open Jyoti SPA positively health benefits (Expert therapist). 8458067955. D-76914

Full body massage by odia therapist in homely atmosphere. 9556498382. D-75386

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76913


## AFFIDAVIT

By virtue of an affidavit No.-827, dated 16.05.25 sworn before the Executive Magistrate, Boudh, I, Deepa Sahu formerly called Deepanjali Sahoo, D/o- Sambhu Sahu, R/o. Village- Palas, P.O.- Butupali, P.S./ Dist.- Boudh, Odisha, PIN- 762014 declare that I have changed my name from Deepanjali Sahoo to Deepa Sahu. Henceforth, I shall be known as Deepa Sahu for all purposes.
Deepa Sahu
D-618

By virtue of an affidavit sworn before the Executive Magistrate, Thuamul Rampur, dated 19.05.2025, I, Basudev Naik, S/o- Late Jadu Naik, R/o. At- Dakkota, P.O.- Gopalpur, P.S.- Th. Rampur, Dist.-Kalahandi, Odisha declare that I have changed my daughter's name from Susrismutirekha Naik to Smrutirekha Naik. Henceforth, she shall be known as Smrutirekha Naik for all future purposes.
Basudev Naik
D-619

I, Prasadi Bagh, R/o. Village- Dhaurakhaman, P.O.- Baraghat, P.S.- Reamal, Dist.- Deogarh, Odisha- 768121 declare by this affidavit No.-309, dated 26.03.25 sworn before the Executive Magistrate, Deogarh that I have changed my minor daughter's name from Ankita Kisan to Ankita Bagh. Henceforth, she shall be known as Ankita Bagh for all future purposes. D-620

I, Gandauri Kujur, W/o- Mudli Oram, R/o. Village- Dimrikuda P.O.- Laimura, Dist.- Deogarh, declare that in Aadhaar Card bearing No.xxxx xxxx 4808 my name has been wrongly mentioned as Gandauri Oram instead of Gandauri Kujur. By this affidavit No.-189, dated 11.03.25 sworn before the Notary Public, Deogarh. I have changed my name to Gandauri Kujur for all future purposes. D-621

Notice by virtue of an affidavit sworn before in the Court of the Magistrate, Daspalla, dated 05.05.2025, I, Lija Parida, Adress: Vill/P.O.-Subalaya, P.S.-Daspalla, Dist.- Nayagarh, PIN-752091 declare that I have changed the name of my daughter from Rojal Parida to Rojalin Parida. Henceforth, she shall be known as Rojalin Parida for all purposes. D-622

I, Subash Chandra Nayak, S/o- Late Baikuntha Nath Nayak, At/P.O.- Khalarda, Dist.- Cuttack, PIN- 753011, Odisha declared by this affidavit No.- 1137, dated- 30.03.2022 by that now onwards I shall be known as SUBASH ACHARYA for all purposes. D-623


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue of an affidavit sworn before the Executive Magistrate, Rasulpur, dated 19.05.2025, I, Keshab Guin, Address: At- Gopalpur, P.O.-Prathamakhandi, P.S.-Kuakhia, Dist.- Jajpur, Odisha-755008 declare that I have changed my daughter's name from Sayena Guin to Suchismita Guin. Henceforth, she shall be known as Suchismita Guin for all purposes. D-616

Before Executive Magistrate, Khallikote affidavit No.- A/1438, 15.05.2025, I, Srisinti Shradhanjali Patra, Res/ Vill- Srikrushnaranapur, P.O.- Panditgaon, P.S.- Khallikote, Ganjam changed my name as Srisinti Shradhanjali Patra to S.Shraddhanjali Patra. Henceforth, I shall be known as S.Shraddhanjali Patra for future purposes. D-617

By virtue of an affidavit sworn before Executive Magistrate, Nayagarh, dated 19.05.2025, I, Prasant Kumar Behera, Address: At- Ramachandrapur patana, P.O.- Manikagoda, Dist.- Khordha, PIN- 752066 declare that I have changed my name from P.K. Behera to Prasant Kumar Behera. Henceforth, I shall be known as Prasant Kumar Behera for all purposes.
Prasant Kumar Behera
D-615

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# LEGAL NOTICE

IR No. - 773, date- 15.05.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ ଶ୍ରୀ ପ୍ରଦୀପ କୁମାର ନାୟକ (ଭାରତୀୟ ପ୍ରଶାସନିକ ସେବା) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ଓ.ଏସ୍.ଏସ୍.କେସ୍ ନମ୍ବର- ୧୫୫/୨୦୨୧

ନୋଟିସ

(ଦେଓ୍ୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ମୀନା କୁମାରୀ ଷଡ଼ଙ୍ଗୀ, ବ୬୭ବର୍ଷ, ସ୍ୱାମୀ- ବିଜୟ କୁମାର ଷଡ଼ଙ୍ଗୀ, ଗ୍ରାମ- ପ୍ଲଟ୍ ନଂ.- ୭୩୭/ପି, ଜୟଦେବ ବିହାର, ପୋ: ଆର୍‌ଆର୍‌ଏଲ୍, ଥାନା- ସହିଦନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା .....ବାଦୀ

ବନାମ

ଗଙ୍ଗାଧର ସାହୁ ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନମ୍ବର ୨ଏ.- ରଞ୍ଜନ ମହାରଣା, ପିତା- ୰କୃଷ୍ଣ ମହାରଣା, ସା/ପୋ- ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନମ୍ବର ୪ ଏ.- ମନୋଜ ମହାରଣା, ପିତା- ୰ରେବତୀ ମହାରଣା, ସା/ପୋ: ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୫ ଏ.- ବସନ୍ତ ମହାରଣା, ପିତା- ୰ବାନାମ୍ବର ମହାରଣା, ସା/ପୋ: ଜୟଦେବ ବିହାର, ଥାନା- ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ....ପ୍ରତିବାଦୀ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ତାଙ୍କ ଗ୍ରାମରେ ରହୁ ନ ଥିବାରୁ ନୋଟିସ୍‌ଗୁଡ଼ିକ ଫେରସ୍ତ ଆସିଛି। ଉପରୋକ୍ତ ପ୍ରତିବାଦୀମାନଙ୍କର ବର୍ତ୍ତମାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.-୨ ସରକାରୀ ଅଫିସ୍, ୟୁନିଟ୍-୫, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୪।୦୬।୨୦୨୫ରିଖ ଦିବା ୧୧.୧୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ୍, ଥାନା ନଂ.- ୩୩, ନୂଆ ଥାନା- ନୟାପଲ୍ଲୀ, ମୌଜା-ଭୁବନେଶ୍ୱର ସହର, ୟୁନିଟ୍- ୧୬

ସାବକ

ଖାତା ନମ୍ବର- ୧୨୩, ପ୍ଲଟ୍ ନମ୍ବର- ୭୩୭, କିସମ- ବାଜେ ଫସଲ, ରକବା- ଏ.୪.୩୦୫ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୪୦, ପ୍ଲଟ୍ ନମ୍ବର- ୧୧୭/୩୩୫୩, କିସମ- ଘରବାରି-୨, ରକବା- ଏ୦.୦୭୪ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ସ୍ୱୟଂ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର- ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୬୨୪

Notice U/o-5, Rule-20 C.P.C.

Court of the 5th Additional Civil Judge, Senior Division, Cuttack
C.S.No.-1146 of 2022
Kousik Samantray .....Plaintiff
-Versus-
Debasish Samantaray and others ....Defendants

To
2) Seema Samantaray @ Mohapatra, D/o- Late Nityananda Samantray, 3) Bindu Samantray @ Pradhan, D/o- Late Nityananda Samantray, W/o-Mihir Pradhan
All are of At/P.O.- Rajabagicha, P.O.-Telenga Bazar, P.S- Badambadi, Dist.-Cuttack.

That the above mentioned suit is posted to 21.06.25 for appearance.

You are hereby directed to appear in this Court on that date, failing which the suit is heard exparty in your absence.

Given under my hand and seal of this Court on 03.05.2025.
5th Additional CJ, SD, Cuttack
D-610

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ସଦର ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ


ଅଭିଯୋଗ ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା କଙ୍କଡ଼ାହାଡ଼ ଗ୍ରାମରେ ଗ୍ରାମ୍ୟ ଜାଗାକୁ ହଡ଼ପ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ସୋମବାର ସଦର ଥାନା ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମ ସଭାପତି ଅନାଦି ଚରଣ ମହାରଣାଙ୍କ ଅଭିଯୋଗରୁ ଜଣାପଡିଛି, ଗ୍ରାମରେ ଥିବା କାଜୁ ଜାଗାକୁ ହଡ଼ପ ଘଟଣାକୁ ନେଇ ଅଦାଲତରେ ମାମଲା ଚାଲୁଛି। ସିଲିଂ ଜମି ଖାତା ନଂ–୪୦୨/୬୭୧ର ୧୩.୫ ଡେସିମିଲ ଜମିକୁ ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ ତତ୍କାଳୀନ ଗ୍ରାମ ସଭାପତି ଦେବରାଜ ବେହେରାଙ୍କ ନାମରେ ରେକର୍ଡ କରାଯାଇଥିଲା। ଉକ୍ତ ଜାଗାକୁ ଚଞ୍ଚକତା କରି ଗ୍ରାମବାସୀଙ୍କ ଅଜାଣତରେ ଜଣେ ଜମି ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିଲା। କିନ୍ତୁ ନୂତନ ଗ୍ରାମ କମିଟି ଚୟନ ହେବାପରେ କମିଟି ଜାଣିବାକୁ ପାଇଲେ ଯେ ପୂର୍ବତନ ସଭାପତି ଓ ସମ୍ପାଦକ ଜଣେ ଜମି ବ୍ୟବସାୟୀଙ୍କୁ ଉକ୍ତ ଗ୍ରାମ୍ୟ ଜାଗାକୁ ଉଚ୍ଚ ଦରରେ ବିକ୍ରି କରିଦେଇଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ କମିଟିକୁ ମଧ୍ୟ ଜଣାଯାଇନାହିଁ। ଏପରିକି ଗ୍ରାମ କମିଟିର ପାସ୍ ବୁକରେ ଉକ୍ତ ଟଙ୍କାକୁ ଜମା କରାଯାଇନାହିଁ। ଗ୍ରାମର କୌଣସି ଉନ୍ନତୀକରଣରେ ଉକ୍ତ ଟଙ୍କାକୁ ଖର୍ଚ୍ଚ ନ କରି ତତ୍କାଳୀନ ସଭାପତି ଓ ସମ୍ପାଦକ ଆତ୍ମସାତ କରିଛନ୍ତି। ଏଥିସହିତ ଉକ୍ତ ଜାଗାରେ ଥିବା ମୂଲ୍ୟବାନ ଔଷଧୀୟ ଗଛକୁ କାଟି ସମ୍ପୃକ୍ତ ଜମି ବ୍ୟବସାୟୀଙ୍କ ସହଯୋଗୀ ବିକ୍ରି କରିଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ଗ୍ରାମ୍ୟ ଜାଗା ହଡ଼ପ ଅଭିଯୋଗ

ଏ ସମ୍ପର୍କରେ ଗ୍ରାମବାସୀ ପ୍ରତିବାଦ କରିବାରୁ ସମସ୍ତ ସଦସ୍ୟଙ୍କୁ ଗାଳିଗୁଲଜ କରି ଘର ଆଗରେ ବନ୍ଧୁକ ଫୁଟାଇ, ବୋମା ପକାଇ ଜୀବନରେ ମାରିଦେବା ପାଇଁ ଧମକ ଚମକ ଦେଉଛନ୍ତି। ତେଣୁ ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରିବା ପାଇଁ ଗ୍ରାମ ସଭାପତି ଅନାଦି ଚରଣ ମହାରଣାଙ୍କ ସମେତ ଗ୍ରାମବାସୀ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ପୂର୍ବତନ ସଭାପତିଙ୍କୁ ଡାକି ତାଙ୍କ ପାଖରେ ଥିବା କିଛି କାଗଜପତ୍ର ଓ ପାସ୍‌ବୁକକୁ ଫେରାଇ ଦିଆଯାଇଛି। ଆଉକିଛି କାଗଜପତ୍ର ସେ ଖୁବ୍‌ଶୀଘ୍ର ଫେରାଇ ଦେବେ ବୋଲି କହିବା ପରେ ଗ୍ରାମବାସୀ ଥାନାରୁ ଫେରିଥିଲେ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଶିକ୍ଷା ସାମାଜିକ ସଂସ୍କାରର ବାର୍ତ୍ତାବହ


ଇ–ଟେକ୍ କଲେଜରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ଢେଙ୍କାନାଳ,୧୯।୫(ରତନ ନାୟାର)

### ଇ-ଟେକ୍ କଲେଜରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ

ଢେଙ୍କାନାଳ ଜିଲା ସଦର ବ୍ଲକ ମଙ୍ଗଳପୁରଠାରେ ଅବସ୍ଥିତ ଇ–ଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ସମର କୋର୍ସରେ ଅଧ୍ୟୟନ କରୁଥିବା ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଏବଂ କଟକ ଜିଲାର ବିଭିନ୍ନ ଅଞ୍ଚଳରୁ ୬୨ଜଣ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମ ସୁନ୍ଦର ଦେହୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା ସାମାଜିକ ସଂସ୍କାରର ବାର୍ତ୍ତାବହ। ଜ୍ଞାନ ଅର୍ଜନ କରିବା ସହ ବସୁଧୈବ କୁଟୁମ୍ବକମ ନୀତିରେ ମାନବବାଦର ପ୍ରକୃତ ପରିଚୟ ଦେବା ହିଁ ଆଜିର ଶିକ୍ଷାର ମୂଳଲକ୍ଷ୍ୟ ବୋଲି ଅଧ୍ୟକ୍ଷ କହିଥିଲେ। ଅନ୍ୟତମ ଅତିଥି ଭାବେ ଇ–ଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି ଯୋଗଦେଇ ଦେଶର ଶିକ୍ଷା ବ୍ୟବସ୍ଥା ପ୍ରଗତିର ବାର୍ତ୍ତାବହ ହେବ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଠିକ୍ ଦିଗଦର୍ଶନ ଦେଲେ ସେମାନେ ଜଣେ ସୁନାଗରିକ ହୋଇପାରିବେ ବୋଲି ଉପାଧ୍ୟକ୍ଷ ଅନିଲ କୁମାର ଗୋଚ୍ଛାୟତ କହିଥିଲେ। ଅଧ୍ୟାପକ ଆଶିଷ କୁମାର ଖଣ୍ଡାୟତରାୟ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିରଞ୍ଚି ନାରାୟଣ ବଳସାମନ୍ତ, ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଜୟପ୍ରକାଶ ବଳିଆରସିଂହ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ।

# ଜଳସ୍ରୋତରେ ପ୍ରତିବନ୍ଧକ: ତଦନ୍ତ କଲା ଯୁଗ୍ମ କମିଟି



ପରଜଙ୍ଗ,୧୯।୫ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅନ୍ତର୍ଗତ ଜଟିଆ ଗ୍ରାମ ବ୍ରାହ୍ମଣୀ ନଦୀ ଗର୍ଭରେ ଜଳସ୍ରୋତରେ ପ୍ରତିବନ୍ଧକ ସୃଷ୍ଟି କରାଯାଇ ବାଲି ଉଠାଣ ପାଇଁ ମସୁଧା ଚାଲିଥିବା ଅଭିଯୋଗ ପାଇ ଏକ ଯୁଗ୍ମ କମିଟି ସୋମବାର ତଦନ୍ତ କରିଛି। ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନମୋହନ ଜେନା, ଢେଙ୍କାନାଳ ଜିଲା ଖଣିଅଧିକାରୀ ଡମ୍ବରୁଧର ମହନ୍ତ, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ତହସିଲ କାର୍ଯ୍ୟାଳୟ ପରିଦର୍ଶକ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମିଳିତଭାବେ କ୍ଷେତ୍ର ପରିଦର୍ଶନ କରିଥିଲେ। ଅତିରିକ୍ତ ତହସିଲଦାର ଜେନା କହିଛନ୍ତି, ଏ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ। ଢେଙ୍କାନାଳ ଜିଲା ଖଣି ଅଧିକାରୀ ଡମ୍ବରୁଧର କହିଛନ୍ତି, ଏ ସଂକ୍ରାନ୍ତରେ ଅନୁଗୋଳ ଜିଲା ଖଣି ଅଧିକାରିଣୀଙ୍କୁ ଅବଗତ କରାଯାଇଛି।

# କମ୍ପ୍ୟୁଟର ଶିକ୍ଷା ସ୍ୱରୋଜଗାର ଦେଇପାରିବ

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳର ସ୍ୱେଚ୍ଛାସେବୀ ସଂସ୍ଥା ଶିକ୍ଷା ଓ ପ୍ରଶିକ୍ଷଣ ବିକାଶ ସମିତି(ଶିକ୍ଷା) ତରଫରୁ ଏକ କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯକ୍ରମ ରବିବାର ଗାନ୍ଧିମନ୍ଦିର ରୋଡ୍‌ସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଫେସର ପ୍ରମୋଦ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କମ୍ପ୍ୟୁଟର ଶିକ୍ଷାର ମହତ୍ତ୍ୱ ଓ ଆଞ୍ଚଳିକ ଭାଷାରେ କମ୍ପ୍ୟୁଟରର ବ୍ୟବହାରିକ ଜ୍ଞାନ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ ନେହରୁ ଯୁବ କେନ୍ଦ୍ରର ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଯୋଗଦାନ କରି କମ୍ପ୍ୟୁଟର ଶିକ୍ଷାପ୍ରାପ୍ତ ହେବା ଦ୍ୱାରା ଚାକିରି ଓ ସ୍ୱରୋଜଗାରର ବିଭିନ୍ନ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ


ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି।

ସୌମ୍ୟବ୍ରତ ସାହୁ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ସ୍ତମ୍ଭକାର ସୟଦ ସଫିରଅଲି ସଭାପତିତ୍ୱ କରିବା ସହ ଦେଶ ମାତୃକାର ସେବାରେ ନିଜକୁ ବ୍ରତୀ କରିଥିବା ୧୦ଜଣ ବୀର ସୈନିକଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ 'ଶିକ୍ଷା' ତରଫରୁ ମାଗଣାରେ କମ୍ପ୍ୟୁଟର ପ୍ରଶିକ୍ଷଣ ନିମନ୍ତେ ଚୟନ କରାଯିବ ବୋଲି ଘୋଷଣା କରିଥିଲେ। ମୁଖ୍ୟ ପ୍ରଶିକ୍ଷିକା ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଜେନ୍ଦ୍ର ଦେବତା, ସନ୍ଦୀପ କର, ଅମ୍ରିତା ମିଶ୍ର, ଶକ୍ତି ପ୍ରସାଦ ବେହେରା, ମହାଦେବ ମଲ୍ଲିକ, ସାଇଦର୍ଶନ ପ୍ରମୁଖ ସହଯୋଗ କରିଥିଲେ।

# ଖବର ପ୍ରକାଶନ ପରେ ହଟାଗଲା ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଜୁବୁଲି ଟାଉନ ଅଞ୍ଚଳରେ ଦୀର୍ଘଦିନ ଧରି ଏକ ବିଦ୍ୟୁତ୍ ଖୁଣ୍ଟ ସହ ତାର ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଥିବା ଏବଂ ବିଦ୍ୟୁତ ବିଭାଗ ଏଥିପ୍ରତି ଜାଣି ଅଜଣା ହେବା ସମ୍ପର୍କରେ ଗତ ୧୮ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶନ ପରେ ବିଦ୍ୟୁତ ବିଭାଗ ସୋମବାର ଉକ୍ତ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟକୁ ହଟାଇ ନୂତନ ଖୁଣ୍ଟ ସ୍ଥାପନ କରିଛି। ଦୀର୍ଘଦିନ ଧରି ଏହି ସମସ୍ୟାର ସମାଧାନ ହୋଇଥିବାରୁ ଜୁବୁଲି ଟାଉନ ପୂଜା କମିଟି ସଭାପତି ଅମ୍ବିକା ପ୍ରସାଦ


ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟକୁ ହଟାଯାଉଛି।

ପଟ୍ଟନାୟକ ଓ ସମ୍ପାଦକ ବିନୋଦ ମହାନ୍ତି ଧରିତ୍ରୀ ଖବରକାଗଜ ସହିତ ବିଦ୍ୟୁତ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ମାଣିପୁର ରାଧାକାନ୍ତ ଜୀଉ ମନ୍ଦିର

### ଲୁକ୍କାୟିତ ଐତିହ୍ୟର ସ୍ମାରକୀ

ଢେଙ୍କାନାଳ,୧୯।୫(ରତନ ନାୟାର)

ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ସମର୍ପିତ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନର ୨୫ତମ ପଦଯାତ୍ରା ସଦର ବ୍ଲକ୍ ମାଣିପୁର ଗ୍ରାମର ଶ୍ରୀ ରାଧାକାନ୍ତ ଜୀଉ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପଦଯାତ୍ରୀମାନେ ରବିବାର ଅପରାହ୍ଣରେ ସେଠାରେ ପହଞ୍ଚିବା ପରେ ମାଣିପୁର ଗ୍ରାମ ସଭାପତି ତଥା ମନ୍ଦିର ଟ୍ରଷ୍ଟର ସଦସ୍ୟଗଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆୟୋଜିତ ଏକ ଆଲୋଚନାଚକ୍ରରେ ଗ୍ରାମ ସଭାପତି ପ୍ରକାଶ ଚନ୍ଦ୍ର ମଲ୍ଲିକ ରାଧାକାନ୍ତ ଜୀଉ ମନ୍ଦିର ସମ୍ପର୍କିତ କିମ୍ବଦନ୍ତୀ ଓ ଅନେକ ଐତିହାସିକ ତଥ୍ୟ ପ୍ରଦାନ କରିଥିଲେ। ଏହି ମନ୍ଦିର ୧୯୩୭ ମସିହାରେ ଭବନ ଚମ୍ପତି ସିଂହ ଓ ଗୋପୀନାଥ ସଂଗ୍ରାମ ସିଂହଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିଲା। ମନ୍ଦିର ସିଂହାସନରେ ବିରାଜିତ ରାଧାକୃଷ୍ଣଙ୍କ ପିତଳ ଯୁଗଳ ମୂର୍ତ୍ତି ଭବନ ଚମ୍ପତି ସିଂହ ନଦୀୟା



ଢେଙ୍କାନାଳ ସଦର ବ୍ଲକ ମାଣିପୁର ଶ୍ରୀ ରାଧାକାନ୍ତ ଜୀଉ ମନ୍ଦିର ପରିସରରେ ଐତିହ୍ୟ ପଦଯାତ୍ରୀ ଦଳ।

ନବଦ୍ୱୀପରୁ ଆଣି ଏଠାରେ ସ୍ଥାପନ କରି ଗ୍ରାମବାସୀଙ୍କ ସହଯୋଗରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। କୌଣସି ସରକାରୀ ସହଯୋଗ ବିନା ଓ ଗ୍ରାମବାସୀଙ୍କ ସ୍ୱଳ୍ପ ଅନୁଦାନରେ ଏହା ତିଷ୍ଠି ରହିଛି। ପୂଜକ ରବିନାରାୟଣ ଦେବତା ଠାକୁରଙ୍କ ପୂଜା ପାର୍ବଣ ସମ୍ପର୍କରେ ସୂଚନା ଦେବା ସହ ରକ୍ଷଣାବେକ୍ଷଣ ନିମନ୍ତେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହା ବଙ୍ଗୀୟ ଶୈଳୀରେ ନିର୍ମିତ ଓ ଉତ୍କଳୀୟ ଖାକରା ଶୈଳୀର ଏକ ଅଦ୍ଭୁତ ସମ୍ମିଶ୍ରଣ ହୋଇଛି ବୋଲି ପଦଯାତ୍ରାରେ ଯୋଗ ଦେଇଥିବା ଅବସର ପ୍ରାପ୍ତ ଇତିହାସ ବିଭାଗ ପ୍ରଫେସର ଦୁର୍ଗା ଚରଣ ବିଶ୍ୱାଳ ସୂଚନା ଦେଇଛନ୍ତି। ଏ ଧରଣର ମନ୍ଦିରଗୁଡିକ ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରଚାର ପରବର୍ତ୍ତୀ କାଳରେ ଓଡ଼ିଶାର ମନ୍ଦିର ସ୍ଥାପତ୍ୟରେ ସଂଯୁକ୍ତ ବୋଲି ମତବ୍ୟକ୍ତ କରିଥିଲେ। ଏହି ପଦଯାତ୍ରାର ଅନ୍ୟତମ ଆକର୍ଷଣ ଥିଲା ୧୯୨୯ ମସିହାର ବେବି ଅଷ୍ଟିନ ଭିଣ୍ଟେଜ୍ କାର। ଏହି ପଦଯାତ୍ରାରେ ପାଲଲହଡାରୁ ସନ୍ତୋଷ କୁମାର ପାଣି, ଜଗତସିଂହପୁର ହେରିଟେଜ୍ ୱାକ୍‌ର ଆବାହକ ଶ୍ରୀକାନ୍ତ ସିଂହ, କଟକ ଐତିହ୍ୟ ପଦଯାତ୍ରାର ବରିଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ଡ.ମଳୟ ରଞ୍ଜନ ପତି, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ସାରନାଥ ମିଶ୍ର, ଅକ୍ଷୟ କୁମାର ଦାସ, ମୁରଲୀଧର ମୁଦୁଲି, ବିକାଶ ପ୍ରଧାନ, ଜନ୍ମେଞ୍ଜୟ ରାଉତ, ସୁମିତ୍ରା ଦେବତା, ପୀୟୂଷ ଅଗ୍ରୱାଲ, ସୁଶ୍ରୀସଙ୍ଗୀତା ସାହୁ, ସୁଜିତ ଦେବତା, ସୀମା ମଲ୍ଲିକଙ୍କ ସହିତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୫ତମ ଐତିହ୍ୟପ୍ରେମୀ ଛାତ୍ର ଯୋଗ ଦେଇଥିଲେ।

# ବନ ବିଭାଗ ପକ୍ଷରୁ ଚଢ଼ାଉ, ୫ ଟ୍ରାକ୍ଟର ଜବତ

ଭୁବନ,୧୯।୫(ବିପିନବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବଢ଼ିବାରେ ଲାଗିଛି। ରବିବାର ବିଳମ୍ବିତ ରାତିରେ ବନ ବିଭାଗ ପକ୍ଷରୁ ବ୍ରାହ୍ମଣୀ ନଦୀ ନୀଳକଣ୍ଠପୁର ଅଞ୍ଚଳରୁ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ଢେଙ୍କାନାଳ ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଭୁବନ ଫରେଷ୍ଟର କଳ୍ପନା ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଓ ଜିଲା ପୋଲିସ ସ୍କ୍ୱାଡ୍ ମିଳିତ ଚଢ଼ାଉ କରିଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚିବାବେଳକୁ ଟ୍ରାକ୍ଟର ଗୁଡିକରେ ବାଲି ବୋଝେଇ ହେଉଥିଲା। ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଦୌଡ଼ି ପଳାଇ ଯାଇଥିଲେ। ସେହି ସ୍ଥାନରେ ଥିବା ବେଆଇନ ବାଲି ବୋଝେଇ ୫ଟି ଟ୍ରାକ୍ଟରକୁ ଜବତ କରି ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି।

# ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳ ଗାନ୍ଧୀମନ୍ଦିର ରୋଡ୍‌ସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟରଠାରେ ଢେଙ୍କାନାଳ ଜନ ସୁରକ୍ଷା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା କବି ବାହାଦୂର ପାଟ୍ଟସାହାଣୀଙ୍କ ଅଧ୍ୟକ୍ଷତାରେ ଡ. ସମୀର ସାହୁ, ଡ. ପ୍ରମୋଦ ନାୟକ, ସମାଜସେବୀ ମଥୁରୀ କୁମାର ସାହୁ, ଅଧ୍ୟାପକ କ୍ଷୀରୋଦ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଜିଲା ସଭାପତି ବିଶିଷ୍ଟ ସମାଜସେବୀ ବିନାୟକ ପ୍ରସାଦ ଶତପଥୀ ଅନୁଷ୍ଠାନ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ କିପରି ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗ୍ରହଣ କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସମୀର କୁମାର ସାହୁଙ୍କୁ ଅନୁଷ୍ଠାନର ନୂତନ ସାଧାରଣ ସମ୍ପାଦକ ଓ ଆଡଭୋକେଟ୍ ବେଣୁଧର ମହାରଣାଙ୍କୁ ଆଇନ୍ ପରାମର୍ଶଦାତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ଈଶ୍ୱରଚନ୍ଦ୍ର ମୁଦୁଲି, ଲଳିତ ମୋହନ ବେହେରା, ଚନ୍ଦ୍ରମଣି ନାୟକ, ସାଗିର୍ ମହମ୍ମଦ, ପବିତ୍ର ମହାରଣା, ପୂର୍ବତନ ଉପଦେଷ୍ଟା ଆଡଭୋକେଟ୍ ପ୍ରମୋଦ କୁମାର ମିଶ୍ର, ରାମଚନ୍ଦ୍ର ଦେବତା, ଅନୱାର ମହମ୍ମଦ, ଭଗବତୀ ସାହୁ, ମହେଶ୍ୱର ସାମଲ, ସଚ୍ଚିଦାନନ୍ଦ ସିଂହ, ଫକୀର ମୋହନ ସାହୁ, ପ୍ରଶାନ୍ତ କୁମାର ମିଶ୍ର ଓ ଗିରିଶ ଚନ୍ଦ୍ର ମହାଲିକ ପ୍ରମୁଖ ସଭ୍ୟମାନେ ଯୋଗଦେଇ ଥିଲେ। ଉପସଭାପତି ସୟଦ ସଫିର୍ ଅଲ୍ଲୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦିଲ୍ଲୀ ପବ୍ଲିକ ସ୍କୁଲର ସମ୍ବର୍ଦ୍ଧନା ଦିବସ


ଦିଲ୍ଲୀ ପବ୍ଲିକ ସ୍କୁଲର ସମ୍ବର୍ଦ୍ଧନା ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ଢେଙ୍କାନାଳ,୧୯।୫(ରତନ ନାୟାର)

ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ରବିବାର ସନ୍ଧ୍ୟାରେ ସହରସ୍ଥିତ ଗୋପବନ୍ଧୁ ଟାଉନ ହଲଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସ୍ୱାଗତ କରାଯାଇଥିଲା। ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଐଶ୍ୱର୍ଯ୍ୟ ଭଗବାନ ସାହୁ ଓ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଛାତ୍ରୀ ହରପ୍ରିୟା ସାହୁ ଏବଂ ବାଣିଜ୍ୟ ବିଭାଗରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅନନ୍ୟା କ୍ରିଷ୍ଣା ବିଦ୍ୟାଳୟ ଏବଂ ଅଞ୍ଚଳର ଗୌରବ ବଢାଇ ପାରିଛନ୍ତି ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାର ବିକାଶଶୀଳ ଧାରା, ଉଜ୍ଜ୍ୱଳ ଭବିଷ୍ୟତର ପରିଚାଳନା ଓ ସଞ୍ଚାଳନ, ଏକବିଂଶ ଶତାବ୍ଦୀରେ ଶିକ୍ଷାର ଆବଶ୍ୟକୀୟ ଶୈଳୀ ଓ ଛାତ୍ରୀଛାତ୍ରମାନଙ୍କ ବିକାଶରେ ଦିଲ୍ଲୀ ପବ୍ଲିକ ସ୍କୁଲର ଭୂମିକା ଆଦି ବିଷୟରେ ଅଧ୍ୟକ୍ଷ ଆଲୋକପାତ କରିଥିଲେ। ଏହି ଅବସରରେ ଶତକଡ଼ା ୯୦ରୁ ଅଧିକ ନମ୍ବର ରଖିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରୋ–ଭାଇସ ଚେୟାରମ୍ୟାନ ବିନୋଦ ଦାଶ, ନିର୍ଦ୍ଦେଶକ ଡ. ଲଗ୍ନଜିତ ଦାଶଙ୍କ ନିର୍ଦ୍ଦେଶରେ ପ୍ରଶାସନିକ ଅଧିକାରୀ ମାନସ ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଫ୍ଲାଏଆଶ୍, ଏଲ୍‌ଡି ସ୍ଲାଗ୍‌ର ସଦୁପଯୋଗ

### ଅନୁଗୋଳ ବାଇପାସ ନିର୍ମାଣରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଯୋଗଦାନ

ଢେଙ୍କାନାଳ,୧୯।୫(ରତନ ନାୟାର)

ରାସ୍ତା ନିର୍ମାଣ କାର୍ଯ୍ୟରେ ଶିଳ୍ପ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପରିବେଶ ସୁରକ୍ଷା ପ୍ରତି ନିଜ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଟିଏସ୍‌ଏମ୍ ପାୱାର ପ୍ଲାଣ୍ଟରୁ ବାହାରୁଥିବା ଫ୍ଲାଏଆଶ୍ ଏବଂ ବେସିକ୍ ଅକ୍ସିଜେନ ଫର୍ନେସରୁ ବାହାରୁଥିବା ଏଲ୍‌ଡି ସ୍ଲାଗକୁ ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ବାଇପାସ୍ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଇଛି। ଟିଏସ୍‌ଏମ୍‌ର ଏହି ପଦକ୍ଷେପ ଦ୍ୱାରା ପରିବେଶ ସୁରକ୍ଷିତ ରହିବା ସହ ରାସ୍ତା ଭରଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀ ଉପରେ ନିର୍ଭରତା ଅନେକାଂଶରେ ହ୍ରାସ ପାଇଛି। ଶିଳ୍ପ ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର କରିବା ଦ୍ୱାରା ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ


ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଯୋଗଦାନରେ ନିର୍ମାଣ ହୋଇଥିବା ଅନୁଗୋଳ ବାଇପାସ।

ଏକ ଦୀର୍ଘସ୍ଥାୟୀ ବିକଳ୍ପ ସୃଷ୍ଟି ହୋଇପାରିଛି। ଫ୍ଲାଏଆଶ୍ ବିଜ୍ଞପ୍ତି, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ୨୦୨୩–୨୪ ଓ ୨୦୨୪–୨୫ ଆର୍ଥିକ ବର୍ଷରେ ଟିଏସ୍‌ଏମ୍ ଦ୍ୱାରା ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ବାଇପାସ ନିର୍ମାଣ ପାଇଁ ୧୦.୭୩ ଲକ୍ଷ ମେଟ୍ରିକ ଟନ୍ ଫ୍ଲାଏଆଶ୍ ଓ ୯.୫୬ ଏଲ୍‌ଏମ୍‌ପି ଏଲ୍‌ଡି ସ୍ଲାଗ ପ୍ରଦାନ କରାଯାଇଛି। ଅନୁଗୋଳ ବାଇପାସ ରାସ୍ତା ପ୍ରକଳ୍ପର ତଦାରଖ କରୁଥିବା ଜାତୀୟ ରାଜପଥ ପ୍ରାଧିକରଣ ରାସ୍ତା ନିର୍ମାଣ କାର୍ଯ୍ୟରେ ଶିଳ୍ପ ବର୍ଜ୍ୟବସ୍ତୁ ପରି ଅନ୍ୟାନ୍ୟ ପରିବେଶ ଉପଯୋଗୀ ସାମଗ୍ରୀର ପୁନଃ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଇ ଆସିଛି। ପରିବେଶର ସୁରକ୍ଷା ପାଇଁ ଟାଟା ଷ୍ଟିଲ୍‌ର ଏହି ପ୍ରୟାସ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତକୁ ସୁଦୃଢ଼ କରିବା ଏବଂ ଅର୍ଥନୀତିକୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଅନୁଗୋଳ ବାଇପାସ ରାଜପଥ ଅନୁଗୋଳ ସହର ଭିତରେ ଦେଖା ଦେଉଥିବା ଭିଡ଼କୁ ହ୍ରାସ କରିବ ଓ ପରିବହନ ବ୍ୟବସ୍ଥାର ଉନ୍ନତିରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୨୦/୨୦୨୫ Bhubaneswar, Tuesday, May 20/ 2025

Dr. Juneja's ପେଟ ସଫା®
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଛନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍ସ/ଟାବ୍‌ଲେଟ୍ସ । ଏହା ମୁହଁରେ ଲାଖେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।
20% EXTRA
TABLETS
Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested*
*For efficacy and safety.
Divisa www.divisastore.com
24x7 Helpline: 91197 88888 | www.petsaffa.com
Available at all medical & general stores
UIN-A01-AY-PB-2025

## ଏସିଆ କପ୍‌ରୁ ଓହରିବ ନାହିଁ ଭାରତ:ବିସିସିଆଇ

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** ଭାରତ ଆସନ୍ତା ପୁରୁଷ ଏସିଆକପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରୁ ଓହରିଯିବା ଲାଗି ଯେଉଁ ନିଷ୍ପତ୍ତି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାକୁ ଦୃଢ଼ଭାବେ ଖଣ୍ଡନ କରିବା ସହ ଏହା ଅନୁମାନ ଓ କାଳ୍ପନିକ ବୋଲି କହିଛି। ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, କିଛିଦିନ ତଳର ଦୁଇ ପଡ଼ୋଶୀ ରାଷ୍ଟ୍ରରେ ସାମରିକ ବିବାଦକୁ ନେଇ ବିସିସିଆଇ ଭାରତୀୟ ଦଳକୁ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି)ର ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ଦେବ ନାହିଁ। କାରଣ ପାକିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମହସୀନ ନକ୍‌ଭି ଏସିସିର ସଭାପତି ଥିବାବେଳେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଅଛନ୍ତି। ଗତଥରର ଚାମ୍ପିୟନ ଭାରତ ସେପ୍ଟେମ୍ବରରେ ଟି୨୦ ଫର୍ମାଟରେ ଖେଳାଯାଉଥିବା ପୁରୁଷ ଏସିଆ କପ୍‌ର ଆୟୋଜକ। ଅନ୍ୟପକ୍ଷରେ ଶ୍ରୀଲଙ୍କା ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ର ଆୟୋଜକ ହୋଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସୋମବାର ସକାଳେ କିଛି ଖବର ଆମ ନଜରକୁ ଆସିଛି। ଆସନ୍ତା ଏସିଆ କପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରେ ଭାରତ ଅଂଶଗ୍ରହଣ ନ କରିବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଥିବା ଏଥିରେ ପ୍ରକାଶ ପାଇଛି। ଏଭଳି ଖବରର କୌଣସି ସତ୍ୟତା ନାହିଁ। ବିସିସିଆଇରେ ଏହି ପ୍ରସଙ୍ଗରେ ଏପରି କି କୌଣସି ଆଲୋଚନା ହୋଇନାହିଁ। ସାଇକିଆ କହିଛନ୍ତି, ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କିପରି ସୁଚାରୁ ପରିଚାଳିତ ହେବ ଏବଂ ଆସନ୍ତାମାସରେ ଇଂଲଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ବିସିସିଆଇର ନଜର ରହିଛି। ଏସିସି ଇଭେଣ୍ଟ ଉପରେ ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଏ ତେବେ ତାହା ଗଣମାଧ୍ୟମ ଜରିଆରେ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

# ଲକ୍ଷ୍ନୌର ଦୃଢ଼ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଲକ୍ଷ୍ନୌ, ୧୯।୫**

ଚଳିତ ଆଇପିଏଲ୍‌ରେ ସୋମବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଓ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ମିଚେଲ ମାର୍ଶ ଓ ଏଡେନ ମାରକ୍ରାମଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ହାଇଦ୍ରାବାଦ୍ ସମ୍ମୁଖରେ ୨୦୬ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଏହି ମ୍ୟାଚ୍ ଜରିଆରେ ହର୍ଶଲ ପଟେଲ ଆଇପିଏଲ୍‌ରେ ୧୫୦ ଉଇକେଟ ପୂରଣ କରିଛନ୍ତି।

ଟସ୍ ଜିତି ହାଇଦ୍ରାବାଦ୍ ଅଧିନାୟକ ପ୍ୟାଟ କମିନ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ମାର୍ଶ ଓ ମାରକ୍ରାମଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୧୦.୩ ଓଭରରେ ୧୧୫ ରନ କରିଥିଲେ। ମାର୍ଶ ୩୯ ବଲରେ ୬ ଚୌକା ଓ ୪ ଛକା ସହିତ ୬୫ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା ରିଷଭ ପନ୍ତ (୭) ପୁଣି ଥରେ ବିଫଳ ହୋଇଥିଲେ। ଏହାପରେ ମାରକ୍ରାମ ଓ ନିକୋଲସ ପୁରନ ଦଳୀୟ ସ୍କୋରକୁ ୧୫୦ ପାର ପହଞ୍ଚାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ମାରକ୍ରାମ ୩୮ ବଲରେ ୪ ଲେଖାଏ ଚୌକା ଓ ଛକା ସହ ୬୧ ରନ କରି ପାଭିଲିଅନ ଫେରିଥିଲେ। ଚଳିତ ଆଇପିଏଲ୍‌ରେ ଏହା ତାଙ୍କର ପଞ୍ଚମ ଅର୍ଦ୍ଧଶତକ ଥିଲା। ଶେଷ ଆଡ଼କୁ ପୁରନ ୨୬ ବଲରେ ୬ ଚୌକା ଓ ୧ ଛକା ସହିତ ୪୫ ରନ କରି ରନଆଉଟ୍ ହୋଇଥିଲେ। ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ହାଇଦ୍ରାବାଦ ପକ୍ଷରୁ ଇଶାନ ମାଲିଙ୍ଗା ଦୁଇ ଉଇକେଟ ନେଇଥିବା ବେଳେ ହର୍ଶ ଦୁବେ, ନୀତିଶ ରେଡ୍ଡୀ ଓ ହର୍ଶଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୫/୭ (ମିଚେଲ ମାର୍ଶ-୬୫, ଏଡେନ ମାରକ୍ରାମ-୬୧, ନିକୋଲସ ପୁରନ-୪୫, ଇଶାନ ମାଲିଙ୍ଗା-୨/୨୮, ନୀତିଶ କୁମାର ରେଡ୍ଡୀ-୧/୨୮, ହର୍ଶ ଦୁବେ-୧/୪୪, ହର୍ଶଲ ପଟେଲ-୧/୪୯)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଚେନ୍ନାଇ ବନାମ ରାଜସ୍ଥାନ

ସ୍ଥାନ: ଦିଲ୍ଲୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

## କୋହଲିଙ୍କୁ ପଛରେ ପକାଇଲେ ଗିଲ

**ନୂଆଦିଲ୍ଲୀ, ୧୯।୫**

ଚଳିତ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଥିବା ଗୁଜରାଟ ଟାଇଟନ୍ସ (ଜିଟି) ଅଧିନାୟକ ଶୁବମନ ଗିଲ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବିପକ୍ଷ ମ୍ୟାଚ୍‌ରେ ଟି୨୦ କ୍ୟାରିୟରରେ ୫ ହଜାର ରନ ପୂରଣ କରିଛନ୍ତି। ଏହି ମ୍ୟାଚ୍‌ରେ ଗିଲ ୫୩ ବଲରେ ୩ ଚୌକା ଓ ୭ ଛକା ସହିତ ଅପରାଜିତ ୯୩ ରନ କରିଥିଲେ। ଏହି ଅବସରରେ ଟି୨୦ ଫର୍ମାଟରେ ୫ ହଜାର ରନ ପୂରଣ କରିଥିବା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସେ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। କୋହଲି ୧୬୭ତମ ଇନିଂସରେ ଏହି ମାଇଲଖୁଣ୍ଟରେ ପହଞ୍ଚିଥିବା ବେଳେ ଗିଲ ୧୫୪ତମ ଇନିଂସରେ ୫ ହଜାର ପୂରଣ କରିଛନ୍ତି। ତେବେ ଟି୨୦ କ୍ରିକେଟରେ ୫୦୦୦ ରନ ପୂରଣ କରିବାରେ ଲୋକେଶ ରାହୁଲ ଦ୍ରୁତତମ ଭାରତୀୟ।

## ଆର୍ଟ ଜିତିଲେ ୯ମ ଷ୍ଟେଜ



୯ମ ଷ୍ଟେଜ ଜିତିବାପରେ ୱାଉଟ ଭାନ ଆର୍ଟ।

**ରୋମ, ୧୯।୫**

**ଗିରୋ ଡି ଇଟାଲିଆ**

ବେଲଜିୟମର ଭିଷ୍ମା-ଲିଜ୍ ଏ ବାଇକ ଟିମ୍ ରାଇଡର ୱାଉଟ ଭାନ ଆର୍ଟ ଗିରୋ ଡି ଇଟାଲିଆ ସାଇକେଲ ରେସ୍‌ର ୯ମ ଷ୍ଟେଜ ବିଜେତା ହୋଇଛନ୍ତି। ଗୁବିଓଠାରୁ ସିଏନା ପର୍ଯ୍ୟନ୍ତ ୧୮୧ କିଲୋମିଟର ବିଶିଷ୍ଟ ହିଲି ଷ୍ଟେଜ୍‌କୁ ଆର୍ଟ ୪ ଘଣ୍ଟା ୧୫.୮ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୨୦୧୮ରେ ରୋଡ୍ ରେସ୍ କ୍ୟାରିୟର ଆରମ୍ଭ କରିଥିବା ଆର୍ଟଙ୍କର ଏହା ପ୍ରଥମ ଷ୍ଟେଜ୍ ବିଜୟ। ମେକ୍ସିକୋର ୟୁଏଇ ଟିମ୍ ଏମିରେଟ୍ସ ଏକ୍ସଆରଜି ଟିମ୍ ରାଇଡର ଇସାକ ଡେଲ୍ ଟୋରୋ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଏପର୍ଯ୍ୟନ୍ତ କୌଣସି ଷ୍ଟେଜ ବିଜେତା ହୋଇ ନ ଥିଲେ ମଧ୍ୟ ୯ମ ରାଉଣ୍ଡ ଶେଷସୁଦ୍ଧା ମେକ୍ସିକୋର ଟୋରୋ ଓଭରଅଲ୍ ଅଗ୍ରଣୀ ହୋଇ ପିଙ୍କ୍ ଜର୍ସି ହାସଲ କରିଛନ୍ତି। ପ୍ରଥମ ମେକ୍ସିକାନ ଭାବେ ସେ ଗିରୋ ଡି ଇଟାଲିଆରେ ଅଗ୍ରଣୀ ରହିଛନ୍ତି। ଗୋଟିଏ ଦିନର ବିଶ୍ରାମ ପରେ ୧୦ମ ଷ୍ଟେଜ୍ ଇଟାଲିର ଲୁକ୍କାଠାରୁ ପିସା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ୨୮.୬ କିଲୋମିଟର ବିଶିଷ୍ଟ ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ୍ ଷ୍ଟେଜ୍। ପ୍ରତିଯୋଗିତାରେ ମୋଟ ୨୧ଟି ଷ୍ଟେଜ ହେବ। ଜୁନ୍ ୧ରେ ଭାଟିକାନ ଗାର୍ଡେନ୍ସ (ଭାଟିକାନ ସିଟି)ଠାରୁ ୧୪୩ କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜ୍ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## କପାକ୍‌ପୋଙ୍କୁ ହରାଇଲେ ଫୈଜାନ

**ବେଙ୍ଗାଲୁରୁ, ୧୯।୫(ପି.ଟି.)**

ଭାରତର ଫୈଜାନ ଅନୱର ୧୦ ରାଉଣ୍ଡ ବିଶିଷ୍ଟ ୱେଲ୍ଟରୱେଟ ଇଣ୍ଟରନ୍ୟାଶନାଲ ପ୍ରଫେଶନାଲ ବକ୍ସିଂ ମୁକାବିଲାରେ ଘାନାର କପାକ୍‌ପୋ ଅଲୋଟିଙ୍କୁ ଏକତରଫା ଭାବେ ପରାସ୍ତ କରିଛନ୍ତି। ଏହି ମୁକାବିଲା ଗ୍ରାସରୁଟ ବକ୍ସିଂ ଓ କ୍ରାଉନ ବକ୍ସିଂ ଦ୍ୱାରା ବେଙ୍ଗାଲୁରୁଠାରେ ଆୟୋଜିତ ସୁପର ଫାଇଟର ସିରିଜ୍ ୩ର ମୁଖ୍ୟ ଇଭେଣ୍ଟର ଅଂଶବିଶେଷ ଥିଲା। ୟୁକ୍ରେନର ଡାନିଲୋ ହନଚାରୁ ଡବ୍ଲ୍ୟୁବିଏ ଏସିଆ ମିଡଲ-ଇଷ୍ଟ ସୁପର ଲାଇଟ୍‌ୱେଟ ଟାଇଟଲ ଜିତିଛନ୍ତି। ଡବ୍ଲ୍ୟୁବିଏ ଏସିଆ ମିଡଲ-ଇଷ୍ଟ ସୁପର ଲାଇଟ୍‌ୱେଟ ଟାଇଟଲ ମୁକାବିଲାର ତୃତୀୟ ରାଉଣ୍ଡରୁ ରିପବ୍ଲିକ ଅଫ ଡାଗେସ୍ତାନର ରୁସଲାନ କାମିଲୋଭ ରିଟାୟର୍ଡ ହୋଇଯାଇଥିଲେ। ଫଳରେ ଡାନିଲୋଙ୍କୁ ଟେକନିକାଲ ନକ୍‌ଆଉଟ୍ ଦିଆଯାଇଥିଲା। ଅନ୍ୟ ମୁକାବିଲାରେ ମିଜୋରାମର ଏଫ୍ ଜୋରାମଚାନା, ବେଙ୍ଗାଲୁରୁର କମଲା ରୋକା, ରୋହିତ ଚୌଧାରୀ, ଅମନ ବାହାଦୁର ଓ ରିତେଶ ସିଂ ବିଷ୍ଟ ନିଜ ନିଜ ବାଉଟ୍ସରେ ବିଜୟୀ ହୋଇଛନ୍ତି। ମହିଳା କାଟେଗୋରିରେ ହରିୟାଣାର ରାନି ଦେବୀ ବେଲାରୁଷର ଆଲେକସାଣ୍ଡ୍ରା ସିଟ୍‌ନିକୋଭାଙ୍କୁ ହରାଇଛନ୍ତି।

# ଅନନ୍ୟା, ରିୟାଂଶ ଚାମ୍ପିୟନ

**ଭୁବନେଶ୍ୱର, ୧୯।୫ (ତପନ ସ୍ୱାଇଁ)**

**ରାଜ୍ୟ ୭ ବର୍ଷରୁ କମ୍ ଚେସ୍**

ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ସୋମବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଶେଷ ହୋଇଛି। ଏହାର ବାଳିକା ବର୍ଗରେ ଖୋର୍ଦ୍ଧାର ଅନନ୍ୟା ଅନ୍ୱେଷା ମିଶ୍ର ଓ ବାଳକରେ ସୁନ୍ଦରଗଡ଼ର ରିୟାଂଶ ଅଗ୍ରୱାଲ ଚାମ୍ପିୟନ ହୋଇଛନ୍ତି। ଅପରାଜିତ ରହିଥିବା ଅନନ୍ୟା ଏକମାତ୍ର ଖେଳାଳିଭାବେ ପୂରା ୮ ପଏଣ୍ଟ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ପ୍ରତ୍ୟକ୍ଷା ସମ୍ଭବୀ ୭ ଓ ଅର୍ଣ୍ଣବୀ ପଣ୍ଡା ୫.୫ ପଏଣ୍ଟ ପାଇ ଯଥାକ୍ରମେ ରନରଅପ୍ ଓ ତୃତୀୟ ସ୍ଥାନ ପାଇଛନ୍ତି। ବାଳକରେ ରିୟାଂଶ ଓ ପ୍ରଜ୍ଞାନ ମିଶ୍ର ୭.୫ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଟାଇବ୍ରେକ୍ ସ୍କୋରରେ ରିୟାଂଶ ଚାମ୍ପିୟନ ଓ ପ୍ରଜ୍ଞାନ ରନରଅପ୍ ହୋଇଛନ୍ତି। ଦୁଇଜଣ ଯାକ ଖେଳାଳି ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହିଥିଲେ। ପରସ୍ପରକୁ ମୁକାବିଲା ବେଳେ ମ୍ୟାଚ ଡ୍ର ରଖି ପଏଣ୍ଟ ଭାଗ କରିଥିଲେ। କାବ୍ୟାଂଶ ଚକ୍ରବର୍ତ୍ତୀ (୬ ପଏଣ୍ଟ) ୩ୟ ସ୍ଥାନ ଅଧିକାର କରିଛନ୍ତି।

ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଲ୍ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଓ ସମ୍ପାଦକ ଦେବବ୍ରତ ଭଞ୍ଜ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳୀ ମାନଙ୍କୁ ନଗଦ ୨୦,୦୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୩୨ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ସିଏଫ ଚେୟାରମ୍ୟାନ ସନ୍ତୋଷ ମହାପାତ୍ର, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଜାତୀୟ ଆର୍ବିଟର ସୁରଜ କୁମାର ମହାରଣା, କ୍ରୀଡ଼ା ବିଭାଗର ସାୟନ ଦାସ, ଅଂଶୁମାନ ଭୂୟାଁ ଏବଂ ମାନସ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ବାଳିକା ଓ ବାଳକ ବର୍ଗରେ ଶ୍ରେଷ୍ଠ ୬ ଜଣ ଲେଖାଏ ଖେଳାଳି ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତାରେ ଭାଗ ନେବେ। ଏହା ଆସନ୍ତା ଜୁନ୍ ୧ରୁ ୬ ପର୍ଯ୍ୟନ୍ତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଶ୍ରେଷ୍ଠ ୩ ଖେଳାଳିଙ୍କ ବ୍ୟତୀତ ବାଳିକାରେ ଦେବାଂଶୀ ସାହୁ, ଆରାଧ୍ୟା ମହାରଣା, ଆଦିଶା କାନୁନ୍‌ଗୋ ଏବଂ ବାଳକରେ ଶିବାଂଶିତ ସାସମଲ, ଗୌରବ ଗୌରୀନନ୍ଦନ ଦାଶ ଓ କ୍ରିଶିତ ପଣ୍ଡା ଏଥିରେ ଖେଳିବେ।



ରାଜ୍ୟ ୭ ବର୍ଷରୁ କମ୍ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଝାରସୁଗୁଡ଼ା, ସୋନପୁର, ଖୋର୍ଦ୍ଧା, କିଟ୍ ବିଜୟୀ

**ଭୁବନେଶ୍ୱର, ୧୯।୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ପ୍ରିମିୟର ଲିଗ୍ (ଗ୍ରୁପ୍ 'ଏ' ଓ 'ବି')ରେ ସୋମବାର ଝାରସୁଗୁଡ଼ା, ସୋନପୁର, ଖୋର୍ଦ୍ଧା, ଭୁବନେଶ୍ୱର 'ବି' ଓ କିଟ୍ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ବର୍ଷା ଯୋଗୁ ସମ୍ବଲପୁର 'ବି' ଓ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଅଧାରୁ ବାତିଲ କରିଦିଆଯାଇଛି। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଝାରସୁଗୁଡ଼ା ୪୩ରନ୍‌ରେ ଯାଜପୁରକୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ୪୭ତମ ଓଭରରେ ୯ଉଇକେଟ ବିନିମୟରେ ୨୩୬ ରନ କରିଥିଲା। ଦଳର ଟପ୍ ସ୍କୋରର ଓମ୍ ସକୁନିଆ ୭୪ ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ସଫଳ ବୋଲର ନସିମ ଅହମ୍ମଦ ୪ ଉଇକେଟ ନେଇଥିଲେ। ଜବାବରେ ଯାଜପୁର ୪୬.୪ ଓଭରରେ ୧୯୩ ରନ କରି ଅଲଆଉଟ ହୋଇଯାଇଥିଲା। ଝାରସୁଗୁଡ଼ା ଦଳ ତରଫରୁ ଚମତ୍କାର ବୋଲିଂ କରିଥିବା ନୀରବ ଅଗ୍ରୱାଲ (୫.୪-୧-୨୫-୩) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକ ଡ୍ରିମ୍ସ ଗ୍ରାଉଣ୍ଡରେ ଡିଏଲ୍‌ଏସ୍ ପଦ୍ଧତିରେ ସୋନପୁର ୮ରନରେ ଭଦ୍ରକକୁ ପରାସ୍ତ କରିଛି। ଏଥିରେ ସୋନପୁର ୩୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ କରିଥିଲା। ବର୍ଷା ଯୋଗୁ ଡିଏଲ୍‌ଏସ୍ ପଦ୍ଧତିରେ ଭଦ୍ରକ ପାଇଁ ୨୪ ଓଭରରେ ୧୩୦ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଦଳ ୨୪ ଓଭରରେ ୮ଉଇକେଟ ହରାଇ ୧୨୧ ରନ କରିବାରେ ସମର୍ଥ ହୋଇଥିଲା। ଏଥିରେ ଭଦ୍ରକ ବୋଲର ଧ୍ରୁବଜ୍ୟୋତି ପହରିଆ (୧୦-୪-୪୩-୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କଟକ ସନ୍‌ସାଇନ୍ ଗ୍ରାଉଣ୍ଡରେ ସମ୍ବଲପୁର ଓ ରାୟଗଡ଼ା ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚକୁ ବର୍ଷା ଯୋଗୁ ଅଧାରୁ ବାତିଲ କରିଦିଆଯାଇଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ନୟାଗଡ଼ ବିପକ୍ଷରେ ଖୋର୍ଦ୍ଧା ୧୬୧ ରନରେ ସହଜ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ମୃତ୍ୟୁଞ୍ଜୟ ମହାପାତ୍ର (୭୯ବଲ୍‌ରୁ ୧୦୧*)ଙ୍କ ଅପରାଜିତ ଶତକ ଓ ୪୫.୪ ଓଭରରେ ୨୩୭ ରନ କରିଥିଲା। ବିପକ୍ଷ ଦଳର ରିକି ମହାନ୍ତି ୪ ଓ ବିଶ୍ୱଜିତ ପ୍ରଧାନ ୩ ଉଇକେଟ ନେଇଥିଲେ। ନୟାଗଡ଼ ୧୮.୫ ଓଭରରେ ମାତ୍ର ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଖୋର୍ଦ୍ଧାର ଅଭିଜିତ ମହାନ୍ତି ୪ ଓ ପୀୟୂଷ ବଳିୟାର ସିଂ ୩ଉଇକେଟ ଅକ୍ତିଆର କରିଥିଲେ। ଶତକ ହାସଲକାରୀ ମୃତ୍ୟୁଞ୍ଜୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ମୃତ୍ୟୁଞ୍ଜୟ ମହାପାତ୍ର


ଜଗଦୀଶ ମହାପାତ୍ର


ଧ୍ରୁବଜ୍ୟୋତି ପହାରି


ସ୍ୱୟମ ପଣ୍ଡା

**୧୯ ବର୍ଷରୁ କମ୍ କ୍ରିକେଟ**

ସେହିପରି ରେଭେନ୍‌ଶା କ୍ରିକେଟ ଗ୍ରାଉଣ୍ଡ-୧ରେ ନବରଙ୍ଗପୁର ବିପକ୍ଷରେ ଭୁବନେଶ୍ୱର 'ବି' ୭ଉଇକେଟରେ ବିଜୟୀ ହୋଇଛି। ବିଜୟୀ ଦଳର ଜଗଦୀଶ ମହାପାତ୍ର (୮-୩-୩୧-୫) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା କ୍ରିକେଟ ଗ୍ରାଉଣ୍ଡ-୨ରେ ବୌଦ୍ଧ ବିପକ୍ଷରେ କିଟ୍ ୮ ଉଇକେଟରେ ସହଜ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବୌଦ୍ଧ ମାତ୍ର ୮୦ ରନ କରି ଅଲଆଉଟ ହୋଇଯାଇଥିଲା। କିଟ୍ ୧୭ ଓଭରରେ ୨ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ସ୍ୱୟମ୍ ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪ ଉଇକେଟ ନେବା ସହ ୨୬ ରନ କରିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ